R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୫୩

ତିଥି : ଦ୍ୱିତୀୟା

୨୮ ସେପ୍ଟେମ୍ବର ୨୦୨୬, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 353

28 September 2026, Monday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

# ମହାନଦୀରେ ଆସୁଛି ଛୋଟ ବନ୍ୟା

ଭୁବନେଶ୍ୱର,୨୭।୯,(ସବ୍ୟୁ): ଗଭୀର ଅବପାତ ପ୍ରଭବାରେ ମହାନଦୀ ପ୍ରଣାଳୀର ବିଭିନ୍ନ ଅବବାହିକାରେ ବ୍ୟାପକ ବର୍ଷା ଯୋଗୁ ସିଓନାଥ, ଜୋଙ୍କ ଓ ମହାନଦୀର ଅନ୍ୟାନ୍ୟ ଉପନଦୀରେ ଜଳପ୍ରବାହ ବୃଦ୍ଧି ପାଇଥିଲା । ଏହାସହ ଛତିଶଗଡ଼ର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ହୀରାକୁଦରେ ୨୮ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ଫଳରେ ମହାନଦୀରେ ଏକ ଛୋଟ ଧରଣର ବନ୍ୟା ଆଶଙ୍କା କରାଯାଉଛି ।

ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୫ ଫୁଟ୍ ରହିଛି । ମୋଟ ୨୮ଟି ଗେଟ୍ ମାଧ୍ୟମରେ ୪,୫୬,୭୯୨ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି । ବଢୁଥିବା ଜଳପ୍ରବାହ ଓ ଜଳଭଣ୍ଡାରର ସ୍ଥିତି ଉପରେ ବିଭାଗ ପକ୍ଷରୁ ନିରନ୍ତର ନଜର ରଖାଯାଇ ଆବଶ୍ୟକତାନୁସାରେ ଜଳ ନିୟନ୍ତ୍ରଣ ଓ ନିଷ୍କାସନ ପଦକ୍ଷେପ ଗ୍ରହଣ କରାଯାଉଛି । ହୀରାକୁଦ ଡ୍ୟାମ୍‌ରୁ



## ➥ ହୀରାକୁଦ ଡ୍ୟାମର ୨୮ ଗେଟ୍ ଖୋଲା
## ➥ ମୁଣ୍ଡୁଳିରେ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ

ନିଷ୍କାସିତ ପାଣିରେ ତେଲ୍ ବେସିନର ପାଣି ମିଶିବା ଫଳରେ ଆଜି(ରବିବାର) ରାତି ସୁଦ୍ଧା କଟକ ମୁଣ୍ଡଳିରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ । ଏହି ପରିମାଣ ଧିରେ ଧିରେ ବି ଆସନ୍ତାକାଲ(ସୋମବାର) ସକାଳ ୧୦ଟା ସୁଦ୍ଧା ୮ ଲକ୍ଷ କ୍ୟୁସେକରେ ପହଞ୍ଚିବ ବୋଲି ଆକଳନ କରିଛି ଜଳସମ୍ପଦ ବିଭାଗ । ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଛୋଟ ଧରଣର ବନ୍ୟା ସ୍ଥିତି ଉପୁଜିବ ବୋଲି କହିଛନ୍ତି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ।

ମହାନଦୀର ଶାଖା ନଦୀ ଲୁଣା, କରାଣ୍ଡିଆ, ଚିତ୍ରୋପ୍ତଳା, କାଠଯୋଡ଼ି, କୁଆଖାଇ, ଦେବୀ, ଦୟା, ଭାର୍ଗବୀ, ରାଜୁଆ ଓ ମକରାରେ ବନ୍ୟା ଆସିବ । ଏହା ଫଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହେବ । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା, ଗରଦପୁର ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇପାରେ । ବାଙ୍କୀ, ବଡ଼ମ୍ବା, ଆଠଗଡ଼, କଣାସ, ନିମାପଡ଼ା ଗୋପ୍, ଏରସମା ବାଲିକୁଦା ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିବାର ଆଶଙ୍କା ରହିଛି । ଗତ ଜୁଲାଇ ୩୦ ତାରିଖରେ ଆସିଥିବା ବନ୍ୟା ବେଳେ ମୁଣ୍ଡଳିରେ ୮.୯ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ (୯ ପୃଷ୍ଠାରେ)

# ଏସିଆଡରେ ଭାରତର ମେଡାଲ୍ ମ୍ୟାଜିକ୍

ନାଗୋୟା,୨୭।୯(ଏଜେନ୍ସି): ଏସିଆନ୍ ଗେମ୍ସର ଅଷ୍ଟମ ଦିନ ଭାରତୀୟ କ୍ରୀଡ଼ା ଜଗତ ପାଇଁ ସ୍ମରଣୀୟ ହୋଇଛି। ରବିବାର ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଦିନରେ ମୋଟ ୭ଟି ପଦକ ଜିତିଛନ୍ତି। ଏଥିରେ ଆଥଲେଟିକ୍ସରୁ ୫ଟି ଏବଂ ସ୍କ୍ୱାଶରୁ ୨ଟି ରୌପ୍ୟ ପଦକ ରହିଛି। ଏହାସହ ବକ୍ସିଂରେ ତିନି ଭାରତୀୟ ସେମିଫାଇନାଲକୁ ଉଠି ପଦକ ନିଶ୍ଚିତ କରିଛନ୍ତି। ମହିଳା ଲଙ୍ଗଜମ୍ପରେ ଆନ୍ସି ସୋଜନ ୬.୫୩ ମିଟର ଲମ୍ଫ ଦେଇ ରୌପ୍ୟ ପଦକ ହାସଲ କରିଛନ୍ତି। ମାତ୍ର ୨ ସେଣ୍ଟିମିଟର ବ୍ୟବଧାନରେ ସେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ପୁରୁଷ ହାଇଜମ୍ପରେ ସର୍ବେଶ କୁଶାରେ ୨.୨୫ ମିଟର ଉଚ୍ଚତା ଅତିକ୍ରମ କରି ରୌପ୍ୟ ଜିତିଛନ୍ତି। ମହିଳା ୩୦୦୦ ମିଟର ଷ୍ଟିପଲଚେଜରେ ପାରୁଲ ଚୌଧୁରୀ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ କାଂସ୍ୟ ପଦକ ଜିତିଛନ୍ତି। ତାଙ୍କ ସମୟ ୯:୦୮.୬୭ ସେକେଣ୍ଡ, ଯାହା ନୂଆ ଜାତୀୟ ରେକର୍ଡ ମଧ୍ୟ ହୋଇଛି। ଡେକାଥଲନରେ ତେଜସ୍ୱିନ ଶଙ୍କର ୭,୯୩୪ ପଏଣ୍ଟ ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୨୦୦ ମିଟରରେ ହରିତା ଭଦ୍ରା ୨୩.୨୦ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍କ୍ୱାଶରେ ମଧ୍ୟ ଭାରତକୁ ଦୁଇଟି



ରୌପ୍ୟ ମିଳିଛି। ମହିଳା ସିଙ୍ଗଲ୍ସ ଫାଇନାଲରେ ଅନାହତ ସିଂହ ମାଲେସିଆର ସିଭସାଙ୍ଗାରୀ ସୁବ୍ରମଣିୟମଙ୍କଠାରୁ ହାରି ରୌପ୍ୟ ଜିତିଛନ୍ତି। ଏହା ସହ ସେ ଏସିଆନ୍ ଗେମ୍ସ ସ୍କ୍ୱାଶ ସିଙ୍ଗଲ୍ସ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଭୟ ସିଂହ ମଧ୍ୟ ରୌପ୍ୟ ଜିତିଛନ୍ତି। ବକ୍ସିଂରେ ପରବୀନ ହୁଡା, ଅଙ୍କୁଶ ପାଙ୍ଘାଲ ଓ ନରେନ୍ଦର ବରୱାଲ ନିଜ ନିଜ କ୍ୱାର୍ଟର ଫାଇନାଲ ଜିତି ସେମିଫାଇନାଲକୁ ଉଠିଛନ୍ତି। ଫଳରେ ଭାରତ ପାଇଁ ଆଉ ୩ଟି ପଦକ ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ବ୍ୟାଡମିଣ୍ଟନରେ ପିଭି ସିନ୍ଧୁ, ଉନ୍ନତି ହୁଡାଙ୍କ ସହ ଅନ୍ୟ ଭାରତୀୟ ଖେଳାଳିମାନେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ତଥାପି ଆଥଲେଟିକ୍ସ, ସ୍କ୍ୱାଶ ଓ ବକ୍ସିଂର ଚମତ୍କାର ପ୍ରଦର୍ଶନ ରବିବାରକୁ ଭାରତୀୟ ଦଳ ପାଇଁ ପଦକମୟ କରିଦେଇଛି।

## ଆଜିଠୁ ଦେଶବ୍ୟାପୀ ୩ ଦିନିଆ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ସୋମବାର ଠାରୁ ୩ ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ସପ୍ତାହରେ ୫ ଦିନ କାର୍ଯ୍ୟଦିବସକୁ ଲାଗୁ କରିବା ସହିତ ଅନ୍ୟାନ୍ୟ ଦାବିରେ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇଛନ୍ତି। ଧର୍ମଘଟ ପାଇଁ ବ୍ୟାଙ୍କିଂ ସେବା ପ୍ରଭାବିତ ହେବାକୁ ଥିବାରୁ ସରକାର ରବିବାର (୨୭ ତାରିଖ) ବ୍ୟାଙ୍କ ଖୋଲିବା ପାଇଁ ରାଷ୍ଟ୍ରାୟତ୍ତ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଆଜି ବ୍ୟାଙ୍କଗୁଡ଼ିକ ଖୋଲା ରହିଛି। କିନ୍ତୁ ସୋମବାରଠାରୁ ଧର୍ମଘଟ ହେଲେ ସାରା ଦେଶରେ ବ୍ୟାଙ୍କିଂ ସେବା ପ୍ରଭାବିତ ହେବ। ଓଡ଼ିଶାରେ ପ୍ରାୟ ୩୦୦୦ ବ୍ୟାଙ୍କ ଶାଖା ବନ୍ଦ ରହିବ। ୩୬ ହଜାର କର୍ମଚାରୀ ଏଥିରେ ସାମିଲ ହେବେ। ରାଜଧାନୀ ଭୁବନେଶ୍ୱରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିବେ ବୋଲି ୟୁଏଫ୍‌ବିୟୁର ଓଡ଼ିଶା ଆବାହକ ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ ବ୍ୟାଙ୍କ ଧର୍ମଘଟକୁ ଦୁର୍ବଳ କରିବା ନିମନ୍ତେ ସରକାର ଇତିହାସରେ ପ୍ରଥମ ଥର ପାଇଁ ରବିବାର ବ୍ୟାଙ୍କ ଖୋଲିଛନ୍ତି। ଗ୍ରାହକମାନଙ୍କୁ ବାରମ୍ବାର ବାର୍ତ୍ତା ପଠାଇ ଅସୁବିଧାରେ ପକାଉଛନ୍ତି। ଆଜି ବ୍ୟାଙ୍କ ଖୋଲିଥିବାରୁ ସେମାନଙ୍କୁ ଅନ୍ୟ ଏକ ଦିନରେ ଛୁଟି ଦେବାକୁ ପଡ଼ିବ କିମ୍ବା ଦୁଇଗୁଣା ଅଧିକ ଅର୍ଥ ଦେବାକୁ ପଡ଼ିବ।

### ଦକ୍ଷିଣ ଓଡ଼ିଶାରେ ଗମ୍ଭୀର ବନ୍ୟା

## ଆକାଶ, ସ୍ଥଳମାର୍ଗରେ ବନ୍ୟାଞ୍ଚଳ ବୁଲିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୯,(ସବ୍ୟୁ): କୋରାପୁଟ, ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଛନ୍ତି ସ୍ଥିତି ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ଗଞ୍ଜାମ ଓ ନବରଙ୍ଗପୁରର ବୁଲିବା ପରେ କୋରାପୁଟର କୋଟପାଡ଼ ବ୍ଲକର ଗ୍ରାଉଣ୍ଡକୁ ଯାଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଡଙ୍ଗାରେ ଯାଇ କୋଟାପାଡ଼ ବ୍ଲକର ତୁରୁଞ୍ଜି ଗାଁକୁ ଯାଇ, ସେଠାରେ ବନ୍ୟା ପ୍ରଭାବିତଙ୍କ ସ୍ଥିତି ଦେଖିବା ସହ ଗୁହାରୀ ବି ଶୁଣିଥିଲେ । ରିଲିଫ ସେଣ୍ଟରରେ ବନ୍ୟା ପ୍ରଭାବିତ କଣ ଖାଉଛନ୍ତି, ଆଉ କେମିତି ଅଛନ୍ତି, ତା ବି ପରଖିଥିଲେ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଜୟପୁରରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ବନ୍ୟା ସ୍ଥିତି ମୁକାବିଲା ନେଇ କି ପଦକ୍ଷେପ ନିଆଯାଇଛି, ତାର ସମୀକ୍ଷା କରିଥିଲେ । ଆସନ୍ତା ସପ୍ତାହକ



ମଧ୍ୟରେ ବନ୍ୟା କ୍ଷୟକ୍ଷତିର ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଲଗାଣ ବର୍ଷା ଓ ବିଭିନ୍ନ ନଦୀରେ ବନ୍ୟା ଆସି ଦକ୍ଷିଣ ଓଡ଼ିଶା କୋରାପୁଟ, ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲାର ବ୍ୟାପକ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଏପଟେ ଆଜି ୬ ଦିନ ଧରି ଦକ୍ଷିଣ ଓଡ଼ିଶାର ଅନ୍ୟତମ ଲାଇଫ ଲାଇନ କଳିଙ୍ଗା ଘାଟି ବନ୍ଦ ରହିଥିବାରୁ, ତା ଉପରେ ମଧ୍ୟ ଆଜି ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଏରିଏଲ ସର୍ଭେ (୯ ପୃଷ୍ଠାରେ)

### ଏସଆଇଆର ପ୍ରସଙ୍ଗରେ କଂଗ୍ରେସକୁ ଘେରିଲେ ମୁଖ୍ୟମନ୍ତ୍ରୀ

## ଭ୍ରମାତ୍ମକ ପ୍ରଚାର କରି ନକରାତ୍ମକ ମାହୋଲ ସୃଷ୍ଟି କରୁଛନ୍ତି ବିରୋଧୀ

ଭୁବନେଶ୍ୱର,୨୭।୯,(ସବ୍ୟୁ): ନିର୍ବାଚନ କମିଶନଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ସ୍ପେଶିଆଲ୍ ଇଣ୍ଟେନସିଭ୍ ରିଭିଜନ୍ (ଏସଆଇଆର୍) କାର୍ଯ୍ୟକ୍ରମକୁ ନେଇ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ କରୁଥିବା ଅଭିଯୋଗକୁ ଦୃଢ଼ ଶବ୍ଦରେ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିରୋଧୀ ଦଳଗୁଡ଼ିକ ଦେଶରେ ଏକ ନକାରାତ୍ମକ ମାହୋଲ ସୃଷ୍ଟି କରିବା ସହ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଭୁବନେଶ୍ୱରରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ୧୩ କୋଟି ଭୋଟରଙ୍କ ନାମ କାଟିଦିଆଯାଇଥିବା ପ୍ରଚାରକୁ ଭ୍ରମାତ୍ମକ ବୋଲି ଦର୍ଶାଇଛନ୍ତି । ବାସ୍ତବରେ ଏଥିମଧ୍ୟରୁ ୨.୮ କୋଟି ମୃତ ଭୋଟର, ୩ କୋଟି ଅନୁପସ୍ଥିତ, ୬.୩ କୋଟି ଅନ୍ୟତ୍ର ସ୍ଥାନାନ୍ତରିତ ଏବଂ ୧ କୋଟି ଲୋକଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଥିଲା । ଏହି ନାମଗୁଡ଼ିକୁ ବାଦ୍ ଦେବା ଗଣତନ୍ତ୍ରର ସୁରକ୍ଷା ପାଇଁ ଜରୁରୀ । ସମସ୍ତ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ଅଛନ୍ତି । ଭୋଟରଙ୍କ ପାଇଁ ଦାବି ଓ ଆପତ୍ତି ଜଣାଇବାର ଅଧିକାର ରହିଥିବାରୁ ତାଲିକାରେ ତ୍ରୁଟି ରହିବାର ପ୍ରଶ୍ନ ଉଠୁନାହିଁ । ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ, ବରଂ ଭୋଟରଙ୍କ ସୁବିଧା ପାଇଁ ଏକ ଘୋଷଣାନାମା ଯୋଡ଼ାଯାଇଛି, ଯାହାକୁ ସୁପ୍ରିମକୋର୍ଟ କାୟମ ରଖିଛନ୍ତି । ସେହିପରି ଭୋଟର ତାଲିକା ପରିଚାଳନା ପୂର୍ବପରି ରାଜ୍ୟର ସିଇଓ ଓ ଇଆରଓଙ୍କ ଦ୍ୱାରା ବିକେନ୍ଦ୍ରୀକୃତ



ଭାବେ ଚାଲୁଛି, କେବଳ ଇସିଆଇ-ନେଟ ଓ ଇଆରଓ-ନେଟ ମାଧ୍ୟମରେ ପ୍ରକ୍ରିୟାକୁ ଡିଜିଟାଇଜ୍ କରାଯାଇଛି । ୨୦୨୫ ଜୁନ୍ ୨୪ ରୁ ଆଜି ପର୍ଯ୍ୟନ୍ତ ୨.୩୭ କୋଟିରୁ ଅଧିକ ନୂଆ ଜେନ୍-ଜି ଭୋଟର ସାମିଲ ହୋଇସାରିଛନ୍ତି । (୯ ପୃଷ୍ଠାରେ)

## ୯.୨୪ କୋଟି ହଡ଼ପ : ସେକ୍ସନ ଅଫିସରଙ୍କ ସମେତ ୬ ଗିରଫ

ଭୁବନେଶ୍ୱର,୨୭।୯,(ସବ୍ୟୁ): ଅବସରପ୍ରାପ୍ତ କର୍ମଚାରୀଙ୍କ ଗ୍ରାଚୁଇଟି ଓ ଅବ୍ୟବହୃତ ଛୁଟି ବାବଦକୁ ଥିବା ଆର ଆଣ୍ଡ ବି'ର ୯.୨୪ କୋଟି ଟଙ୍କା ହଡପ ମାମଲାରେ ସେକ୍ସନ ଅଫିସର ବନଲତା ମହାନ୍ତିଙ୍କ ସମେତ ୬ଜଣଙ୍କୁ ଭିଜିଲାନ୍ସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କୁ ଶନିବାର ଭିଜିଲାନ୍ସ ଅଟକ ରଖି ପଚରାଉଚରା କରିବା ପରେ ଆଉ ୪ଜଣଙ୍କୁ ଗିରଫ କରାଯାଇଥିଲା । ସେ ୪ଜଣ ହେଲେ ପିଅନ ଦୀପକ କୁମାର ରାଉତରାୟ ଓ ଲକ୍ଷ୍ମଣ ବିଶ୍ୱାଳ, ଡାଟାଏଣ୍ଟ୍ରି ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟରଞ୍ଜନ ମହାପାତ୍ର । ଦୁଇ ଡାଟାଏଣ୍ଟ୍ରି ଅପରେଟର ବେସରକାରୀ ହୋଇଥିଲେ ମଧ୍ୟ ସେମାନେ ବନଲତା ମହାନ୍ତିଙ୍କ ଅଫିସ୍‌ରେ କାମ କରୁଥିଲେ । ଦୀପକ ଆକାଉଣ୍ଟରୁ ୩୨ଲକ୍ଷ ୪୭ ହଜାର ୮୦୦ ଟଙ୍କା, ଲକ୍ଷ୍ମଣ ଆକାଉଣ୍ଟରୁ ୧୬ଲକ୍ଷ ୨୧ ହଜାର ୪୮୪ ଟଙ୍କା, ରାଜୀବ ଆକାଉଣ୍ଟରୁ ୨୮ଲକ୍ଷ ୨୮ ହଜାର ୮୧୭ଟଙ୍କା, ସୌମ୍ୟ ଆକାଉଣ୍ଟରୁ ୩୫ଲକ୍ଷ ୬୯ହଜାର ୯୮ ଟଙ୍କା ସମେତ ୩.୯୬ କୋଟି (୯ ପୃଷ୍ଠାରେ)

## ବିଦ୍ୟୁତ୍ ଆଘାତରେ ୬ ଅଗ୍ନିଶମ କର୍ମଚାରୀ ଗୁରୁତର

ବାଲେଶ୍ୱର-୨୭/୦୯,(ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କରିବା ସମୟରେ ଅଘଟଣ ଘଟିଛି । ବିଦ୍ୟୁତ ଆଘାତରେ ୬ ଜଣ ଅଗ୍ନିଶମ ବାହିନୀ କର୍ମଚାରୀ ବିଦ୍ୟୁତ ଆଘାତ ଲାଗି ଗୁରୁତର ହାଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣାଟି ଓଡ଼ିଶା ଅଗ୍ନିଶମ ସେବା ଦଳ ସହିତ ଘଟିଛି । ବାଲେଶ୍ୱର ସହର ଉପକଣ୍ଠରେ ଥିବା ଦର୍ଜି ପୋଖରୀ ଅଞ୍ଚଳରେ (୯ ପୃଷ୍ଠାରେ)

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

## ପ୍ରଯୁକ୍ତିବିଦ୍ୟା-ଚାଳିତ ପର୍ଯ୍ୟଟନ ବିକାଶ ପାଇଁ ଆହ୍ୱାନ

ଭୁବନେଶ୍ୱର,୨୭।୯,(ସବ୍ୟୁ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ଡିଜିଟାଲ୍ ନବସୃଜନ, ନିରନ୍ତର ପର୍ଯ୍ୟଟନ, ସଂସ୍ଥାଗତ ଭାଗିଦାରୀ, ସାହସିକ ଓ ଐତିହ୍ୟ ପର୍ଯ୍ୟଟନ, ଉଦ୍ୟୋଗିତା ଏବଂ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରୀକୁ ଗୁରୁତ୍ୱ ଦେଇ ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୬ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଜୀବିକା ସୃଷ୍ଟି, ଉଦ୍ୟୋଗିତାର ବିକାଶ ଏବଂ ସ୍ଥାନୀୟ ସମୁଦାୟକୁ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ଭାଗିଦାରୀ କରିବାରେ ପର୍ଯ୍ୟଟନର ପରିବର୍ତ୍ତନକାରୀ ସାମର୍ଥ୍ୟ ରହିଛି । ପର୍ଯ୍ୟଟନର ଲାଭ ଯେପରି ସ୍ଥାନୀୟ ସମୁଦାୟ ନିକଟରେ ପହଞ୍ଚିପାରିବ ଏବଂ ଯୁବବର୍ଗ, ମହିଳା, ଉଦ୍ୟୋଗୀ, କାରିଗର ଓ ପର୍ଯ୍ୟଟନ ସେବା ପ୍ରଦାନକାରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଏହାଛଡ଼ା, ଡିଜିଟାଲ୍ ନବସୃଜନ ଓ ଉଦ୍ଭାବିତ ପ୍ରଯୁକ୍ତିବିଦ୍ୟା, ଗନ୍ତବ୍ୟ ସ୍ଥଳର ଆବିଷ୍କାର,



ପର୍ଯ୍ୟଟନ ସେବା ପ୍ରାପ୍ତି ଏବଂ ପର୍ଯ୍ୟଟକଙ୍କ ସମଗ୍ର ଅନୁଭୂତିରେ ସୁଧାର ଆଣିବାରେ ସହାୟକ ହେବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶାର ପର୍ଯ୍ୟଟନ ପରିସଂସ୍ଥାକୁ ସୁଦୃଢ଼ କରିବା ପାଇଁ ସମନ୍ୱିତ ଉଦ୍ୟମ, ସଂସ୍ଥାଗତ ଭାଗିଦାରୀ ଏବଂ ନବସୃଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପର୍ଯ୍ୟଟନ ବିକାଶ ଦ୍ୱାରା ଗନ୍ତବ୍ୟ ସ୍ଥଳଗୁଡ଼ିକର ସୁପରିଚାଳନା ସହ ସ୍ଥାନୀୟ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ସେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କ ଆଗମନ ସହ ପର୍ଯ୍ୟଟକଙ୍କ ଯାତାୟାତ ସୁବିଧା ଓ ଭ୍ରମଣ ଅନୁଭୂତିକୁ ଉନ୍ନତ କରିବା ପାଇଁ ଓଟିଡିସି ଲକ୍ସରୀ କୋଚଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ତୃଣମୂଳ ସ୍ତରର ଉଦ୍ୟୋଗିତା ଏବଂ ସ୍ଥାନୀୟ ସମୁଦାୟର ନେତୃତ୍ୱରେ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ହୋମ୍‌ଷ୍ଟେଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ (୯ ପୃଷ୍ଠାରେ)

## ଡିଜେର ବିକଟାଳ ଶବ୍ଦରେ ଭୁଷୁଡ଼ିଲା ତାଜା: ଚାଲିଗଲା ଜୀବନ

ଜଟଣୀ ,୨୭।୯,(ସବ୍ୟୁ):-ଗଣେଶ ଭଷାଣି ସମୟରେ ଘଟିଲା ଅଘଟଣ। ଗତକାଲି ଓଡିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ଥିଲା ଭଷାଣି ଉତ୍ସବ । ଉକ୍ତ ଭଷାଣି ଉତ୍ସବରେ ୫୦ ରୁ ଉର୍ଦ୍ଧ ମେଢ଼ ଭାଗ ନେଇଥିଲେ । ସମସ୍ତ ମେଢ଼ରେ "ଡିଜେ"ର ଆସର ଜମି ଥିଲା । ଡିଜେ ଶବ୍ଦର ଭାଇବ୍ରେସନରେ ଗଳିପଡିଥିଲା ଏକ ଘରୋଇ କୋଠାରେ ଚାଲୁଥିବା "ପଞ୍ଜାବ ବ୍ୟାଙ୍କ'ର ଦୁର୍ବଳ ତାଜା । ସେହି ଘରର ତଳେ ଛିଡା ହୋଇ ୫୦ ରୁ ଅଧିକ ଲୋକ ଭସାଣି ଯାତ୍ରା ଉପଭୋଗ କରୁଥିଲେ । ଅଘଟଣରେ ୫ ରୁ ଅଧିକ ଆହତ ଥିବା ବେଳେ ଜଣେ ଗୁରୁତର ହୋଇ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ପୁଲିସ ପକ୍ଷରୁ ସଙ୍ଗେ ସଙ୍ଗେ ଆହତ ମାନଙ୍କୁ ରେଳ ଡାକ୍ତରଖାନାକୁ ନେଇ ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଗୁରୁତର ଆହତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଯୁବକ ଜଣଙ୍କ



ହେଲେ ସ୍ଥାନୀୟ କୁଦିଆରି ଗ୍ରାମର ରିଙ୍କୁ ସୁନ୍ଦରାୟ (୩୫) । ସେହିପରି ମୃତକ ଜଣକ ହେଲେ ସ୍ଥାନୀୟ ହରିରାଜପୁର ଗ୍ରାମର ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ବିଶ୍ୱଜିତ ବାରିକ ଓରଫ ଚିଣ୍ଟୁ (୨୨) ବର୍ଷ । ଖବର ପାଇ ପୁରୀ ଜିଲ୍ଲା ସାଂସଦ ଡ଼. ସମ୍ବିତ ପାତ୍ର, ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ଭାରତୀୟ ଜନତା ଦଳର ମୁଖ ପାତ୍ର ଅନିଲ ବିଶ୍ୱାଳ, ଡେଲାଙ୍ଗ



ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଏସଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ମୃତ୍ୟୁ ବରଣ କରିଥିବା ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରି ସମବେଦନା ଜଣାଇଥିଲେ । ଏ ନେଇ ଥାନାରେ ୨୭୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ କମିଶନରେଟ ପୁଲିସ ରେଡକ୍ରସ ଫଣ୍ଡରୁ ୨୦ ହଜାର ଟଙ୍କା, ପିପିଲି ବିଧାୟକଙ୍କ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କାର ସାହାଯ୍ୟ ମିଳିବ ବୋଲି ଆଶ୍ୱସନା ଦିଆଯାଇଥିଲା । ଉଲ୍ଲେଖ ଯୋଗ୍ୟ ଯେ ଏ ନେଇ ଘାତକ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ସମ୍ପୂର୍ଣ୍ଣ ବନ୍ଦ କରାଇବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା, ଯଦି ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଥାନ୍ତେ ତେବେ ଏଭଳି ଘଟଣା ଘଟିନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସେହିପରି ପୂଜା ପୂର୍ବରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକରେ ଥାନାଧିକାରୀ ଡିଜେ ପରିବେଷଣ ଉପରେ ରୋକ ବୋଲି ସିଧାସିଧା ସ୍ପଷ୍ଟ କରିଥିଲେ । କିନ୍ତୁ ବ୍ୟବସାୟୀ ସଙ୍ଘ (୯ ପୃଷ୍ଠାରେ)



## କବିବର ରାଧାନାଥ ରାୟ

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଜନକ ଭାବରେ ପରିଚିତ ରାଧାନାଥ ରାୟ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୋର ଅନ୍ତର୍ଗତ କେଦାରପୁର ଗ୍ରାମରେ ୨୮ ସେପ୍ଟମ୍ବର ୧୮୪୮ରେ ରାଧାନାଥ ରାୟ ଜନ୍ମଗ୍ରହଣ କରିଥିଲେ । ସେ ବାଲେଶ୍ୱର ଜିଲ୍ଲାସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେତେବେଳେ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ ନଥିବାରୁ କଲିକତାକୁ ଏଫ୍.ଏ. ପଢ଼ିବାକୁ ଯାଇଥିଲେ । ତେବେ ସେଠାରେ ରୋଗରେ ପୀଡ଼ିତ ହୋଇ ଉଚ୍ଚଶିକ୍ଷା ବନ୍ଦ କରି ଓଡ଼ିଶାକୁ ଫେରିଆସିଥିଲେ । କିଛିଦିନ ପରେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ ତିନି ଟଙ୍କା ବେତନରେ ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ । କଲେଜରେ ପଢ଼ି ନପାରିବାରୁ ସେ ନିଜେ ଘରେ ପାଠ ପଢ଼ି ଏଫ୍.ଏ. ପାସ୍ କରିଥିଲେ ଓ ବି.ଏ. ପରୀକ୍ଷାର ସମସ୍ତ ପାଠ୍ୟପୁସ୍ତକ ନିଜ ଉଦ୍ୟମରେ ଘରେ ପଢ଼ିଥିଲେ । ସଦାଶିବ ନନ୍ଦଙ୍କ ନିକଟରେ ରାଧାନାଥ ଓ ଫକୀରମୋହନ ସେନାପତିଙ୍କ ସଂସ୍କୃତ କାବ୍ୟ ନାଟକାଦି ଅଧ୍ୟୟନ କରିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ରାଧାନାଥ ପାଞ୍ଚ ବର୍ଷକାଳ ଚାକିରି କରିଥିଲେ। ଏହି ସମୟରେ ରେମୁଣାର ଚନ୍ଦ୍ରମୋହନ ଆଦିତ୍ୟଙ୍କ କନ୍ୟା ପରଶମଣିଙ୍କୁ ସେ ବିବାହ କରିଥିଲେ । ଏହାପରେ ସେ ଦ୍ୱିତୀୟ ଶିକ୍ଷକ ପଦରେ ପୁରୀ ଜିଲ୍ଲାସ୍କୁଲକୁ ବଦଳି ହେଲେ । ସେଠାରେ ମଧୁସୂଦନ ରାଓ ତାଙ୍କର ଛାତ୍ର ଥିଲେ। ପୁରୀରୁ ସେ ପୁଣି ବାଙ୍କୁଡ଼ାକୁ ବଦଳି ହେଲେ ଓ ସେଠାରୁ ୧୮୭୬ରେ ସ୍କୁଲ ବିଭାଗୀୟ ଡେ଼ପୁଟି ଇନ୍ସପେକ୍ଟର ପଦରେ ବାଲେଶ୍ୱର ଜିଲ୍ଲାକୁ ଫେରିଆସିଲେ । ତାଙ୍କ ସାହିତ୍ୟ ରଚନା ଓ ଓଡ଼ିଶାର ଶିକ୍ଷା ବିସ୍ତାର ନିମନ୍ତେ ବ୍ରିଟିଶ ସରକାରଙ୍କ ତରଫରୁ ସେ "ରାୟ ବାହାଦୁର' ଉପାଧି ପାଇଥିଲେ । ତାଙ୍କ ରଚିତ ଚିଲିକା ଓ ଦରବାର ପ୍ରଭୃତି କାବ୍ୟ ବେଶ୍ ଲୋକପ୍ରିୟ। ଗଡ଼ଜାତ ଭ୍ରମଣରୁ ଫେରି ସେ ଜ୍ୱରରେ ଆକ୍ରାନ୍ତ ହେବାରୁ ୧୯୦୮ ଏପ୍ରିଲ ୧୭ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।



## ବିଶ୍ୱ ଜଳାତଙ୍କ ଦିବସ

ବିଶ୍ୱ ପାଇଁ ଆଜି ବି ଏକ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ପାଲଟିଛି 'ଜଳାତଙ୍କ' ରୋଗ। ଏହି ରୋଗରେ ମୃତ୍ୟୁହାର ପ୍ରାୟ ୧୦୦ ପ୍ରତିଶତ ରହିଥାଏ। ତେଣୁ ଏହି ମାରାତ୍ମକ ଭୂତାଣୁ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ପୋଷା ଓ ବୁଲା ଜୀବଜନ୍ତୁଙ୍କ ନିୟମିତ ଟିକାକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ପାଳନ କରାଯାଇଥାଏ 'ବିଶ୍ୱ ଜଳାତଙ୍କ ଦିବସ' । ୨୦୦୭ ମସିହାରେ ଗ୍ଲୋବାଲ ଆଲାଏନ୍ସ ଫର ରାବିଜ୍ କଣ୍ଟ୍ରୋଲ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ପ୍ରଥମ କରି ଏହା ଆରମ୍ଭ ହୋଇଥିଲା । ଏହି ଦିବସଟି, ପ୍ରଥମ ଜଳାତଙ୍କ ଟିକା ଉଦ୍ଭାବନ କରିଥିବା ପ୍ରସିଦ୍ଧ ଫରାସୀ ବୈଜ୍ଞାନିକ ଲୁଇ ପାଶ୍ଚରଙ୍କ ମୃତ୍ୟୁବାର୍ଷିକୀ ସ୍ମୃତିରେ ସମର୍ପିତ। ବିଶ୍ୱବ୍ୟାପୀ ପ୍ରାୟ ୯୯% ଜଳାତଙ୍କ ମାମଲା କୁକୁର କାମୁଡ଼ା ଯୋଗୁଁ ହେଉଥିବାରୁ, ଏହି ଦିନରେ ବ୍ୟାପକ ମାଗଣା କୁକୁର ଟିକାକରଣ ଶିବିର , ସଚେତନତା ପଦଯାତ୍ରା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଏ। କୌଣସି ପଶୁ କାମୁଡ଼ିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଏବଂ ଆଣ୍ଟି-ରାବିଜ୍ ଟିକା ନେବା ଦ୍ୱାରା ଏହି ରୋଗକୁ ଶତପ୍ରତିଶତ ରୋକାଯାଇପାରିବ । ସେହିଭଳି ୨୦୩୦ ସୁଦ୍ଧା ବିଶ୍ୱକୁ ଜଳାତଙ୍କ ମୁକ୍ତ କରିବାର ଲକ୍ଷ୍ୟ ରଖି ଏହି ଦିବସ ସବୁବର୍ଷ ପାଳନ କରାଯାଉଛି ।

## ସୋସିଆଲ କୋଟ୍ସ



କେବେ ବି ନିଜର ପର୍ସନାଲ ଲାଇଫକୁ ନିଜ କାମ ଉପରେ ଓଭର ପାୱାର ହେବାକୁ ଦିଅନ୍ତୁ ନାହିଁ । ପ୍ରଫେସନକୁ ସବୁବେଳେ ପର୍ସନାଲ ଠାରୁ ଅଲଗା ରଖନ୍ତୁ ।

ଅନୁପମ ଖେର, ଅଭିନେତା



ମାଆ କାଳୀଙ୍କ ପାଖରେ ପାର୍ଥନା କଲି କି ମୋ ଜୀବନରେ ଥିବା ଦୁଷ୍ଟ ଲୋକଙ୍କୁ ସେ ବିନାଶ କରନ୍ତୁ । ସେ ସବୁବେଳେ ଦୁଷ୍ଟ ଲୋକଙ୍କୁ ବିନାଶ କରିଥାଆନ୍ତି ।

ସୁନିତା ଆହୁଜା, ଗୋବିନ୍ଦାଙ୍କ ପତ୍ନୀ



ଡୋଣ୍ଟ ବି ସାଏକୁ ନେଇ ମୁଁ ଖୁବ ଖୁସି ଅଛି । ଏହି ସେଟରୁ ଅନେକ କିଛି ଶିଖିଛି। ଆଗକୁ ମଧ୍ୟ ଆହୁରି ଶିଖିବା ବାକି ଅଛି ।

ଆଲିଆ ଭଟ୍ଟ, ଅଭିନେତ୍ରୀ

## ସମୁଦ୍ର ବୁଢିଆଣୀର ନୂଆ ପ୍ରଜାତି ଠାବ

କାନାଡା ଜଳଭାଗରେ ବୈଜ୍ଞାନିକମାନେ ତିନୋଟି ଓଠ ଥିବା ଏକ ବିରଳ ସାମୁଦ୍ରିକ ଜୀବର ଆବିଷ୍କାର କରିଛନ୍ତି, ଯାହାକି ପ୍ରକୃତରେ ସମୁଦ୍ର ବୁଢିଆଣୀର ଏକ ନୂତନ ପ୍ରଜାତି । 'କାଲିପାଲେନ୍ ପିଲୋସସ୍‌ପେଡିସ୍' ନାମରେ ନାମିତ ଏହି ପ୍ରଜାତିର ଲାଲ୍ ଆଖି, ତ୍ରିଭୁଜାକୃତି ପାଟି, ତିନୋଟି ସ୍ପଷ୍ଟ ଓଠ ଏବଂ ଗୋଡ଼ରେ ଲମ୍ବା ତଥା ବଙ୍କା କଣ୍ଟା ପରି ଗଠନ ରହିଛି । ଯାହା ପାଇଁ ଏହାର ନାମରେ 'ପିଲୋସସ୍' (ଲୋମଶ) ଓ 'ପେଡିସ୍' (ପାଦ) ଶବ୍ଦ ଯୋଡ଼ାଯାଇଛି । ଏହି ଜୀବର କିଛି ଗୋଡ଼ ଭଳି ଅଙ୍ଗ ଚାଲିବା ପରିବର୍ତ୍ତେ ଅନ୍ୟ ଗୋଡ଼ଗୁଡ଼ିକୁ ସଫା କରିବାରେ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ବୈଜ୍ଞାନିକମାନେ କାନାଡାର ସାଲିଶ୍ ସମୁଦ୍ରରେ ଘଣ୍ଟି ଆକୃତିର ପେଟ ଏବଂ ଶରୀରରେ କ୍ଷୁଦ୍ର ପରଜୀବୀ ଥିବା ଅନ୍ୟ ଏକ ସମୁଦ୍ର ବୁଢିଆଣୀ ପ୍ରଜାତି ମଧ୍ୟ ଆବିଷ୍କାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଏଗୁଡ଼ିକୁ "ସମୁଦ୍ର ବୁଢୀଆଣୀ" କୁହାଯାଉଥିଲେ ବି ଏଗୁଡ଼ିକ ପ୍ରକୃତ ବୁଢିଆଣୀ ନୁହନ୍ତି, ବରଂ ସ୍ଥଳଭାଗର ବୁଢିଆଣୀ, ବିଛା ଭଳି ପ୍ରଜାତି ସହ ଏମାନଙ୍କର ସାମଞ୍ଜସ୍ୟ ରହିଛି ।



## କୋଟିଏ ଟଙ୍କାରେ ଲଡ୍ଡୁ ନିଲାମ

ହାଇଦ୍ରାବାଦରେ ଗଣେଶ ଉତ୍ସବ ଅବସରରେ ଏକ ୫ କିଲୋଗ୍ରାମ ଓଜନର ପ୍ରସାଦ ଲଡ୍ଡୁ ନିଲାମୀରେ ୧.୦୧ କୋଟି ଟଙ୍କାରେ ବିକ୍ରି ହୋଇ ଚର୍ଚ୍ଚାର ବିଷୟ ପାଲଟିଛି । ବାନ୍ଦଲାଗୁଡ଼ା ଜାଗିର ସ୍ଥିତ କୀର୍ତ୍ତି ରିଚମଣ୍ଡ ଭିଲ୍ଲାରେ ଗଣେଶ ବିସର୍ଜନ ପୂର୍ବରୁ ଏହା ଅନୁଷ୍ଠିତ ହୋଇଥାଏ । ଏହି ଅନେକ ବର୍ଷ ପୁରୁଣା ପାରମ୍ପରିକ ନିଲାମ ପ୍ରକ୍ରିୟାରେ ହାଇଦ୍ରାବାଦର 'ଶକ୍ତିମାନ ଗ୍ରୁପ୍'ର ସଦସ୍ୟମାନେ ମିଳିତ ଭାବେ ଏହି ସର୍ବାଧିକ ବୋଲି ଲଗାଇ ଲଡୁଟିକୁ କିଣିଛନ୍ତି । ଏହି ସମ୍ପ୍ରଦାୟରେ ଏହି ଲଡୁକୁ ସମୃଦ୍ଧି ଓ ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଉଥିବା ବେଳେ ୨୦୧୬ ମସିହାରେ ମାତ୍ର ୨୫,୦୦୦ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ନିଲାମ ପ୍ରଥା ଗତବର୍ଷ ୧.୬୬ କୋଟି ଟଙ୍କାରେ ପହଞ୍ଚିଥିଲା । ଏହି ନିଲାମୀରୁ ମିଳୁଥିବା ଅର୍ଥକୁ ଚାରିଟେବୁଲ ଟ୍ରଷ୍ଟ ମାଧ୍ୟମରେ ସାମାଜିକ କାମରେ ବିନିଯୋଗ କରାଯାଉଥିବା ବେଳେ ଗତବର୍ଷ ୭୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍କୁଲ ଫି' ଓ ୧୫୦ରୁ ଅଧିକ ରୋଗୀଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା । ଏଥର ମିଳିଥିବା ଅର୍ଥରାଶିକୁ ଟ୍ରଷ୍ଟ ଜରିଆରେ ପ୍ରାୟ ୬୦ଟି ସ୍ୱେଚ୍ଛାସେବୀ ସଂସ୍ଥାକୁ ଦାନ କରାଯିବ ବୋଲି ଜଣାପଡ଼ିଛି ।



## ଇତିହାସ

୧୮୩୭- ଆକବର ଦ୍ୱିତୀୟଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବାହାଦୂର ଶାହଜଫର୍ ଦ୍ୱିତୀୟ ଦିଲ୍ଲୀର ଅନ୍ତିମ ମୋଗଲ ସମ୍ରାଟ ରୂପେ ଶାସନଭାର ସମ୍ଭାଳିଲେ ।

୧୮୮୭- ଚୀନ୍‌ରେ ହଙ୍ଗହୋ ବନ୍ୟାରେ ପ୍ରାୟ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ।

୧୯୨୯- ସ୍ୱର ସାମ୍ରାଜ୍ଞୀ ତଥା କୋକିଳାକଣ୍ଠି ଲତା ମଙ୍ଗେସ୍କରଙ୍କ ଜନ୍ମ ।

୨୦୦୪- ବିଶ୍ୱବ୍ୟାଙ୍କ୍ ତାଲିକାରେ ବିଶ୍ୱର ଚତୁର୍ଥ ଅର୍ଥବ୍ୟବସ୍ଥା ହେଲା ଭାରତ ।

୨୦୦୯- ଷ୍ଟାର୍ ଟେନିସ୍ ଖେଳାଳି ସାନିଆ ମିର୍ଜା ପାନ୍ ପାସିଫିକ୍ ଓପନ୍‌ର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ ।

୨୦୧୨- ଭାରତର ପ୍ରଥମ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବ୍ରିଜେଶ ମିଶ୍ରଙ୍କ ପରଲୋକ ।



## ୧୮ ବର୍ଷରୁ ମଡେଲିଂ କରିଥିଲେ ସିଦ୍ଧାର୍ଥ

ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମଲହୋତ୍ରାଙ୍କ ଜନ୍ମ ଦିଲ୍ଲୀର ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା । ପିତା ସୁନୀଲ ମାଲହୋତ୍ରା ମର୍ଚ୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବାବେଳେ ମାତା ରିମ୍ମା ଜଣେ ଗୃହିଣୀ ଏବଂ ତାଙ୍କ ବଡ଼ ଭାଇ ହର୍ଷଦ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାର୍ଯ୍ୟ କରନ୍ତି । ତେଣୁ ଏଭଳି ବ୍ୟାକଗ୍ରାଉଣ୍ଡରୁ ସିନେମାକୁ ଆସିବା ତାଙ୍କ ପାଇଁ ବେଶ କଠିନ ଥିଲା । ଡନ୍ ବୋସ୍କୋ ସ୍କୁଲ୍, ନେଭାଲ୍ ପବ୍ଲିକ୍ ସ୍କୁଲ୍ ଏବଂ ଶହୀଦ ଭଗତ ସିଂହ କଲେଜରୁ ବାଣିଜ୍ୟରେ ସ୍ନାତକ ହାସଲ କରିଥିବା ସିଦ୍ଧାର୍ଥ ପ୍ରଥମେ ଏମବିଏ କରି କୋର୍ପୋରେଟ୍ ଦୁନିଆରେ କାମ କରିବାକୁ ଲକ୍ଷ୍ୟ ରଖିଥିଲେ । ହେଲେ ପିଲାଦିନରୁ ଫିଲ୍ମ ପ୍ରତି ରହିଥିବା ଆକର୍ଷଣ ଯୋଗୁଁ ୧୮ ବର୍ଷ ବୟସରେ ମଡେଲିଂ ଶିଳ୍ପରେ ପାଦ ଥାପିଥିଲେ । ପ୍ରସିଦ୍ଧ ଡିଜାଇନର ରୋବର୍ଟୋ କାଭାଲିଙ୍କ ସହ କାମ କରିବା ସହ ପ୍ରାୟ ୪ ବର୍ଷ ମଡେଲିଂ କରିବା ପରେ ଅଭିନୟ କ୍ଷେତ୍ରକୁ ଆସିବା ପାଇଁ ସେ ବିଜ୍ଞାପନ ଓ ଅଡିସନ୍ ଦେବା ଆରମ୍ଭ କରିଥିଲେ । ନିର୍ଦ୍ଦେଶକ ଅନୁଭବ ସିହ୍ନାଙ୍କ ଏକ ଫିଲ୍ମ ପାଇଁ ମନୋନୀତ ହୋଇ ସାଇନ୍ କରିଥିଲେ ବି ୬ ମାସ ପରେ ସେହି ପ୍ରୋଜେକ୍ଟଟି ବନ୍ଦ ହୋଇଯିବାରୁ ତାଙ୍କର ବଲିଉଡ୍ ଡେବ୍ୟୁ ଅସଫଳ ହୋଇଥିଲା । ଏହାପରେ ପ୍ରାୟ ୨୧ ବର୍ଷ ବୟସରେ ସେ ଅଭିନୟ ପାଇଁ ମୁମ୍ବାଇ ଆସିଥିଲେ, ହେଲେ ତାଙ୍କୁ ଏଠାରେ ଅନେକ ସଙ୍କଟର ସାମ୍ନା କରିବାକୁ ପଡ଼ିଥିଲା । ଏପରିକି ବ୍ୟାଙ୍କ ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ ରଖିବା କଷ୍ଟକର ହୋଇପଡୁଥିଲା। ହେଲେ ଅଭିନୟ ପ୍ରତି ଥିବା ଭଲପାଇବା ତାଙ୍କୁ ଆଜି ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି ।

## ଗ୍ରହରୁ ନିର୍ଗତ ହେଉଛି ରେଡ଼ିଓ ତରଙ୍ଗ

ହାର୍ଭାର୍ଡ ଆଣ୍ଡ ସ୍ମିଥସୋନିଆନ୍ ସେଣ୍ଟର୍ ଫର୍ ଆଷ୍ଟ୍ରୋଫିଜିକ୍ସ ଏବଂ ଓରେଗନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆମ ସୌରମଣ୍ଡଳ ବାହାରେ ଥିବା 'ବେଟା ପିକ୍ଟୋରିସ୍ ବି' ନାମକ ଏକ ଗ୍ୟାସ୍ ଜାଏଣ୍ଟ ଏକ୍ସୋପ୍ଲାନେଟରୁ ପ୍ରଥମ ଥର ପାଇଁ ବାରମ୍ବାର ନିର୍ଗତ ହେଉଥିବା ଏକ ଅଦ୍ଭୁତ ରେଡିଓ ସଙ୍କେତ ଠାବ କରିଛନ୍ତି । ପୃଥିବୀଠାରୁ ପ୍ରାୟ ୬୩ ଆଲୋକବର୍ଷ ଦୂରରେ ଅବସ୍ଥିତ ଏହି ଗ୍ରହଟି ଏକ ଏ-ଟାଇପ୍ ନକ୍ଷତ୍ରକୁ ପରିକ୍ରମା କରୁଛି। ନାସା ଅନୁସାରେ ଏହାର ଓଜନ ବୃହସ୍ପତି ଗ୍ରହଠାରୁ ୧୧.୭୨୯ ଗୁଣ ଅଧିକ । ସେହିପରି ଏହାର ଗୋଟିଏ ପରିକ୍ରମା ପାଇଁ ୨୩.୬ ବର୍ଷ ସମୟ ଲାଗିଥାଏ ଏବଂ ଏହା ନିଜ ନକ୍ଷତ୍ରଠାରୁ ୧୦.୦୧୮ ଏୟୁ ଦୂରତାରେ ଅବସ୍ଥିତ । ପୂର୍ବରୁ ଏହି ନକ୍ଷତ୍ର ମଣ୍ଡଳରୁ ରେଡିଓ ସଙ୍କେତ ମିଳୁଥିଲେ ବି ତାହା ନକ୍ଷତ୍ରରୁ ନା ଗ୍ରହରୁ ଆସୁଛି ତାହା ସ୍ପଷ୍ଟ ହୋଇନଥିବା ବେଳେ, ଦକ୍ଷିଣ ଆଫ୍ରିକାର ଶକ୍ତିଶାଳୀ ମୀରକ୍ୟାଟ୍ ରେଡିଓ ଟେଲିସ୍କୋପ୍ ସାହାଯ୍ୟରେ ବିଜ୍ଞାନୀମାନେ ଏହି ନିର୍ଦ୍ଦିଷ୍ଟ ଗ୍ରହରୁ ଆସୁଥିବା ସଙ୍କେତକୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରିବାରେ ସଫଳ ହୋଇଛନ୍ତି । 'ଆର୍କାଇଭ୍' ରେ ପ୍ରକାଶିତ ଏହି ଗବେଷଣା ଅନୁସାରେ, ଏହା କୌଣସି ଏଲିଏନ୍ ବା ଭେନ୍ସୀୟ ପ୍ରାଣୀଙ୍କ ସଙ୍କେତ ନୁହେଁ, ବରଂ ଗ୍ରହରେ ସୃଷ୍ଟି ହେଉଥିବା ବିଶାଳ 'ଔରୋରା' ଯୋଗୁଁ ସୃଷ୍ଟି ହେଉଛି । ମାତ୍ର ୮ରୁ ୯ ଘଣ୍ଟାରେ ନିଜ ଅକ୍ଷ ଚାରିପାଖରେ ଘୂରିଆସୁଥିବା ଏହି ଦ୍ରୁତଗାମୀ ଗ୍ରହର ଚୁମ୍ବକୀୟ କ୍ଷେତ୍ର ପୃଥିବୀ ତୁଳନାରେ ୨,୫୦୦ ଗୁଣ ଅଧିକ ଶକ୍ତିଶାଳୀ ହୋଇଥିବାରୁ ଏଥିରୁ ୦.୮୫ ରୁ ୩.୫ ଗିଗାହର୍ଜ୍ ବିଶିଷ୍ଟ ରେଡିଓ ତରଙ୍ଗ ନିର୍ଗତ ହେଉଛି । ଯାହା ଭବିଷ୍ୟତରେ ସୌରମଣ୍ଡଳ ବାହାରେ ଥିବା ଗ୍ରହଗୁଡ଼ିକର ଚୁମ୍ବକୀୟ ଶକ୍ତି ମାପିବା ପାଇଁ ଏକ ନୂତନ ଦିଗ ପ୍ରଦାନ କରିବ ।





**ମେଷ:** ପ୍ରୀତି ଲାଭ, ଶୁଭ ଆଲୋଚନା, ପୁରାତନ ବିବାଦ ସମାଧାନ, ଗୃହେ ଉତ୍ସବ, ଅର୍ଥ ଲାଭ, ମାନସିକ ଶାନ୍ତି, ଶାରୀରିକ ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ। ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' ସନ୍ତୋଷୀ।

**ବୃଷ:** ସମ୍ପର୍କରେ ଉନ୍ନତି, ଆର୍ଥିକ ଚିନ୍ତା, ପାରିବାରିକ ସମସ୍ୟା ଦୂର, ସମ୍ପତ୍ତି ସମସ୍ୟାରୁ ମୁକ୍ତ, ଗଠନମୂଳକ କାର୍ଯ୍ୟରେ ଶାନ୍ତି, ଶାରୀରିକ ସୁସ୍ଥ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ।

**ମିଥୁନ:** କର୍ମକ୍ଷେତ୍ରରେ ଖୁସି, ଦୂର ଯାତ୍ରାରେ ସଫଳତା, ବିବାଦ ସମାଧାନ, ଶୁଭ ଆଲୋଚନା, ବନ୍ଧୁଲାଭ, ଅର୍ଥ ଲାଭ, ନୂତନ ନିଯୁକ୍ତି, ବିଶିଷ୍ଟ କାର୍ଯ୍ୟରେ ସଫଳତା। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇସତ ଲାଲ, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଅଯଥା ଅଶାନ୍ତି ରହିବ, ବନ୍ଧୁ ସହଯୋଗ, ବହୁଦିନର ଆଶା ସଫଳ, ନୂତନ ନିଯୁକ୍ତି, ଦୂରଯାତ୍ରାରେ ଖୁସି, ପୁରାତନ ବନ୍ଧୁମିଳନ, ପୈତୃକ ସମ୍ପତ୍ତିରେ ବିଦ୍ରୋହ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ।

**ସିଂହ:** ନୂତନ କର୍ମ ପାଇଁ ଖୁସି, ସମ୍ମାନ ଲାଭ, ପୁରାତନ ରୋଗରୁ ମୁକ୍ତି, ସମସ୍ୟା ସମାଧାନ, ଗୃହେ ସହଯୋଗ, ଅର୍ଥ ଲାଭ, ଦ୍ରବ୍ୟ ପ୍ରାପ୍ତି, ଦାମ୍ପତ୍ୟ ସୁଖ, ବନ୍ଧୁ ସହଯୋଗ। ପୂର୍ବଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ବାବା ଲୋକନାଥ।

**କନ୍ୟା:** ଯାତ୍ରାରେ ଲାଭ, ହେବା କାର୍ଯ୍ୟରେ ବିଳମ୍ବ, ବନ୍ଧୁ ସାହାଯ୍ୟ, ଶାରୀରିକ ସୁସ୍ଥ, ଶୁଭ ଆଲୋଚନା, ଅନୁଷ୍ଠାନରୁ ଲାଭ, ସମ୍ପତ୍ତି ଲାଭ, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଜଗନ୍ନାଥ।

**ତୁଳା:** ଆର୍ଥିକ ଲାଭ, ଦାମ୍ପତ୍ୟ ଖୁସି, ମାନସମ୍ମାନ ପ୍ରାପ୍ତି, ଶାରୀରିକ ସୁସ୍ଥ, ଦୂର ଯାତ୍ରା ସଫଳ, ଶୁଭ ଆଲୋଚନା, ପୁରାତନ ବନ୍ଧୁମିଳନ, ଦ୍ରବ୍ୟ ଲାଭ, ସନ୍ତାନ ଲାଭ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ଗାଈଙ୍କୁ ଖାଇବାକୁ ଦିଅନ୍ତୁ।

**ବିଛା:** ଭାବିଥିବା କାର୍ଯ୍ୟରେ ବିଘ୍ନ ରହିବ, ଶରୀର ସୁସ୍ଥ, ସମ୍ପତ୍ତି ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱଜନ ବିରୋଧ, ଅନୁଷ୍ଠାନରୁ ଲାଭ, ଅର୍ଥ ସମସ୍ୟା ଆସିପାରେ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ନୃସିଂହ।

**ଧନୁ:** କର୍ମକ୍ଷେତ୍ରରେ ଶାନ୍ତି, ଶାରୀରିକ ପରିଶ୍ରମ, ହଠାତ୍ ଅସୁସ୍ଥତା, ଶୁଭ ଖବର, ସମସ୍ତ କାର୍ଯ୍ୟ ପାଇଁ ଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦାମ୍ପତ୍ୟ ଖୁସି, ବିବାଦ ସମାଧାନ। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇସତ ଲାଲ, ସଂଖ୍ୟା-୧୦, ଆରାଧନା- ମା' ଭଗବତୀ।

**ମକର:** ପୈତୃକ ସମ୍ପତ୍ତି ଲାଭ, ଶୁଭ ଖବର, ଅର୍ଥ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ଅଯଥା କଷ୍ଟ, ପୁରାତନ ଦ୍ରବ୍ୟ ଲାଭ, ଶରୀର ସୁସ୍ଥ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା- ମା' କନ୍ୟାକୁମାରୀ।

**କୁମ୍ଭ:** ମାନସିକ ଶାନ୍ତି, ଦୂର ଯାତ୍ରା ପାଇଁ ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନ ଲାଭ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୮, ଆରାଧନା- ମା' ଦୁର୍ଗା।

**ମୀନ:** ବୟୋଜେଷ୍ଠ ବ୍ୟକ୍ତିଙ୍କ ଲାଗି ଚିନ୍ତା, ବନ୍ଧୁ ଦର୍ଶନ, ବିବାଦସମାଧାନ, କର୍ମକ୍ଷେତ୍ରରେ ସଫଳତା, ଲୋକସମ୍ପର୍କ ବୃଦ୍ଧି, ସୁମିଷ୍ଟ ଭୋଜନ ପ୍ରାପ୍ତି, ଦୂରଯାତ୍ରାରୁ ସୁଫଳ, ଶତ୍ରୁ ସମସ୍ୟା। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ।

ଆଶ୍ୱିନ କୃଷ୍ଣ ପକ୍ଷ ଦ୍ୱିତୀୟା
୨୮.୯.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଗଞ୍ଜାମ ଓ ନବରଙ୍ଗପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ ବୁଲି ଦେଖିବା ସହ କୋରାପୁଟର କୋଟପାଡ଼୍ ବ୍ଲକରେ ସ୍ଥିତି ନିରୀକ୍ଷଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ହଜାରେ କୋଟିର ଉଚ୍ଚ ପ୍ରଯୁକ୍ତିବିଦ୍ୟା ନିବେଶ ପ୍ରସ୍ତାବ ଦେଲା ଫାର୍ମଏକ୍ସ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାକୁ ସ୍ୱୟଂଚାଳିତ ଇଲେକଟ୍ରିକ୍ ଟ୍ରାକଟର, ଏଆଇ ସଫ୍ଟୱେୟାର, ରୋବୋଟିକ୍ସ ଏବଂ ସ୍ମାର୍ଟ କୃଷି ପ୍ରଣାଳୀର ଏକ ଅତ୍ୟାଧୁନିକ ଉତ୍ପାଦନ ଓ ରପ୍ତାନି ହବ୍ ଭାବରେ ଗଢ଼ିତୋଳିବା ପାଇଁ ସିଲିକନ୍ ଭ୍ୟାଲିର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସଂସ୍ଥା ଫାର୍ମଏକ୍ସ ରାଜ୍ୟ ସରକାରଙ୍କ ନିକଟରେ ୧,୦୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଦେଇଛି । ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଲ ଅସର ଏବଂ ଏଆଇ ଓ ପ୍ରଡକଟ୍ ଇଞ୍ଜିନିୟରିଂ ମୁଖ୍ୟ ଲଳିତ ଭଟ୍ଟଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରି ଏହି ପ୍ରସ୍ତାବ ଉପସ୍ଥାପନ



କରିଛନ୍ତି । ରାଜ୍ୟରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, କୃଷି ଓ ଉତ୍ପାଦନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକଟର ଏବଂ ଇଲେକଟ୍ରିକ୍ ଯାନ ଭଳି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚ-ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ କୃଷକଙ୍କ ଆୟ ବୃଦ୍ଧି ପାଇବ । ଏହି ପ୍ରକଳ୍ପ ଅଧୀନରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କ୍ୟାମ୍ପସ ସହ ସ୍ମାର୍ଟ କୃଷି କାର୍ଯ୍ୟକ୍ରମ ପ୍ରତିଷ୍ଠା କରାଯିବ, ଯାହା ୧,୧୨୦ଟି ପ୍ରତ୍ୟକ୍ଷ ଏବଂ ପ୍ରାୟ ୩,୭୦୦ଟି ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ପୂର୍ଣ୍ଣ କ୍ଷମତାରେ ଏହି କ୍ୟାମ୍ପସରୁ ବାର୍ଷିକ ୧,୦୦୦ଟି ସ୍ୱୟଂଚାଳିତ ଇଲେକଟ୍ରିକ୍ ଟ୍ରାକଟର ଏବଂ ୧ ଲକ୍ଷ ଫିଲ୍ଡ-ସେନ୍ସିଂ ୟୁନିଟ୍ ଉତ୍ପାଦନ କରାଯାଇ ଭାରତ ଓ ବିଦେଶୀ ବଜାରକୁ ରପ୍ତାନି କରିବାର ଲକ୍ଷ୍ୟ ରଖାଯାଇଛି ।

ଏହି ପ୍ରଯୁକ୍ତିବିଦ୍ୟା ଫାର୍ମଏକ୍ସର ଫାର୍ମମ୍ୟାପ୍ ଓ ପ୍ଲାଟଫର୍ମ, ସାଟେଲାଇଟ୍ ଫୋଟ, ପେଟେଣ୍ଟପ୍ରାପ୍ତ ଓସମୋ ମୃତ୍ତିକା ଆର୍ଦ୍ରତା ସେନ୍ସର ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ମୋବାଇଲ୍ ଆପ୍ ମାଧ୍ୟମରେ ଚାଷୀମାନଙ୍କୁ ଜଳସେଚନ, କୀଟନାଶକ ଓ ସାରର ସଠିକ୍ ବ୍ୟବହାର ସମ୍ପର୍କରେ ରିଅଲ-ଟାଇମ୍ ସୂଚନା ପ୍ରଦାନ କରିବ । ଫଳରେ ଜଳର ଅପଚୟ ରୋକାଯିବା ସହ ଅମଳ ବୃଦ୍ଧି ପାଇବ । ଆଲୋଚନା ପର୍ଯ୍ୟାୟରେ ଥିବା ଏହି ପ୍ରସ୍ତାବ ଓଡ଼ିଶାକୁ ସ୍ୱଚ୍ଛ ଗତିଶୀଳତା ଏବଂ ସ୍ମାର୍ଟ କୃଷି କ୍ଷେତ୍ରରେ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ୩୫ ଟନ୍ ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ; ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ପ୍ରାୟ ୩୫ ଟନ୍ କଂଚା ଗୋରୁ ଚମଡ଼ା ବୋଝେଇ ଏକ ଟ୍ରକ୍ କୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଜବତ ଚମଡ଼ାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ବୋଲି ପୁଲିସ କହିଛି। ଗତ ୨୬ ତାରିଖ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଖୋର୍ଦ୍ଧା ସହରସ୍ଥିତ ଦଳୀୟ କାର୍ଯ୍ୟାଳୟ ନିକଟରେ ଏକ ଟ୍ରକ୍ ରୁ ତୀବ୍ର ଦୁର୍ଗନ୍ଧ ବାହାରୁଥିଲା। ସନ୍ଦେହରେ ପୁଲିସ ଟ୍ରକ୍‌ଟି କୁ ଅଟକାଇ ଯାଂଚ କରିଥିଲା। ଟ୍ରକ୍ ର ଚାଳକ ଓ ସହାୟକ ପ୍ରଥମେ ଏଥିରେ ଛେଳି ଚମଡ଼ା ଥିବା କହିଥିଲେ। ତେବେ ଯାଂଚ ପରେ ଟ୍ରକ୍ ରେ ଗୋରୁ ଚମଡ଼ା ଥିବା ଜଣାପଡ଼ିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଚମଡ଼ାଗୁଡ଼ିକ ହାଇଦ୍ରାବାଦରୁ ପଶ୍ଚିମବଙ୍ଗ ଅଭିମୁଖେ ପରିବହନ କରାଯାଉଥିବା ଜଣାପଡ଼ିଛି। ଏହି ଚମଡ଼ା ପରିବହନ ସମ୍ପର୍କରେ ଚାଳକ ଓ ସହାୟକ କୌଣସି ବୈଧ କାଗଜପତ୍ର ଦେଖାଇପାରିନଥିଲେ। ପରେ ପୁଲିସ ଟ୍ରକ୍ ଟିକୁ ଜବତ କରିବା ସହ ଏଥିରେ ଥିବା ପ୍ରାୟ ୩୫ ଟନ୍ କଂଚା ଗୋରୁ ଚମଡ଼ା ଜବତ କରିଥିଲା। ଖୋର୍ଦ୍ଧା ଜିଲ୍ଲା ପଶୁ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଚମଡ଼ା ପରୀକ୍ଷା କରିବା ସହ ଏହାର ନମୁନା ସଂଗ୍ରହ କରିଛନ୍ତି। ଏହି ଘଟଣାରେ ତେଲେଙ୍ଗାନାର ନଲଗୋଣ୍ଡା ଜିଲ୍ଲା ଅନ୍ତର୍ଗତ ଅଂଚଳ ର ଧୀରାବତ ନରେଶ (୩୬) ଏବଂ ରଙ୍ଗାରେଡ୍ଡି ଜିଲ୍ଲା ଅଂଚଳର ଧନାବତ ରମେଶ (୩୮)ଙ୍କୁ ପୁଲିସ ଗିରଫ କରିଛି। ଗିରଫ ଦ୍ୱୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଏନେଇ ପୁଲିସ ୫୮୮/୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୦ ଓ ୩(୫) ସହିତ ଓଡ଼ିଶା ଗୋହତ୍ୟା ନିବାରଣ ଆଇନର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ଚମଡ଼ା ପଠାଇଥିବା ଓ ଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

# ଖଣ୍ଡଗିରି-ଉଦୟଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଶୁଭାରମ୍ଭ କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ଐତିହାସିକ ଗୌରବକୁ ପର୍ଯ୍ୟଟକମାନଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଭୁବନେଶ୍ୱରର ଐତିହାସିକ ଖଣ୍ଡଗିରିଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏହି ମନୋରମ ପର୍ଯ୍ୟଟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଯୋଗରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଏହି ଆକର୍ଷଣୀୟ ଶୋ' ବିକଶିତ କରାଯାଇଛି। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଧୁନିକ ପ୍ରଯୁକ୍ତିବିଦ୍ୟା, ଆଲୋକ, ଶବ୍ଦ ଏବଂ କାହାଣୀ କଥନ ଶୈଳୀର ସମାହାରରେ ଐତିହାସିକ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ମାହାତ୍ମ୍ୟକୁ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇବା। ଏହି ଶୋ' ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଦୁଇଟି ପର୍ଯ୍ୟାୟରେ ପ୍ରଦର୍ଶିତ ହେବ।



ପ୍ରତ୍ୟେକ ପ୍ରଦର୍ଶନୀର ଅବଧି ପ୍ରାୟ ୧୬ ମିନିଟ୍ ୭ ସେକେଣ୍ଡ ରହିଥିବା ବେଳେ ଏକାସାଙ୍ଗରେ ୧୨୦ ଜଣ ଦର୍ଶକ ବସି ଏହାକୁ ଉପଭୋଗ କରିବାର ବ୍ୟବସ୍ଥା ରହିଛି। ଦୈନିକ ଦୁଇଟି ଶୋ'ର ସମୟସୂଚୀ: ପ୍ରଥମ ଶୋ': ସନ୍ଧ୍ୟା ୭:୦୦ ରୁ ୭:୩୫ ଏବଂ ଦ୍ୱିତୀୟ ଶୋ': ସନ୍ଧ୍ୟା ୭:୪୫ ରୁ ୮:୨୦ ପର୍ଯ୍ୟଟକମାନେ ଓଡ଼ିଶା ପର୍ଯ୍ୟଟନର ଅଫିସିଆଲ୍ ଟିକେଟିଂ ପୋର୍ଟାଲ୍ www.bookodisha.com ମାଧ୍ୟମରେ ସହଜରେ ଅନଲାଇନ୍ ଟିକେଟ୍ ବୁକ୍ କରିପାରିବେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂହ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ସଚିବ ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ଅଙ୍ଗନ କା ଉତ୍ସବ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ସମସ୍ତ ୨୫୫୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନ କା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଷଣ ପିଠା ଆନୁଷ୍ଠାନିକ ପ୍ରଦର୍ଶନ ପିତା, ମାତା, କିଶୋରୀ ସିଏଚ୍, ପରିବାରର ସଦସ୍ୟମାନେ ଏବଂ ଏଏମସି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା। ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିଠାର ରାନ୍ଧଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ରାନ୍ଧଣା ଶେଷ ପର୍ଯ୍ୟନ୍ତ ଆଙ୍ଗନବାଡ଼ି କେନ୍ଦ୍ରରେ ଏହାର ବିଚାର କରାଯାଇଥିଲା। ଏହା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତାମାନଙ୍କୁ ଚୟନ କରାଯାଇଥିବା ବେଳେ ପ୍ରମାଣପତ୍ର ଗୁଡ଼ିକ ଆସନ୍ତା ୨୯ ତାରିଖ ରେ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୋଷଣ ଡିସି, ଡିପିଏ, ବିସିଏସ୍, ମମତା ଡିସିପି, ସୁଭଦ୍ରା ଫିଲ୍ଡ ଫଙ୍କସନାରୀ, ସିଡିପିଓ ଏବଂ ସୁପରଭାଇଜରଗଣ ସକ୍ରିୟ ଅଂଶଗ୍ରହଣ କରି ସହଯୋଗ ପ୍ରଦାନ କରିଥିଲେ।

## ବିଏମସିର ଦୋକାନକୁ ସିଲ୍ ନୋଟିସ୍ ପ୍ରସଙ୍ଗ

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ "ଆମେ ଭୁବନେଶ୍ୱରିଆ' ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର(ସବ୍ୟୁ): ରାଜଧାନୀ ଭୁବନେଶ୍ୱରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଛୋଟ ଓ ମଧ୍ୟମ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବ୍ୟାପକ ଭାବେ ନୋଟିସ୍ ଜାରି ଏବଂ ସିଲ୍ କରାଯିବା ପ୍ରସଙ୍ଗକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ମଧ୍ୟରେ "ଆମେ ଭୁବନେଶ୍ୱରିଆ'ର ଏକ ପ୍ରତିନିଧିମଣ୍ଡଳ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରିଛନ୍ତ ।

"ଆମେ ଭୁବନେଶ୍ୱରିଆ'ର ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ଆବାହକ ବାସୁଦେବ ଭଟ୍ଟଙ୍କ ସହଯୋଗରେ ଆୟୋଜିତ ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଓ ସିଲ୍ ପ୍ରକ୍ରିୟା ସମ୍ପର୍କରେ ମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବିଧାୟକ ବାବି ସିଂ, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଓ ଶ୍ରୀ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ସକ୍ରିୟ ଭାବେ ନିଜର ମତାମତ ରଖିଥିଲେ ।

ପ୍ରତିନିଧିମଣ୍ଡଳର ମୁଖ୍ୟ ଦାବି ହେଉଛି, ସିଲ୍ ନୋଟିସ୍ ସ୍ଥଗିତ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସିଲ୍ କରିବା ପାଇଁ ଦିଆଯାଉଥିବା ନୋଟିସ୍ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାଯାଉ । ଉଚ୍ଚସ୍ତରୀୟ ତଦାରଖ ସହ ଯଦି କୌଣସି ବିଶେଷ ପରିସ୍ଥିତିରେ ସିଲ୍ ନୋଟିସ୍ ଜାରି କରାଯାଏ, ତେବେ ତାହା କେବଳ ବିଏମସି କମିଶନରଙ୍କ ବ୍ୟକ୍ତିଗତ ତଦାରଖ ଓ ଅନୁମୋଦନକ୍ରମେ କରାଯାଉ । ମନ୍ତ୍ରୀ ଏହି ଦାବିଗୁଡ଼ିକୁ ସହାନୁଭୂତିର ସହ ଗ୍ରହଣ କରି ସହମତି ପ୍ରକାଶ କରିବା ସହ ଆଶ୍ୱାସନା ଦେଇଛନ୍ତି ।

## ମୋର ସ୍ୱାସ୍ଥ୍ୟ ମୋର ଗର୍ବ

# ସ୍ୱାସ୍ଥ୍ୟ ସଚେତନତା ଶିବିର

କଟକ,( ସବ୍ୟୁ ): ନିଶା ମୁକ୍ତ ଯୁବା ବିକଶିତ ଭାରତ କାର୍ଯ୍ୟକ୍ରମ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ମାଇଁ ଭାରତ କଟକ ଓ ଜିଲ୍ଲା ପ୍ରଶାସନ କଟକର ମିଳିତ ଆନୁକୁଲ୍ୟରେ ମୋର ସ୍ୱାସ୍ଥ୍ୟ ମୋର ଗର୍ବ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଜେଏନ ଇନଡୋର ଷ୍ଟାଡିୟମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଖ୍ୟଅତିଥି ଭାବେ ମାଇଁ ଭାରତ ରାଜ୍ୟ ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ, ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ସୁଜାତା ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା,ସିଟି ମେଡିକାଲ ଚିକିତ୍ସକ ଡ଼ ଶ୍ରୀୟା ମହାନ୍ତି, ଡ଼ ହିତାକାଂକ୍ଷୀ ପ୍ରଧାନ,ପଦ୍ମଜା ଷଡ଼ଙ୍ଗୀ ଓ ସାଗରିକା ବେହେରା ପ୍ରମୁଖ ଯୋଗଦେଇ ନିଶା ଦ୍ୱାରା ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଯୁବକର ଆୟୁଷ କମିବାରେ ଲାଗିଛି।ନିଶା ପାନ ଦ୍‌ବାରା ଅନେକ ଜୀବନ ଜୀବିକା ଯାଉଛି। ଏଥିପାଇଁ ସମସ୍ତ ଯୁବ ଗୋଷ୍ଠୀ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।ନିଶାପାନ ନକରିବା ପାଇଁ ଅତିଥିଙ୍କ ଦ୍ୱାରା ଯୁବଗୋଷ୍ଠୀ ସପଥପାଠ କରିଥିଲେ। ଏହି ଅବସରରେ ଉପସ୍ଥିତ ଚିକିତ୍ସକଙ୍କ ଦ୍ୱାରା ଦୁଇଶହରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀଙ୍କ ବିଭିନ୍ନ ସ୍‌ବାସ୍ଥ୍ୟ ପରୀକ୍ଷା କରାଯାଇ ଉପଦେଶ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ ଓ କଲେଜରୁ ଦୁଇ ଶହରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ।

## ପର୍ଯ୍ୟଟକଙ୍କୁ ଛୁରି ଓ ଲୁହା ରଡ୍ ଦେଖାଇ ଲୁଟ୍ ଅଭିଯୋଗ

# ତିନି ଅଭିଯୁକ୍ତ ଗିରଫ, ଦୁଇ ବାଇକ୍ ସହ ଛୁରି-ଲୁହା ରଡ୍ ଜବତ

ପୁରୀ, (ସବ୍ୟୁ): ପର୍ଯ୍ୟଟକଙ୍କୁ ଛୁରି ଓ ଲୁହା ରଡ୍ ଦେଖାଇ ଭୟଭୀତ କରି ଟଙ୍କା ଲୁଟ୍ ଅଭିଯୋଗରେ ତାଳବଣିଆ ଥାନା ପୁଲିସ ୩ ଜଣଙ୍କୁ ଗିରଫ




କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବ୍ୟାକସାଇଡ୍‌ର ଗଣେଶ ବେହେରା (୨୦), କୁମ୍ଭାରପଡ଼ା ଥାନା ଷ୍ଟେସନ୍ ରୋଡ୍ ଘୋଡ଼ାବଜାରର ରାହୁଲ ନାୟକ (୨୩) ଏବଂ ସମୁଦ୍ରକୂଳ ଥାନା ପେଣ୍ଠକଟା ଧୋବାଖାଲ ଅଞ୍ଚଳର କାର୍ତ୍ତିକ ନାୟକ (୨୬)। ପୁଲିସର ସୂଚନା ଅନୁଯାୟୀ, ୨୬ ତାରିଖ ରାତି ପ୍ରାୟ ୮ଟା ୩୦ରେ ତାଳବଣିଆ ଥାନାର ଏଏସ୍‌ଆଇ ଏସ୍.କେ. ପାତ୍ର ଅନ୍ୟ ପୁଲିସ କର୍ମଚାରୀଙ୍କ ସହ ସିଦ୍ଧମହାବୀର ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେଣ୍ଟ୍ରାଲ ସ୍କୁଲ ନିକଟରେ ୩ ଜଣ ବ୍ୟକ୍ତି ପର୍ଯ୍ୟଟକଙ୍କୁ ଛୁରି ଦେଖାଇ ଟଙ୍କା ଆଦାୟ କରୁଥିବା ନେଇ ସୂଚନା ମିଳିଥିଲା।

ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଜଣେ ରୟାଲ ଏନ୍‌ଫିଲ୍ଡ ହଣ୍ଟର-୩୫୦ ଓ ଅନ୍ୟ ଜଣେ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ୍‌ରେ ବସିଥିବା ବେଳେ ତୃତୀୟ ଜଣ ରାସ୍ତା ଉପରେ ଲୁହା ରଡ୍ ଧରି ଠିଆ ହୋଇଥିବା ପୁଲିସ କହିଛି। ପୁଲିସକୁ ଦେଖି ଅଭିଯୁକ୍ତମାନେ ଛୁରି ଓ ଲୁହା ରଡ୍ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ପରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ତାଳବଣିଆ ଥାନାରେ ଏଏସ୍‌ଆଇ ଏସ୍.କେ. ପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ କେସ୍ ନଂ. ୨୭୭, ତାରିଖ ୨୬.୦୯.୨୦୨୬ ରୁଜୁ ହୋଇଛି। ମାମଲାରେ ଭଏନଏସର ବିଭିନ୍ନ ଧାରା ଲାଗୁ କରାଯାଇ ତଦନ୍ତ ଚାଲିଛି। ତଦନ୍ତକାରୀ ଅଧିକାରୀ ଭାବେ ଥାନା ଆଇଆଇସି ଇନ୍‌ସପେକ୍ଟର ଏ. ମିଶ୍ର ଦାୟିତ୍ୱ ନେଇଛନ୍ତି। ପୁଲିସ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ମୋଟରସାଇକେଲ, ୫ଟି ମୋବାଇଲ ଫୋନ୍, ଗୋଟିଏ ଛୁରି, ଗୋଟିଏ ଲୁହା ରଡ୍ ଏବଂ ୧,୭୬୧ ଟଙ୍କା ନଗଦ ଜବତ କରିଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଆଇନାନୁସାରେ କୋର୍ଟରେ ହାଜର କରାଯାଇଛି।



## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୮ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# 'ଜନ ଭାଗିଦାରୀ' ଆହ୍ୱାନକୁ ବ୍ୟାପକ କରି ରାଷ୍ଟ୍ର ନିର୍ମାଣରେ ସକ୍ରିୟ ହେବା : ମନମୋହନ



ଭୁବନେଶ୍ୱର, (ସବ୍ୟୁ): ପ୍ରତିଥର ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୮ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ। ସେ ସର୍ଜିକାଲ୍ ଷ୍ଟ୍ରାଇକ୍‌ର ୧୦ ବର୍ଷ ପୂର୍ତ୍ତି ବିଷୟରେ ଆଲୋକପାତ କରିବା ସହ ଭାରତୀୟ ସେନାର ବୀରତା ଓ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ନୀତି ସମ୍ପର୍କରେ କହିଛନ୍ତି। ଏଥିସହ ସ୍ୱଚ୍ଛତା, ପରିବେଶ ଓ ବନ୍ୟଜୀବ ସୁରକ୍ଷା, ନିଶାମୁକ୍ତ ଯୁବ ସମାଜ, ଗ୍ରାମୀଣ କ୍ରୀଡ଼ା ପ୍ରତିଭା, ସ୍ଥାନୀୟ ଉତ୍ପାଦ ଓ କୁପୋଷଣ ବିରୋଧୀ ଜନଭାଗିଦାରୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମୋଦୀଜୀ ନିଜର ବିଚାରବ୍ୟକ୍ତ କରିଛନ୍ତି। ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଜନଗଣନା ବିଷୟରେ ଉଲ୍ଲେଖ କରିଥିଲେ। ଜଣଗଣନା ଆମ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଭାଗନେଇ ପରିବାର ସମ୍ବନ୍ଧରେ ସଠିକ୍ ସୂଚନା ଦେଇ ଦେଶର ଭବିଷ୍ୟତ ଚିତ୍ର ଓ ପରିସଂଖ୍ୟାନ ପ୍ରସ୍ତୁତ କରିବାକୁ ମୋଦିଜୀ ଯେଉଁ ଆହ୍ୱାନ ଦେଇଛନ୍ତି, ସେଥିରେ ସମସ୍ତେ ସାମିଲ ହୋଇ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ନିଭାଇବାକୁ ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଆଜି କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭବାନୀପାଟଣା ନଗର ମଣ୍ଡଳର ୧୪୮ ମନ୍ଦାରବଗିଚାପଡ଼ା(୩) ନମ୍ବର ବୁଥ୍‌ଠାରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହ ଶ୍ରୀ ସାମଲ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ "ମନ କି ବାତ" କାର୍ଯ୍ୟକ୍ରମ କେବଳ ଏକ ବିଚାର ନୁହେଁ ବରଂ ଦେଶର କୋଣ ଅନୁକୋଣରେ ହେଉଥିବା ସକାରାତ୍ମକ ପ୍ରୟାସ, ସେବା ଓ ଜନ ଭାଗିଦାରୀକୁ ଏକ ସୂତ୍ରରେ ଯୋଡୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ମୋଦିଜୀଙ୍କ 'ଜନ ଭାଗିଦାରୀ'ର ଆହ୍ୱାନକୁ ଆହୁରି ସଶକ୍ତ କରି ରାଷ୍ଟ୍ର ନିର୍ମାଣରେ ନିଜର ସକ୍ରିୟ ଭୂମିକା ନେବା। କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ମିଳିଥିବାରୁ ଅତ୍ୟନ୍ତ ଖୁସି ଅନୁଭବ କରୁଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ, ବିଧାୟକ ସୁଧୀର ପାଟ୍ଟଯୋଶୀ, ଲକ୍ଷ୍ମଣ ବାଗ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, କଳାହାଣ୍ଡି ଜିଲ୍ଲା ସଭାପତି ଯୁଗୋଳ କିଶୋର ପୋଡ଼, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ନଗରମଣ୍ଡଳ ସଭାପତି ଚିତରଞ୍ଜନ ପାତ୍ର, ବୁଥ୍ ସଭାପତି ପୃଥ୍ୱୀରାଜ ସିଂ ଓ ଶକ୍ତିକେନ୍ଦ୍ର ପ୍ରମୁଖ ଅନୁପ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଟୋ ଚାଳକଙ୍କଠାରୁ ଦାଦା ବଟି ଆଦାୟ ଅଭିଯୋଗରେ ୪ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରରେ ଯାତ୍ରୀବାହୀ ଅଟୋ ଚାଳକଙ୍କଠାରୁ ଦାଦାବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। 'ଅପରେସନ୍ ଚକ୍ର' ଅଭିଯାନରେ ମୋଚିସାହି ଛକ ନିକଟରୁ ସେମାନଙ୍କୁ କାବୁ କରାଯାଇଥିବା ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳି ସାହି ଥାନା ମଙ୍ଗଳାଘାଟ ସାବିତ୍ରୀ ବିହାରର ଜଗନ୍ନାଥ ମହାପାତ୍ର (୩୫) ଓ ବଳରାମ ମହାପାତ୍ର (୩୨), ଟାଉନ ଥାନା ଡୋଳମଣ୍ଡପ ସାହିର ଦେବାଶିଷ ମହାପାତ୍ର ଓରଫ୍ ଚିକୁ (୨୩) ଏବଂ ଆୟୁଷ ମହାପାତ୍ର (୨୫)।



ପୁଲିସର ସୂଚନା ଅନୁଯାୟୀ, ୨୬ ତାରିଖ ରାତି ପ୍ରାୟ ୯ଟା ୧୫ରେ ମୋଚିସାହି ଛକ ନିକଟରେ ଯାତ୍ରୀବାହୀ ଅଟୋ ଚାଳକଙ୍କଠାରୁ କିଛି ଯୁବକ ଦାଦାବଟି ଆଦାୟ କରୁଥିବା ଖବର ପାଇ ଟାଉନ ଥାନା ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଅଭିଯୁକ୍ତମାନଙ୍କୁ ଧରାଯାଇଥିବା ପୁଲିସ କହିଛି। ସେମାନଙ୍କ ନିକଟରୁ ଗୋଟିଏ ହୋଣ୍ଡା ଏଭିଏଟର ସ୍କୁଟି, ଗୋଟିଏ ଲୁହା କଟୁରୀ, ୩ଟି ମୋବାଇଲ ଫୋନ୍ ଏବଂ ୧,୯୪୦ ଟଙ୍କା ନଗଦ ଜବତ ହୋଇଛି। ଏନେଇ ଟାଉନ ଥାନାରେ କେସ୍ ନଂ. ୬୫୫/୨୬ ରୁଜୁ କରାଯାଇ ଇଘଝରେ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଚନ୍ଦନ କୁମାର ଘଡ଼େଇ ମାମଲାର ତଦନ୍ତ କରୁଛନ୍ତି। ପୁଲିସର ଯାଞ୍ଚରୁ ଗିରଫ ୪ ଅଭିଯୁକ୍ତଙ୍କ ପୂର୍ବରୁ ମଧ୍ୟ ଅପରାଧିକ ରେକର୍ଡ ଥିବା ଜଣାପଡ଼ିଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ୨୭ ତାରିଖରେ ସମସ୍ତଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯିବା ପରେ ଜେଲ୍ ହାଜତକୁ ପଠାଯାଇଛି। ପୁଲିସ ପକ୍ଷରୁ ସେମାନଙ୍କ ବିରୋଧରେ ବିଏନ୍‌ଏସ୍ ଓ ଏସ୍ୱାରା ୧୨୯ ଅନୁଯାୟୀ ମଧ୍ୟ ଆଇନଗତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ସମ୍ବଲପୁରରେ ଅଶୋକ ସିଂଘଲଜୀଙ୍କ ଜନ୍ମ ଶତାବ୍ଦୀ ସମାରୋହ

# ଅଶୋକ ସିଂଘଲଜୀ ଥିଲେ ସନାତନ ସମାଜର 'ଅଗ୍ରଣୀ ସେନାପତି' : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଅନ୍ତର୍ଜାତୀୟ ଅଧ୍ୟକ୍ଷ ସ୍ୱର୍ଗତ ଅଶୋକ ସିଂଘଲ ଜୀ ସନାତନ ସମାଜର ଅଗ୍ରଣୀ ସେନାପତି ଥିଲେ । ସେ ନ ଥିଲେ ଭବ୍ୟ ରାମ ମନ୍ଦିରର ସ୍ୱପ୍ନ ସାକାର ହୋଇପାରିନଥାନ୍ତା ବୋଲି କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ସମ୍ବଲପୁରରେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା (ପଶ୍ଚିମ) ଦ୍ୱାରା ଆୟୋଜିତ ଅଶୋକ ସିଂଘଲ ଜୀଙ୍କ ଜନ୍ମ ଶତାବ୍ଦୀ ଉଦ୍‌ଘାଟନୀ ସମାରୋହରେ ସାମିଲ ହୋଇ ଶ୍ରୀ ପ୍ରଧାନ ତାଙ୍କର ସ୍ମୃତିଚାରଣ କରି କୃତଜ୍ଞ ସମାଜ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ମୀନାକ୍ଷୀପୁରମ୍‌ର ଧର୍ମାନ୍ତରଣ ଘଟଣା ପରେ ଦେଶବ୍ୟାପୀ ଯେଉଁ ମହା ଆନ୍ଦୋଳନ ସୃଷ୍ଟି ହୋଇଥିଲା, ତାହା ଶେଷରେ ଏକ ନିର୍ଣ୍ଣାୟକ ମୋଡ଼ ନେଇଥିଲା। ଶ୍ରୀରାମ ଜନ୍ମଭୂମିରେ ଅନ୍ୟ ଏକ ଢାଞ୍ଚାକୁ ସମାଜ ବାଧ ହୋଇ ସହ୍ୟ କରୁଥିଲା । ସେହି ସମୟରେ ନେତୃତ୍ୱ ନେଇ ସୈନ୍ୟ ଶକ୍ତି ଓ ଜନଜାଗରଣ ତିଆରି କରିବାରେ ଜଣେ ଅଗ୍ରଣୀ 'ସନ୍ନ୍ୟାସୀ ସେନାପତି' ଥିଲେ ଅଶୋକ ସିଂଘଲ ଜୀ। ସେ ଯଦି ନଥାନ୍ତେ, ତେବେ ଆଜି ପବିତ୍ର ରାମଜନ୍ମଭୂମିରେ ଶ୍ରୀରାମଚନ୍ଦ୍ରଙ୍କର ଏହି ଭବ୍ୟ ମନ୍ଦିର ନିର୍ମାଣ ହୋଇପାରିଥାନ୍ତା କି ନାହିଁ, ତାହା ଆଜି ଇତିହାସର ସମୀକ୍ଷାର ବିଷୟ।

ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଅଶୋକ ସିଂଘଲ ଜୀଙ୍କ ଜୀବନ ତିଳ ତିଳ କରି ସମର୍ପିତ ଥିଲା। କେବଳ ମନ୍ଦିର ନିର୍ମାଣ ନୁହେଁ, ମନ୍ଦିର ନିର୍ମାଣ ନାଁରେ ସମଗ୍ର ରାଷ୍ଟ୍ରକୁ ଏକତ୍ରିତ, ସଂଗଠିତ, ସ୍ୱାଭିମାନୀ ଓ ସାହସୀ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ଯେତେବେଳେ ଉତ୍ତର ପ୍ରଦେଶର ଶାସକମାନେ 'ପରିନ୍ଦା ଭି ପର ମାର୍ ନହିଁ ସକତା' ଭଳି ଦମ୍ଭ ଦେଖାଉଥିଲେ, ସେତେବେଳେ ଅଶୋକ ସିଂଘଲ ଜୀ ନିଜେ ମୁଣ୍ଡରେ ଲାଠି ଖାଇ, ରକ୍ତ ଝରେଇ ଯୁବସମାଜକୁ ପ୍ରେରିତ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅଶୋକ ସିଂଘଲ ଜୀ କେବଳ ବିଶ୍ୱ ହିନ୍ଦୁ ପରିଷଦର ଅଧିକାରୀ କିମ୍ବା ଆରଏସ୍‌ଏସ୍‌ର ପ୍ରଚାରକ ନଥିଲେ, ବରଂ ଭାରତର ସବୁ ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ଶଙ୍କରାଚାର୍ଯ୍ୟ ପୀଠଗୁଡ଼ିକୁ ଏକାଠି କରିବା ସହ ସମାଜ ବିରୋଧୀ ତତ୍ତ୍ୱଙ୍କ ମନରେ ଭୟ ତିଆରି କରିଥିବା ସମଗ୍ର ସନାତନ ସମାଜର ପ୍ରେରକ ବ୍ୟକ୍ତିତ୍ୱ ଥିଲେ। ଆଜି ବି ସନାତନ ପରମ୍ପରା, ହିନ୍ଦୁ ସଭ୍ୟତା ଓ ସମାଜ ଆଗରେ ଅନେକ ଆହ୍ୱାନ ଓ ଦ୍ୱନ୍ଦ୍ୱ ରହିଛି । ଏହି ଜାଗ୍ରତ ସମାଜରେ ମହାପୁରୁଷଙ୍କ ବାଣୀକୁ ମନେ ପକାଇ ତାଙ୍କ ବିଚାରଧାରାରେ ଏକ ସଶକ୍ତ ଓ ଜାଗ୍ରତ ସମାଜ ଗଠନ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସାଂସଦ ଶ୍ରୀ ପ୍ରଧାନ କହିଥିଲେ ।




# ବିଜେବି ଉଚ୍ଚ ବିଦ୍ୟାଳୟ ପୂର୍ତ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଜୋରଦାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାର ଐତିହାସିକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ୧୨୫ତମ ପୂର୍ତ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । ଏନେଇ ରବିବାର ବିଦ୍ୟାଳୟ ପରିସରରେ ପ୍ରାକ୍ତନ ଛାତ୍ର ସଂସଦ ଓ ବିଦ୍ୟାଳୟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ୧୮୯୬ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଦୀର୍ଘ ୧୨୫ବର୍ଷ ଧରି ଖୋର୍ଦ୍ଧା ଅଂଚଳରେ ଶିକ୍ଷାର ପ୍ରସାର କରିଆସୁଛି। ଏହି ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରି ଡକ୍ଟର ମାୟାଧର ମାନସିଂହ, ସଚ୍ଚି ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି। ପୂର୍ତ୍ତି ଉତ୍ସବ ଅବସରରେ ସଚ୍ଚି ରାଉତରାୟ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଏଥିସହ ବିଦ୍ୟାଳୟ ପରିସରରେ ୧୦୨ଫୁଟ ଉଚ୍ଚତାର ଜାତୀୟ ପତାକା ସ୍ଥାପନ କରାଯିବ। ଉତ୍ସବ ଅବସରରେ ବିଦ୍ୟାଳୟର ଇତିହାସ ଓ ଐତିହ୍ୟକୁ ନେଇ ସ୍ମରଣିକା ପ୍ରକାଶନ ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ବିଦ୍ୟାଳୟର ଭିତିଭୂମି ବିକାଶ, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଐତିହାସିକ ସମ୍ପଦ ସଂରକ୍ଷଣ ନେଇ ମଧ୍ୟ ଆଲୋଚନା କରାଯିବ। ସାମ୍ବାଦିକ ସମ୍ମିଳନୀରେ ଉମାଶଙ୍କର ପ୍ରସାଦ, ବିକ୍ରମ କୁମାର ଦାଶ, ଦେବ ପ୍ରସାଦ ମଜୁମଦାର, ଗୋପାଳ କୃଷ୍ଣ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉତ୍ସବକୁ ସଫଳ କରିବା ପାଇଁ ଗଣମାଧ୍ୟମ ଓ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଛି।

## ଡ୍ୟୁଟିରେ ଥିବା ଓଡ୍ରାଫ ଯବାନଙ୍କୁ କାମୁଡ଼ିଲା ବିଷାକ୍ତ ସାପ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକର ପାଟଳୀପୁରା ପଞ୍ଚାୟତ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ବନ୍ୟା ଜଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଓଡ୍ରାଫ ଯବାନଙ୍କୁ ବିଷାକ୍ତ ସାପ କାମୁଡ଼ିଥିବା ବେଳେ ସେ ଡ଼ାକ୍ତରଖାନାରେ ଚିକିତ୍ସିତ ଥିବା ଜଣାଯାଇଛି। ସୂଚନା ମୁତାବକ ଓଡ୍ରାଫ ଟିମ୍‌ର ଯବାନମାନେ ବୋଟ ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରୁଥିଲେ। ଏହି ସମୟରେ ବୋଟରେ ଥିବା ଜଣେ ଯବାନଙ୍କୁ ସାପ କାମୁଡ଼ିଥିଲା। ଘଟଣା ପରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଆହତ ଓଡ୍ରାଫ ଜବାନ ଜଣକ ବାରିପଦା ସ୍ଥିତ ୫ମ ବାଟାଲିୟନ ପରିସରରେ ରହୁଥିବା କରଞ୍ଜିଆ ଅଞ୍ଚଳର ଅରୁଣ କୁମାର ମହାନ୍ତି ।

## ଚୌଦ୍ୱାରରେ ଦିନ ଦ୍ୱିପ୍ରହରରେ ଘରେ ପଶି ଲୁଟ୍

# ୨୮ ହଜାର ନଗଦ ସହ ୮୦ ଗ୍ରାମ ସୁନା ନେଇଗଲେ ଦୁର୍ବୃତ୍ତ

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ଥାନା ଅଞ୍ଚଳରେ ଚୋରି ଘଟଣା ଥମିବାର ନାଁ ଧରୁନି। ଏବେ ରାତିର ଅନ୍ଧାର ନୁହେଁ, ଦିନ ଦ୍ୱିପ୍ରହରରେ ଘରେ ପଶି ଦୁର୍ବୃତ୍ତମାନେ ଲୁଟପାଟ ହେବା ଘଟଣା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ରବିବାର ଅପରାହ୍ନ ପ୍ରାୟ ୩ ଟାରେ ଚୌଦ୍ୱାର ପୌରପାଳିକା ୧୧ନମ୍ବର ୱାର୍ଡ ଓଟିଏମ କଲୋନୀ ସି-ଲାଇନର ସି/୪୬ ନମ୍ବର ଘରେ ଘଟିଥିବା ଚୋରି ଏହି ଚିନ୍ତାକୁ ଆହୁରି ଗଭୀର କରିଛି। ଘର ମାଲିକ ଶିବାଜୀ ପଟ୍ଟନାୟକଙ୍କ ଘର ପଛପଟ କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘର ଭିତରକୁ ପଶିଥିଲେ। ଘରୁ ନଗଦ ୨୮ ହଜାର ଟଙ୍କା ସହ ପ୍ରାୟ ୮୦ ଗ୍ରାମ ସୁନା ଓ ୨୦୦ଗ୍ରାମ ଓଜନର ଚାନ୍ଦି ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶ୍ରୀ ପଟ୍ଟନାୟକଙ୍କ ପତ୍ନୀ ଅସୁସ୍ଥ ଥିବାରୁ ଔଷଧ ଖାଇ ଘରେ ଶୋଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି।

ଅପରାହ୍ନରେ ଶ୍ରୀ ପଟ୍ଟନାୟକଙ୍କ ଝିଅ ଅଫିସରୁ ଘରକୁ ଫେରିବା ପରେ ପଛପଟ କବାଟ ଭଙ୍ଗା ଥିବା ଦେଖି ସନ୍ଦେହ କରିଥିଲେ। ଘର ଭିତରକୁ ଯାଇ ଦେଖିବା ବେଳକୁ ଆଲମିରା ଖୋଲା ପଡ଼ିଥିଲା ଏବଂ ଘରର ଜିନିଷପତ୍ର ଏପଟସେପଟ ହୋଇଥିଲା। ଦୁର୍ବୃତ୍ତମାନେ ଗୋଟିଏ ପର୍ସ ଓ ଷ୍ଟିଲ୍ ବାକ୍ସକୁ ମଧ୍ୟ ପଛପଟ କବାଟ ନିକଟରେ ଫୋପାଡ଼ି ଦେଇ ଚମ୍ପଟ ମାରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଚୌଦ୍ୱାର ଥାନାକୁ ଖବର ଦିଆଯିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ ଦିନ ଦ୍ୱିପ୍ରହରରେ ଘରର ତାଲା ଭାଙ୍ଗି ଏତେ ପରିମାଣର ନଗଦ ଓ ସୁନା ଲୁଟ ହେବା ଘଟଣା ପୁଲିସର ପାଟ୍ରୋଲିଂ ଓ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ପୂର୍ବରୁ ମଧ୍ୟ ଚୌଦ୍ୱାର ଅଞ୍ଚଳରେ ଦିନବେଳେ ଚୋରି ଘଟଣା ସାମ୍ନାକୁ ଆସିଥିଲା। ଗତ ୧୭ ତାରିଖ ଦିନ ସ୍ଥାନୀୟ ଗୋପବନ୍ଧୁ ପଡ଼ିଆ ରାଧାମୋହନ ମନ୍ଦିର ନିକଟସ୍ଥ ଏକ କ୍ୱାଟରରୁ ଏହିଭଳି ସ୍ପଷ୍ଟ ଦିବାଲୋକରେ ଗଡ୍ରେଜ ଲକରରୁ ୫୦ ହଜାର ଟଙ୍କା ସହ ୧୨ ଗ୍ରାମର ମଙ୍ଗଳସୂତ୍ର, ୨୨ ଗ୍ରାମର ସୁନାହାର, ପ୍ରାୟ ୧୬ ଗ୍ରାମ ଓଜନର ୩ଟି କାନଫୁଲ ଏବଂ ୪ ଗ୍ରାମର ଏକ ସୁନାମୁଦି ଚୋରି କରି ନେଇଥିଲେ। ତେବେ କଲୋନୀ ଅଞ୍ଚଳରୁ ଦିନରେ ବାରମ୍ବାର ଚୋରି ହେବା ନେଇ ଏଠାରେ ଚୋର ଗ୍ୟାଙ୍ଗ୍ ସକ୍ରିୟ ଥିବା ନେଇ ଆଲୋଚନା ହେଉଛି। ସହରର ବିଭିନ୍ନ କଲୋନୀ ଓ ଜନବସତି ଅଞ୍ଚଳରେ ନିୟମିତ ପୁଲିସ ପାଟ୍ରୋଲିଂ ବଢ଼ାଇବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ସହ ଅଞ୍ଚଳର ସିସିଟିଭି କ୍ୟାମେରା ଯାଞ୍ଚ କରି ଚୋରଙ୍କୁ ଧରିବାକୁ ଦାବି ହେଉଛି। ନଚେତ ଦିନରେ ଯଦି ଲୋକଙ୍କ ଘର ସୁରକ୍ଷିତ ନୁହେଁ, ତେବେ ରାତିରେ ସୁରକ୍ଷାକୁ ନେଇ ଲୋକେ ଭରସା କରିବେ କାହା ଉପରେ-ଏହି ପ୍ରଶ୍ନ ଏବେ ଚୌଦ୍ୱାର ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

## ଘରେ କେହି ନ ଥିବା ସୁଯୋଗ ନେଇ କଳାକନା ବୁଲାଇଲେ ଚୋର, ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରୀ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ମହୁଲପାଟଣା ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରୀ କଲେ ଦୁର୍ବୃତ୍ତ । ପ୍ରାପ୍ତ ସୂଚନା ମୁତାବକ ମହୁଲପାଟଣା ଗ୍ରାମର ସ୍ୱର୍ଗତଃ ଭଗବାନ ପଣ୍ଡାଙ୍କ ପୁଅ ଦିନେଶ ପଣ୍ଡାଙ୍କ ସମେତ ପରିବାର ଘରେ ନଥିଲେ । ଏହାର ସୁଯୋଗ ନେଇ ଶନିବାର ବିଳମ୍ବିତ ରାତ୍ରୀରେ ଦୁଇଟି ବାଇକରେ କିଛି ଦୁର୍ବୃତ୍ତ ଘରର ଗେଟକୁ ଡେଇଁ ପ୍ରମୁଖ ଦ୍ୱାରର ତାଲା କାଟି ଘର ଭିତରକୁ ପଶିଥିଲେ । କିଛି ସମୟ ଧରି ଶ୍ରୀଯୁକ୍ତ ପଣ୍ଡାଙ୍କ ଘରେ ସମସ୍ତ ଦୁର୍ବୃତ୍ତ ପଶି ରହି ଚୋରି କରୁଥିବା ବେଳେ କିଛି ଲୋକ ତାଙ୍କ ଘରେ କଥା ହେଉଥିବାର ପାଖ ପଡ଼ୋଶୀ ଜାଣିବାକୁ ପାଇଥିଲେ । ସେମାନେ ଚିତ୍କାର କରିବାରୁ ସମସ୍ତ ଦୁର୍ବୃତ୍ତ ଦୌଡ଼ି ପଳାଇଥିଲେ । ପଡ଼ୋଶୀ ଲୋକ କିଛି ସମୟ ପରେ ଶ୍ରୀଯୁକ୍ତ ପଣ୍ଡା ଘର ନିକଟକୁ ଆସି ଦେଖିବା ବେଳକୁ ଘରର ତାଲା ଭଙ୍ଗା ଯାଇଛି । ଏ ନେଇ ରବିବାର ସକାଳ ସମୟରେ ଶ୍ରୀଯୁକ୍ତ ପଣ୍ଡା ଘରେ ପହଞ୍ଚି ଦେଖିବା ବେଳକୁ ଘରର ସମସ୍ତ ରୁମର ତାଲା ଭାଙ୍ଗି ଆସବାବ ପତ୍ର ଏଣେ ତେଣେ ପିଙ୍ଗିବା ସହ ଘରେ ଥିବା ପାଖାପାଖି ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଏବଂ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଯାଇଥିଲା । ସେ ଏ ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ୪୯୭/୨୬ ନମ୍ବରରେ ଏକ ମାମଲା ରୁଜୁ କରିବା ସହ ବୈଶିଙ୍ଗା ଥାନାଧିକାରୀ ବାବାଶଙ୍କର ସରାଫ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏନେଇ ଅଧିକ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ ।

# ୩,୪୯୪ ଖଣ୍ଡ ଗୋ ଚମଡ଼ା ଜବତ, ଟ୍ରକ୍ ଚାଳକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଦେଇ ଗୋଚର୍ମ ଚାଲାଣ ହେଉଥିବା ସନ୍ଦେହରେ ଖୋର୍ଦ୍ଧା ସଦର ଥାନା ପୁଲିସ ଏକ ମାଲବାହୀ ଟ୍ରକ୍‌ରୁ ୩,୪୯୪ ଖଣ୍ଡ ଗୋଚମଡ଼ା ଜବତ କରିବା ସହ ଟ୍ରକ୍ ର ଚାଳକଙ୍କୁ ଗିରଫ କରିଛି। ଜାତୀୟ ରାଜପଥ-୧୬ର ପଣ୍ଡିତ ଢାବା ନିକଟରେ ରବିବାର ଭୋର ସମୟରେ ଏହି ଘଟଣା ଘଟିଛି। ଜବତ ଚମଡ଼ା ର ପ୍ରକୃତ ପରିଚୟ ନିରୂପଣ ପାଇଁ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ବେଳେ ଏହାର ଚାଲାଣ ପଛରେ ଥିବା ନେଟ୍‌ୱର୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ଗିରଫ ଟ୍ରକ୍ ଚାଳକ ହେଲେ ତେଲେଙ୍ଗାନା ର ମେହବୁବ ନଗର ଜିଲ୍ଲା ଅନ୍ତର୍ଗତ ପେରାପଲ୍ଲୀ ଗ୍ରାମ ର ଭେଙ୍କଟାୟା ବାଲାରାଜୁ (୪୫)। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଗିରଫ ଚାଳକ କୁ କୋର୍ଟ ଚାଲାଣ କରିଛି। ରବିବାର ଭୋର ସମୟରେ ବଜରଙ୍ଗ ଦଳ ସଦସ୍ୟ ଶୁଭଙ୍କର ଓ ତାଙ୍କ ସହଯୋଗୀମାନେ ଜାତୀୟ ରାଜପଥ-୧୬ ଦେଇ ଯାଉଥିବା ଟିଏସ୍-୦୮-ୟୁକେ-୦୬୮୧ ନଂ ବିଶିଷ୍ଟ ଏକ ଟ୍ରକ୍ ରୁ ଦୁର୍ଗନ୍ଧ ବାହାରୁଥିବା ଲକ୍ଷ୍ୟ କରିଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ସେମାନେ ପଣ୍ଡିତ ଢାବା ନିକଟରେ ଟ୍ରକ୍‌ଟି କୁ ଅଟକାଇ ଚାଳକଙ୍କୁ ପଚରାଉଚରା କରିଥିଲେ। ଟ୍ରକ୍ ରେ ମାଛ ନିଆଯାଉଥିବା ଏବଂ ତାହା ପଚିଯିବାରୁ ଦୁର୍ଗନ୍ଧ ବାହାରୁଥିବା ଚାଳକ କହିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଗାଡ଼ି ଯାଂଚ ବେଳେ ସେଥିରେ ବିପୁଳ ପରିମାଣର ପଶୁ ଚମଡ଼ା ଥିବା ଦେଖିବାକୁ ମିଳିଥିଲା। ଗାଡି ମଧ୍ୟରୁ ୩,୪୯୪ ଖଣ୍ଡ ଚମଡ଼ା ଜବତ କରାଯାଇଥିଲା। ଗୋରୁଙ୍କ ବଧ ଏବଂ ଚମଡ଼ା ପରିବହନ ସମ୍ପର୍କିତ କୌଣସି ବୈଧ କାଗଜପତ୍ର ଚାଳକ ଦେଖାଇପାରି ନଥିବା ପୁଲିସ ଗାଡି କୁ ଜବତ୍ କରିବା ସହ ଚାଳକ କୁ ଗିରଫ କରିଛି। ପଚରାଉଚରା ସମୟରେ ଟ୍ରକ୍ ଟି ହାଇଦ୍ରାବାଦରୁ କୋଲକତା ଅଭିମୁଖେ ଯାଉଥିଲା ଏବଂ ଗାଡ଼ି ମାଲିକଙ୍କ ନିର୍ଦ୍ଦେଶରେ ବଜାରରେ ବିକ୍ରି ପାଇଁ ଏହି ଗୋ ଚମଡ଼ା ନିଆଯାଉଥିବା ଚାଳକ ସ୍ୱୀକାର କରିଥିବା ଜଣାଯାଇଛି। ଏହି ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨), ୨୮୦ ଓ ୩(୫) ସହ ଓଡ଼ିଶା ଗୋହତ୍ୟା ନିରୋଧ ଆଇନର ଧାରା ୭ ଅନୁଯାୟୀ ମାମଲା ରୁଜୁ ହୋଇଛି।

## ଭାରତର ପ୍ରଥମ ବନ୍ଦର-ଭିତ୍ତିକ ଇ-ମିଥାନଲ୍ ଉତ୍ପାଦନ କାରଖାନାରୁ

# ସବୁଜ ଇନ୍ଧନ ଉତ୍ପାଦନ ହେବା ସହିତ ଜାହାଜଗୁଡ଼ିକୁ ଯୋଗାଣ ହେବ

ଭୁବନେଶ୍ୱର (ସବ୍ୟୁ) : ଦେଶର ପ୍ରଥମ ବନ୍ଦର-ଭିତ୍ତିକ ଇ-ମିଥାନଲ୍ କାରଖାନା ନିମନ୍ତେ କାଣ୍ଡଲାରେ ଦୀନଦୟାଲ୍ ପୋର୍ଟ ଅଥରିଟି (ଡିପିଏ) ଠାରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ବନ୍ଦର ଓ ଜଳମାର୍ଗ ମନ୍ତ୍ରୀ (ଏମ୍‌ଓପିଏସ୍‌ଡବ୍ଲ୍ୟୁ) ସର୍ବାନନ୍ଦ ସୋନୋୱାଲ ଏବଂ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱ ଶର୍ମା ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ଭାରତ ଏକ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) ରପ୍ତାନିକାରୀ ହେବାରେ ପ୍ରମୁଖ ପଦକ୍ଷେପ ନେଇଛି। ଦୈନିକ ୧୫୦ ଟନ୍ କ୍ଷମତା ବିଶିଷ୍ଟ ଏହି କାରଖାନା ଅକ୍ଷୟ ଶକ୍ତି, ଜଳ ଓ ବାୟୋଜେନିକ୍ ସିଓ୨କୁ ସବୁଜ ଇନ୍ଧନ ଇ-ମିଥାନଲ୍ ଉତ୍ପାଦନ କରିବା ସକାଶେ ବ୍ୟବହାର କରିବ, ଯାହା ସ୍ୱଚ୍ଛଶକ୍ତିରେ ଜାହାଜ ଚଳାଚଳକୁ ସମର୍ଥ କରାଇବ ଏବଂ ତାହାସହିତ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ବାଣିଜ୍ୟ ମାର୍ଗ ଏସିଆ-ୟୁରୋପ ଆନ୍ତର୍ଜାତିକ ବାଣିଜ୍ୟ କରିଡରରେ ଚଳାଚଳ କରୁଥିବା ଜାହାଜଗୁଡ଼ିକୁ ଏହି ଇନ୍ଧନ ଯୋଗାଇବ। ଏହି ପ୍ରକଳ୍ପ ଭାରତକୁ ବିଶ୍ୱ ଜାହାଜ ଚଳାଚଳ କ୍ଷେତ୍ରରେ ସବୁଜ ଇନ୍ଧନ ରପ୍ତାନିକାରୀ ଭାବରେ ଅବସ୍ଥାପିତ କରିଛି। ଏହି କାରଖାନା ଭାରତକୁ ସବୁଜ ଇନ୍ଧନ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ଅବସ୍ଥାପିତ କରିବ ଏବଂ ଅନ୍ୟ ବିଶ୍ୱସ୍ତରୀୟ ଉତ୍ପାଦନକାରୀଙ୍କ ଦ୍ୱାରା ଟନ୍ ପିଛା ୧,୩୦୦ ଆମେରିକୀୟ ଡଲାର ତୁଳନାରେ ଟନ୍ ପିଛା ମାତ୍ର ୭୫୦ ଆମେରିକୀୟ ଡଲାର ଖର୍ଚ୍ଚରେ ବହୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟରେ ସବୁଜ ମିଥାନଲ୍ ଉତ୍ପାଦନ କରିବ। ୨୩୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାରଖାନା ଦୀନଦୟାଲ୍ ପୋର୍ଟ ଅଥରିଟି (ଡିପିଏ) ଏବଂ ନାମରୂପ-ଭିତ୍ତିକ ଆସାମ ପେଟ୍ରୋ-କେମିକାଲ୍‌ସ୍ ଲିମିଟେଡ (ଏପିସିଏଲ୍)ର ଏକ ମିଳିତ ପ୍ରୟାସ ଅଟେ ଏବଂ ସମ୍ପ୍ରସାରଣଯୋଗ୍ୟ ପଦ୍ଧତିରେ ପର୍ଯ୍ୟାୟକ୍ରମେ ସ୍ଥାପନ କରାଯିବ।




## ନନ୍ଦନକାନନରେ ଓରାଙ୍ଗଉଟାନ ଛୁଆଙ୍କ ସ୍ୱାସ୍ଥ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ବାରଙ୍ଗ ,(ସବ୍ୟୁ) :ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରବିବାର ସନ୍ଧ୍ୟାରେ ନନ୍ଦନକାନନ ଗସ୍ତ କରି ଓରାଙ୍ଗଉଟାନ ଛୁଆମାନଙ୍କ ସ୍ୱାସ୍ଥ୍ୟ ଓ ଯନି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ତାଙ୍କ ସହ ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା ଏବଂ ପିସିସିଏଫ ପ୍ରେମ କୁମାର ଝା ଉପସ୍ଥିତ ଥିଲେ ।ଲାଳନପାଳନ କେନ୍ଦ୍ରରେ ଡାକ୍ତରମାନଙ୍କ ଯନିରେ ଥିବା ଓରାଙ୍ଗଉଟାନ୍ମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଲି ଦେଖିବା ସହ ନିରନ୍ତର ତଦାରଖ ଓ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ଅବସରରେ ଓରାଙ୍ଗ ଉଟାନ୍ମାନଙ୍କ ପ୍ରକୃତ ଉତ୍ସ ଓ ପରିଚୟ ଜାଣିବା ପାଇଁ ଡିଏନଏ ପରୀକ୍ଷା କରାଯିବା ନେଇ ନିଷ୍ପତ୍ତି ହୋଇଛି । ନନ୍ଦନକାନନରେ ଏଭଳି ସୁବିଧା ନଥିବାରୁ ଦେଶର ଉପଯୁକ୍ତ ଲ୍ୟାବ ଚିହ୍ନଟ କରି ପରୀକ୍ଷା କରାଯିବ ।ପିସିସିଏଫ ପ୍ରେମ କୁମାର ଝା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଓରାଙ୍ଗଉଟାନ୍‌ର ଉତ୍ତମ ରକ୍ଷଣାବେକ୍ଷଣ ଓ ଚିକିତ୍ସା ଚାଲିଛି । ସେମାନେ ନନ୍ଦନକାନନରେ ରହିବେ କି ଅନ୍ୟତ୍ର ସ୍ଥାନାନ୍ତର ହେବେ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ସ୍ପଷ୍ଟ ହେବ । ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କ ସୂଚନା ଅନୁସାରେ, ଛୁଆମାନଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଛି । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା ରିପୋର୍ଟ ଆଧାରରେ ଚିକିତ୍ସା ଜାରି ରହିଛି । ସମସ୍ତ ଛୁଆ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି, ଓଜନ ବୃଦ୍ଧି ପାଉଛି ଏବଂ ବ୍ୟବହାରରେ ଧୀରେ ଧୀରେ ସୁଧାର ଆସୁଛି ।

# ପୁରୀରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ପୁରୀ, (ସବ୍ୟୁ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଯୋଗ ଦେଇ ପୁରୀ ଜିଲ୍ଲା ପର୍ଯ୍ୟଟନ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ବୋଲି କହିଥିଲେ। ଦେଶ ବିଦେଶରୁ ଦୈନିକ ହଜାର ହଜାର ଲୋକ ପୁରୀକୁ ଆସନ୍ତି। ପୁରୀର ଅଧିବାସୀ ଭାବେ ଆମେ ଅତିଥି ଦେବୋ ଭବଃର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ସମସ୍ତ ପର୍ଯ୍ୟଟକଙ୍କୁ ଉଚିତ ସେବା ଓ ସମ୍ମାନ ଦେବାକୁ ଶ୍ରୀ ଭୋଇ ଆହ୍ୱାନ ଦେଇଥିଲେ ।ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏଥିରେ ବିଦ୍ୟାଳୟ ସ୍ତରରେ ଏସସିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜେଶ ମହାପାତ୍ର ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର ଘୋଡାବଜାର ର ଛାତ୍ର ସ୍ୱୟଂ ପ୍ରକାଶ ସାହୁ ଦ୍ୱିତୀୟ ଓ ବ୍ରହ୍ମଗିରି ମଦନ ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଅର୍ପିତା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ ।ସେହିପରି ମହାବିଦ୍ୟାଳୟ କୁଇଜରେ ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଛାତ୍ରୀ ଶିଳ୍ପୀରାଣୀ ଜାଲି ପ୍ରଥମ, ସୁରଜମଲ ଶାହା ମହାବିଦ୍ୟାଳୟ ର ଛାତ୍ର ସାଇ ମିଶ୍ର ଦ୍ୱିତୀୟ ଓ ଆଇଏମଟି ଫାର୍ମାସି କଲେଜର ଛାତ୍ର ଦୂର୍ଗା ମାଧବ ମହାନ୍ତି ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତ ଙ୍କୁ ସ୍ୱାଗତ ଓ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରୂପେଶ କୁମାର ରାଉତ, ଦେବସ୍ମିତା ମହାନ୍ତି,ବରିଷ୍ଠ ସହାୟକ ସନ୍ତୋଷ କୁମାର ମହାନ୍ତି, ମଳୟା ପ୍ରଧାନ, ଅମୃତା ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ବିଦେଶରେ ଚାକିରି ଦେବା ନାଁରେ ଠକେଇ : ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ସିଙ୍ଗାପୁରରେ ଚାକିରି ଦେବା ନାଁରେ ୫୦୦ରୁ ଉର୍ଦ୍ଧ୍ୱ ପଢୁଆ ଯୁବକଙ୍କୁ ଠକେଇ କରିଥିବା ଏକ ବହୁରାଜ୍ୟଭିତ୍ତିକ ଠକେଇ ରାକେଟର ର ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ପୋଲିସ ବାନ୍ଧିଛି । ଦୀର୍ଘ ୭ବର୍ଷ ହେଲା ସେ ପୋଲିସ ଆଖିରେ ଧୂଳି ଦେଇ ଲୁଚିଥିବା ବେଳେ ସଦର ପୋଲିସ ଆଜି ତାଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ଗୋପୀନାଥପୁର ମାଳିସାହିର ବଳରାମ ମହାରଣା (୩୮) । ମାମଲା ନଂ ୧୪୧/୧୯ରେ ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସୁବ୍ରତ କୁମାର ପାଳ (୪୫)ଙ୍କୁ ପୂର୍ବରୁ ୨୦୨୫ ଡିସେମ୍ବର ରେ ୨୪ ଗିରଫ କରାଯାଇ ଜେଲ ଠୁଙ୍କା ଯାଇଥିଲା । ତଦନ୍ତ ସମୟରେ ମୁଖ୍ୟ ଅଭିଯୁକ୍ତ ସୁବ୍ରତ କୁମାର ପାଳଙ୍କ ବିରୋଧରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ରୁରାଲ ଥାନାରେ ମଧ୍ୟ ସମାନ ଧରଣର ଠକେଇ ମାମଲା ଥିବା ଜଣାପଡ଼ିଥିଲା । ଅଭିଯୁକ୍ତମାନେ ଭାବିନୀପୁରରେ "ଜବ ଟ୍ରାକ କନସଲଟାନ୍ସି ଆଣ୍ଡ ଟ୍ରେନିଂ ସେଣ୍ଟର' ନାମରେ ଏକ ନକଲି ସଂସ୍ଥା ଖୋଲିଥିଲେ । ପୋଷ୍ଟର, ବ୍ୟାନର ଓ ଲିଫଲେଟ ମାଧ୍ୟମରେ ସିଙ୍ଗାପୁରର କେପେଲ ସିପ୍ୟାର୍ଡରେ ଆକର୍ଷଣୀୟ ଚାକିରି ଦେବା ନେଇ ପାଠ ପଢି ବେକାର ଥିବା ଯୁବକଙ୍କୁ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ଠକୁଥିଲେ । ନକଲି ସାକ୍ଷାତକାର ନେଇ ପ୍ରତ୍ୟେକ ଚାକିରି ଆଶାୟୀଙ୍କଠାରୁ ପାସପୋର୍ଟ, ଟିକେଟ ଓ ୱାର୍କ ପରମିଟ ବାବଦରେ ପ୍ରାୟ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା । ପ୍ରାୟ ୫୦୦ ଜଣଙ୍କଠାରୁ ଟଙ୍କା ନେବା ସହ ଅତି କମରେ ୧୯୦ ଜଣଙ୍କ ମୂଳ ପାସପୋର୍ଟ ନିଆଯାଇଥିଲା। ନକଲି ମେଡିକାଲ ସାର୍ଟିଫିକେଟ, କମ୍ପ୍ୟୁଟରରେ ପ୍ରସ୍ତୁତ ଜାଲ ନିଯୁକ୍ତିପତ୍ର, ୱାର୍କ ପରମିଟ ଓ ଚେନ୍ନାଇ-ବ୍ୟାଙ୍କକ-ସିଙ୍ଗାପୁର ରୁଟ୍‌ର ନକଲି ବିମାନ ଟିକେଟ ଦିଆଯାଇଥିଲା । ଟଙ୍କା ଆଦାୟ ପରେ ଅଭିଯୁକ୍ତମାନେ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଉଥିଲେ ।

ଠକେଇର ଶିକାର ହୋଇଥିବା ଚାକିରୀ ଆଶାୟୀ ଯୁବକ ଓ ଯୁବତୀ ମାନେ ଟଙ୍କା ଫେରସ୍ତ ଦାବି କରିବାରୁ କିଛି ଅସାମାଜିକଙ୍କ ସହାୟତାରେ ସେମାନଙ୍କୁ ଧମକ ଦେବା ସହ ଆକ୍ରମଣ କରାଯାଇଥିଲା। ଏନେଇ ସେମାନେ ଥାନାରେ ଅଭିଯୋଗ କରିଥିଲେ । ଜୁନ ୧ ତାରିଖରେ ବି. ଗିରିଧାରୀ ରାଓଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା । ଘଟଣାସ୍ଥଳ ପରିଦର୍ଶନ, ସାକ୍ଷୀଙ୍କ ବୟାନ ରେକର୍ଡ ସହ ପୋଲିସ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ବଳରାମ ମହାରଣା ବାରମ୍ବାର ଠିକଣା ପରିବର୍ତ୍ତନ କରି ଗିରଫରୁ ବର୍ତ୍ତିବାକୁ ଚେଷ୍ଟା କରୁଥିଲେ ବୋଲି ପୋଲିସ କହିଛି ।

ବିଦେଶରେ ଚାକିରି ପାଇଁ ଯୁବକମାନେ କୌଣସି ନିଯୁକ୍ତି ସଂସ୍ଥାର ପୂର୍ବପରିଚୟ ଓ ବିଶ୍ୱସନୀୟତା ଯାଞ୍ଚ କରିବା ସହ ଏଭଳି ଠକେଇର ଶିକାର ନ ହେବାକୁ ବ୍ରହ୍ମପୁର ପୋଲିସ ପକ୍ଷରୁ ସଚେତନ କରାଯାଇଛି ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ବ୍ରହ୍ମପୁରରେ "ଓଡ଼ିଶା ପ୍ରୋମୋ ରନ'

# ମହିଳା ବର୍ଗରେ ସାନିଆ ମଲ୍ଲିକ, ପୁରୁଷ ବର୍ଗରେ କାହ୍ନୁ ପ୍ରଧାନ ପ୍ରଥମ



ବ୍ରହ୍ମପୁର, (ସବ୍ୟୁ) : ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ତଥା ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ ବ୍ରହ୍ମପୁରରେ "ଓଡ଼ିଶା ପ୍ରୋମୋ ରନ' ଆୟୋଜିତ ହୋଇଛି । "ଓଡ଼ିଶା ପ୍ରୋମୋ ରନ'ରେ ମହିଳା ବର୍ଗରେ ସାନିଆ ମଲ୍ଲିକ, ଅସୀମା ମଲ୍ଲିକ ଓ ଗୁଡଲି ମଲ୍ଲିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ପୁରୁଷ ବର୍ଗରେ କାହ୍ନୁ ପ୍ରଧାନ, ବଳରାମ ଗୌଡ଼ ଓ ଦୀପକ ଡାଙ୍ଗୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଏହି ଅବସରରେ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ବର୍ଗରେ ରୁଦ୍ର ପରିଛା, ଶିବଶଙ୍କର ସାସମଲ ଓ ମଳୟ ରଞ୍ଜନ ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବେଳେ ଅନ୍ୟ ବର୍ଗରେ ଶିବ ପ୍ରସାଦ ମହାପାତ୍ର, ଡି. କାଜଲ ପାତ୍ର ଓ ରବି ଶଙ୍କର ପାଢ଼ୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକାର, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଏ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ କୋଷ୍ଟାଲ ମାରାଥନ ସହ ସମନ୍ୱୟରେ ଆୟୋଜିତ ଏହି ୫ କିଲୋମିଟର ଦୌଡ଼ରେ ୭୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

## ଅଶୋକ ସିଂଘଲଙ୍କ ଜନ୍ମ ଶତବାର୍ଷିକୀ ପାଳିତ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୁଗୁଡା ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ମୁଖ୍ୟ ନେତା ତଥା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଆନ୍ତର୍ଜାତୀୟ କାର୍ଯ୍ୟକାରୀ ସଭାପତି ଅଶୋକ ସିଂଘଲଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି । ପ୍ରଖଣ୍ଡ ସଭାପତି ଟି.ସୁଦର୍ଶନ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦିବ୍ୟ ଜୀବନ ସଂଘ ସଭାପତି ରଘୁନାଥ ସାହୁଙ୍କ ସମେତ ରାଷ୍ଟ୍ରୀୟ ସଙ୍ଘସେବକ ସଂଘର ଅଶୋକ ନନ୍ଦ ଓ ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଅଶୋକ ସିଂଘଲଙ୍କ ରାଷ୍ଟ୍ର ଜାଗରଣ , ସଂସ୍କୃତି ସୁରକ୍ଷା ଏବଂ ହିନ୍ଦୁ ସମାଜର ସଶକ୍ତିକରଣ ଦିଗରେ ଅତୁଳନୀୟ ଭୂମିକା ସର୍ବଦା ଅବିସ୍ମରଣୀୟ ଏବଂ ପ୍ରେରଣାଦାୟକ ହୋଇରହିବ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ଓ ସଦସ୍ୟଗଣ ଉପସ୍ଥିତ ରହିଥିଲା ବେଳେ ପରିଶେଷରେ ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁକୁଡ଼ାଖଣ୍ଡିରେ ଆତଙ୍କରାଜ ମାମଲା, ୧୩ ଗିରଫ



ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ହରିଜନ ସାହିରେ ଗଣ-ହିଂସା, ବେଆଇନ ଅଟକ, ପୋଲିସ କାର୍ଯ୍ୟରେ ବାଧା ଓ ସରକାରୀ ସମ୍ପତ୍ତି ନଷ୍ଟ ଘଟଣାରେ ବ୍ରହ୍ମପୁର ପୋଲିସ ୫ଜଣ ମହିଳା ସମେତ ୧୩ ଜଣଙ୍କୁ ଗିରଫ କରିଛି । ମାମଲା ନଂ ୫୮୪/୨୬ ରେ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସେହିପରି ସେମାନଙ୍କ ନାମରେ ୫୮୩/୨୬, ୫୮୫/୨୬ ଓ ୫୯୨ /୨୬ ଏପରି ତିନୋଟି ମାମଲା ରହିଥିବା ନେଇ ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି । ଗତ ୧୪ ଗଣେଶ ପୂଜା ଅବସରରେ କୁକୁଡାଖଣ୍ଡି ଦାସ ସାହିରେ ୮ ରୁ ୧୦ ଜଣ ଯୁବକ ସଂଘଠିତ ହୋଇ ବାଇକରେ ବିଭିନ୍ନ ମାରଣାସ୍ତ୍ର ଧରି ଆସି ସେଠାରେ ସେମାନେ ବୋମା ଫିଙ୍ଗି ଆତଙ୍କ ସୃଷ୍ଟି କରିଥିଲେ। ସ୍ଥାନୀୟ ଲୋକେ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ ଦୁଇଟି ଗାଡି - ବଜାଜ ପଲସର ଜବତ କରିଥିଲେ । ଧରାଯାଇଥିବା ଜଣେ ଯୁବକଙ୍କୁ ଗ୍ରାମର କିଛିଲୋକ ଗୁରୁତର ଭାବେ ମାଡ଼ ମାରି ରକ୍ତାକ୍ତ କରିଥିଲେ ଏବଂ ଅନ୍ୟ ଜଣଙ୍କୁ କମ୍ୟୁନିଟି ହଲ ଭିତରେ ବେଆଇନ ଭାବେ ଅଟକ ରଖିଥିଲେ । ଖବର ପାଇ ପୋଲିସ ଟିମ ବରିଷ୍ଠ ଅଧିକାରୀ, ଅତିରିକ୍ତ ପୋଲିସ ଫୋର୍ସ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ହସ୍ତକ୍ଷେପ କରି ଅଟକ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ ।

ସ୍ଥାନୀୟ ଉତ୍ତ୍ୟକ୍ତ ଜନତା ପୋଲିସକୁ ଆଇନଗତ କାର୍ଯ୍ୟରେ ବାଧା ଦେଇ ପଥର ଫିଙ୍ଗି ପୋଲିସ ଗାଡି ଭାଙ୍ଗିବା ସହ ପୋଲିସ କର୍ମଚାରୀଙ୍କୁ ଧମକ ଦେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏନେଇ ବ୍ରହ୍ମପୁର ସଦର ଥାନା ଅଧିକାରୀ ସୁଚିତ୍ରା ପରିଡାଙ୍କ ଲିଖିତ ଏତଲା ଆଧାରରେ, କେସ ନଂ ୫୮୪/୨୬ ରୁଜୁ ସମସ୍ତ ୧୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ମାଛ ଧରିବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ବାରିପଦା, (ସବ୍ୟୁ) : ମାଛ ଧରିବାକୁ ଯାଇ ନାଳର ଗଭୀର ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ କୁଚିଳାଘାଟୀ ପଞ୍ଚାୟତ ଖସାଡିହା ଗ୍ରାମର ସନାତନ ସିଂ (୫୮) । ସୂଚନା ଅନୁଯାୟୀ, ସନାତନ ମାଛ ଧରିବା ପାଇଁ ଗାଁ ନିକଟସ୍ଥ ଏକ ନାଳକୁ ଯାଇଥିଲେ । ତେବେ ମାଛ ଧରୁଥିବା ସମୟରେ ସେ ନାଳର ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଘଟଣା ସମ୍ପର୍କରେ ୧୧୨ ନମ୍ବରକୁ ସୂଚନା ଦିଆଯିବା ପରେ ବାଲିଡ଼ିହା ଅଗ୍ନିଶମ ବାହିନୀର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା । ଅଗ୍ନିଶମ କର୍ମଚାରୀମାନେ ନାଳରୁ ସନାତନଙ୍କ ମୃତଦେହ ଉଦ୍ଧାର କରି ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ପରୀକ୍ଷା କରି ସନାତନଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ବାଲିଡ଼ିହା ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ଫାୟାର ଫାଇଟର ଜଗନ୍ନାଥ ହେମ୍ବ୍ରମ ସୂଚନା ଦେଇଛନ୍ତି।

## ପୂର୍ତ୍ତ ବିଭାଗ ସଚିବଙ୍କ ସମୀକ୍ଷା

# କଳିଙ୍ଗା ଘାଟି ରାସ୍ତା ଖୋଲିବାରେ ବିଳମ୍ବ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହେବାକୁ ଆହୁରି କିଛି ମାସ ଧରି ସମୟ ଲାଗିବ ଅନୁମାନ କରାଯାଉଛି । ଫଳରେ ଗଞ୍ଜାମ ସହ ଯୋଡ଼ି ହେଉଥିବା ୧୫ଟି ଜିଲ୍ଲା ର ଲୋକେ ପ୍ରଭାବିତ ହେବେ । ଏଭଳି ପରିସ୍ଥିତିରେ ପୂର୍ତ୍ତ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରବିବାର ଅପରାହ୍ନରେ କଳିଙ୍ଗା ଘାଟି ଅଞ୍ଚଳକୁ ଆସି ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ । ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟ ରଞ୍ଜନ ପରିଡ଼ା ଉପସ୍ଥିତ ଥିଲେ ।ଏହି ସମୟରେ ଖବରଦାତାଙ୍କ ସହ ଆଲୋଚନା କରି ସଚିବ କହିଥିଲେ ଯେ, ଘାଟି ରାସ୍ତାର ସ୍ଥିତି ସମୀକ୍ଷା କରିବା ପାଇଁ ବାହାରୁ ବୈଷୟିକ ଟିମ ଆସିବେ । ଏହି ଟିମ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାମ କରାଯିବ । ଘାଟିରେ ବାରମ୍ବାର ଭୂସ୍ଖଳନ ହେବାର କାରଣ ମଧ୍ୟ ସମୀକ୍ଷା କରାଯିବ । ଏଥିସହ ରାସ୍ତାର ଡିଜାଇନ୍‌ରେ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯିବ ବୋଲି ସେ କହିଥିଲେ । ଜାତୀୟ ରାଜପଥର କେତେକ ସ୍ଥାନରେ ରାସ୍ତା ଖରାପ ଥିବା ନେଇ ମଧ୍ୟ ଅଭିଯୋଗ ଆସିଛି । କଳିଙ୍ଗା ଘାଟି ରାସ୍ତା କେବେ ଖୋଲିବ ବୋଲି ପଚରାଯିବାରୁ ସଚିବ କହିଥିଲେ ଯେ, ବାହାରୁ ଆସିବାକୁ ଥିବା ବୈଷୟିକ ଟିମ ରିପୋର୍ଟ ମିଳିବା ପରେ ହିଁ ରାସ୍ତା କେବେ ଖୋଲିବ ତାହା ସ୍ପଷ୍ଟ ହେବ । ଘାଟି ରାସ୍ତାକୁ ଯଥାସମ୍ଭବ ଶୀଘ୍ର ସ୍ୱାଭାବିକ କରିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ବାରମ୍ବାର ଭୂସ୍ଖଳନ ଯୋଗୁ ଘାଟିରେ ବିକଳ୍ପ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହେଉଛି । ଏହି ବିଷୟରେ ମଧ୍ୟ ସମୀକ୍ଷା କରାଯାଉଛି ବୋଲି ସଚିବ କହିଥିଲେ । ଏହାପରେ ସେ ବିକଳ୍ପ ରାସ୍ତା ନିର୍ମାଣ ହେବାକୁ ଥିବା ସ୍ଥାନ ବୁଲି ଦେଖିଥିଲେ ।ସଚିବଙ୍କ ଗସ୍ତ ସମୟରେ କନ୍ଧମାଳ ଜିଲାପାଳ ବେଦଭୂଷଣ, ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା, ଭଞ୍ଜନଗର ଭାରପ୍ରାପ୍ତ ତହସିଲଦାର ଅବିନାଶ ମହାର, ଭଞ୍ଜନଗର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକ, ସହକାରୀ ଯନ୍ତ୍ରୀ ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ, ବିଧାୟକଙ୍କ ହସ୍ତକ୍ଷେପ ପରେ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ

ଛତ୍ରପୁର, (ସବ୍ୟୁ) : ଲଗାଣ ବର୍ଷାରେ ଜଳବନ୍ଦୀ ହୋଇପଡ଼ିଥିବା ଛତ୍ରପୁର ପୌରପରିଷଦ ଅଞ୍ଚଳରେ ଏବେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି । ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବ୍ୟାଙ୍କ କଲୋନୀର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ତାମ୍ପରା ହ୍ରଦ ସଂଲଗ୍ନ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇପଡ଼ିଥିଲା । ଏନେଇ ବିଭିନ୍ନ ଗଣ ମାଧ୍ୟମ ରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେଇଛି। ଜଳବନ୍ଦୀ ସମସ୍ୟା ସମ୍ପର୍କରେ ସୂଚନା ପାଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଘଟଣାସ୍ଥଳରେ



ପହଞ୍ଚି ସ୍ଥିତି ପରଖିଥିଲେ । ଏହାପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନଇ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଓ ବିଧାୟକଙ୍କ ହସ୍ତକ୍ଷେପ ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରାଯାଇଛି । ଅଗସ୍ତି ନୂଆଗାଁ ଗ୍ରାମ ମୁହରେ ତାମ୍ପରା ହ୍ରଦ ସମ୍ପ୍ରସାରିତ ହୋଇଥିବା (ପାଟ ) ଅଞ୍ଚଳରେ ଜମିଥିବା ଦଳକୁ ସଫା କରାଯାଉଛି । ଏଥିସହ ଜଳ ନିଷ୍କାସନ ରାସ୍ତା ଓ କେନାଲଗୁଡ଼ିକୁ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରାଯାଉଛି ।

ଏହି କାର୍ଯ୍ୟ ଫଳରେ ବିଭିନ୍ନ ଅଞ୍ଚଳରେ ଜମି ରହିଥିବା ବର୍ଷାଜଳ ଧୀରେ ଧୀରେ ସମୁଦ୍ର ଆଡ଼କୁ ନିଷ୍କାସିତ ହେଉଛି । ଆଗାମୀ କିଛି ଦିନ ମଧ୍ୟରେ ଜଳବନ୍ଦୀ ଅଞ୍ଚଳର ଜଳସ୍ତର ହ୍ରାସ ପାଇ ସ୍ଥିତି ସ୍ୱାଭାବିକ ହେବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ, ବ୍ରହ୍ମପୁର ଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀ ହିମାଂଶୁ ସ୍ୱାଇଁ ଓ ଛତ୍ରପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ପଣ୍ଡା କହିଛନ୍ତି । ଅନ୍ୟପକ୍ଷରେ, ୫/୬ ଦିନ ଧରି ଜଳବନ୍ଦୀ ସମସ୍ୟାରେ ରହିଥିବା ଅଞ୍ଚଳବାସୀଙ୍କ ପାଇଁ ପ୍ରଶାସନର ଏହି ପଦକ୍ଷେପ ଆଶ୍ୱସ୍ତି ଆଣିଛି । ଜଳ ନିଷ୍କାସନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବାରୁ ଅଞ୍ଚଳବାସୀ ଜିଲ୍ଲାପାଳ, ଛତ୍ରପୁର ବିଧାୟକ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବ୍ରହ୍ମପୁରରେ ଏବେ ଡେଲିଭରି ଇନ ମିନିଟସ୍

ବ୍ରହ୍ମପୁର, (ସବ୍ୟୁ): ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ "ଡେଲିଭରି-ଇନ-ମିନିଟ୍ସ' ସେବା ଆମାଜନ ନାଓରେ ଶୁଭାରମ୍ଭ କରାଯାଇଛି । ସହରର ଗ୍ରାହକମାନେ ଦୈନନ୍ଦିନ ସାମଗ୍ରୀଠାରୁ ଆରମ୍ଭ କରି ପର୍ସନାଲ କେୟାର, ଫ୍ୟାଶନ ଓ ବିୟୁଟି ପ୍ରଡକ୍ଟ, କ୍ଷୁଦ୍ର ଆପ୍ଲାଏନ୍ସ, ହୋମ୍ ଓ କିଚେନ ପ୍ରଡକ୍ଟ ଆଦି ହଜାର ହଜାର ଉତ୍ପାଦର ଏକ ବିସ୍ତୃତ ଶୃଙ୍ଖଳାକୁ କେବଳ କିଛି ମିନିଟ ମଧ୍ୟରେ ପାଇପାରିବେ । ଆମାଜନ ନାଓର ଏହି ଡେଲିଭରି ଇନ୍ ମିନିଟ୍ସ ସେବା ଏବେ ଗ୍ରୋସରୀ, ପର୍ସନାଲ କେୟାର, ଫ୍ୟାଶନ, ବିୟୁଟି, ହୋମ୍, କିଚେନ, ସ୍ମଲ ଆପ୍ଲାଏନ୍ସ ଆଦି ବର୍ଗରେ ଉପଲବ୍ଧ ହେଉଛି । ସେହିପରି ଆମାଜନ ନାଓରେ ଫଳ, ପନିପରିବା, କ୍ଷୀର, ବ୍ରେଡ, ଡ୍ରାଏଫ୍ରୁଟ୍ସ, ଲୁଣ, ଚିନି ଆଦି ଭୁବନେଶ୍ୱର ଏବଂ ବ୍ରହ୍ମପୁରର ଲୋକପ୍ରିୟ ବ୍ରାଣ୍ଡର ଉତ୍ପାଦ ଉପଲବ୍ଧ ହେଉଛି । ଗ୍ରାହକମାନେ ଆସନ୍ତା ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଆମାଜନ ନାଓରେ ଉତ୍ସାହଜନକ ଡିଲ ମଧ୍ୟ ପାଇପାରିବେ। ଏସମ୍ପର୍କରେ ଆମାଜନର ଏଭ୍ରିଡେ ଏସେନ୍ସିଆଲ୍ସ ବିଭାଗର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀ ରାମ କହିଛନ୍ତି, ଆମେ ଭୁବନେଶ୍ୱର ଏବଂ ବ୍ରହ୍ମପୁରକୁ ଆମାଜନ ନାଓ ଆଣି ଉତ୍ସାହିତ ଅଛୁ ।

# ଜନନୀ ଯନ୍ତ୍ରଣା : ପ୍ରସୂତୀଙ୍କୁ ୬ କିମି ଭାରରେ ବୋହିଲେ ପରିବାର

ପାରଳାଖେମୁଣ୍ଡି ,(ସବ୍ୟୁ): ଗଜପତି ଜିଲା ମୋହନା ବ୍ଲକରେ କେଉଁଠି ବିକାଶର ଚିତ୍ର ତ ଆଉ କେଉଁଠି ଜନନୀ ଯନ୍ତ୍ରଣା । ଆମ୍ବୁଲାନ୍ସ ଅଛି ହେଲେ ରାସ୍ତା ନଥିବା ହେତୁ ଗାଁକୁ ଯାଇପାରୁନି । ଫଳରେ ପ୍ରସବ ବେଦନାରେ ଛଟପଟ ହେଉଥିବା ମହିଳାଙ୍କୁ ଭାର କରି ୬ କିଲୋମିଟର ବୋହିବାକୁ ପଡ଼ିଲା ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକର ଦୁର୍ଗମ ଅଞ୍ଚଳର ମୋହନାଗୁଡ଼ା ଗାଁରେ । ମାଟି ଆଉ ପଥୁରିଆ ରାସ୍ତା ବାଟରେ ପଡୁଛି ନାଳ । ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ବି ପହଞ୍ଚି ପାରୁନି । ରବିବାର ସକାଳେ ମୋହନାଗୁଡ଼ା ଗାଁର ମାଳତୀ ମାଝୀ (୧୯)ଙ୍କୁ ପ୍ରସବ ବେଦନା ହୋଇଥିଲା । ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । କିନ୍ତୁ ଗାଁର ରାସ୍ତା ଏମିତି ଯେ, ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରିଲାନି । ପ୍ରାୟ ୬ କିଲୋମିଟର ଦୂର ବନ୍ଧାଗୁଡ଼ା ନିକଟରେ ଅଟକି ରହିଲା ଆମ୍ବୁଲାନ୍ସ । ଶେଷରେ ଉପାୟ ନପାଇ ଗ୍ରାମବାସୀ ଚେୟାରରେ ବସାଇ ଭାର କରି ମାଳତୀଙ୍କୁ ୬ କିଲୋମିଟର ବୋହି ଆଣିଲେ । ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମୋହନା ମେଡିକାଲରେ ଭର୍ତ୍ତି କରାଗଲା । ସେଠାରେ ମାଳତୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି । ଉଭୟ ମାଆ ଓ ଶିଶୁ ସୁସ୍ଥ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତ୍ରିଶୂଳ ସେନାପତି କହିଛନ୍ତି ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାଠପଢ଼ା ସ୍ଥାନାନ୍ତର

# ନୂତନ କୋଠା ନିର୍ମାଣ ପାଇଁ ୩୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର

ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦାର ଜରାଜୀର୍ଣ୍ଣ ଓ ଅସୁରକ୍ଷିତ କୋଠାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ପାଠପଢ଼ାକୁ ବିକଳ୍ପ ସ୍ଥାନକୁ ସ୍ଥାନାନ୍ତର କରାଯିବ । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରାୟ ଏକ ସପ୍ତାହ ପୂର୍ବେ ବିଦ୍ୟାଳୟ ପରିସର ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ । ପରେ ବିଦ୍ୟାଳୟର ପାଠପଢ଼ାକୁ ବିକଳ୍ପ ସ୍ଥାନକୁ ନେବା ସହ ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି କ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ଆଲୋଚନା କରି ୩୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡ଼ିଛି । ଏହାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଆବାହକତ୍ୱରେ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା । ମନ୍ତ୍ରୀ ଡ. ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଦ୍ୟାଳୟର ବର୍ତ୍ତମାନ ସ୍ଥିତି, ଛାତ୍ରଛାତ୍ରୀଙ୍କ ସୁରକ୍ଷା, ବିକଳ୍ପ ପାଠପଢ଼ା ବ୍ୟବସ୍ଥା ଓ ନୂତନ କୋଠା ନିର୍ମାଣ ନେଇ ଆଲୋଚନା କରାଯାଇଥିଲା । ବୈଠକରେ ବିକଳ୍ପ ସ୍ଥାନରେ ପାଠପଢ଼ା ବ୍ୟବସ୍ଥା ଶୀଘ୍ର ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ଆବଶ୍ୟକ ଶ୍ରେଣୀକକ୍ଷ, ଆସବାବପତ୍ର, ବିଦ୍ୟୁତ ଓ ଅନ୍ୟାନ୍ୟ ବ୍ୟବସ୍ଥା ତୁରନ୍ତ କରିବାକୁ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ କୁହାଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ, ବିଦ୍ୟାଳୟର ପାଠପଢ଼ା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ଦାସ ସରକାରୀ ବି.ଏଡ ମହାବିଦ୍ୟାଳୟ ଓ ସରକାରୀ ବୈଷୟିକ ତାଲିମ ଅନୁଷ୍ଠାନରେ ସମୟ ନିର୍ଦ୍ଧାରଣ କରି କରାଯିବ । ସମଗ୍ର ସ୍ଥାନାନ୍ତରଣ ପ୍ରକ୍ରିୟା ଜିଲ୍ଲା ପ୍ରଶାସନର ତ%୦ବଧାନରେ ହେବ । ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ଯେପରି ପ୍ରଭାବିତ ନହୁଏ ଏବଂ ସୁରକ୍ଷିତ ପରିବେଶରେ ପାଠପଢ଼ା ଜାରି ରହେ, ସେଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ରଖାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ରୋହନ ରାୟ, ତହସିଲଦାର ସପନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟାଙ୍କ ସମେତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ ।

# ବାରିପଦାରେ ୫ କିମି ପ୍ରମୋ ରନ : ୨୦୦ ଧାବକଙ୍କ ଅଂଶଗ୍ରହଣ



ବାରିପଦା, (ସବ୍ୟୁ) : ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପ୍ରଚାର-ପ୍ରସାର, ପର୍ଯ୍ୟଟନ ପ୍ରତି ଜନସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ବାରିପଦାରେ ୫ କିମି "ଓଡ଼ିଶା ପ୍ରମୋ ରନ' ଅନୁଷ୍ଠିତ ହୋଇଛି । ଜୁବିଲି ଲାଇବ୍ରେରୀଠାରୁ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ପ୍ରାୟ ୨୦୦ ଜଣ ଧାବକ ଅଂଶଗ୍ରହଣ କରିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପ୍ରମୋ ରନ୍‌ର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ସେ କହିଥିଲେ, ମୟୂରଭଞ୍ଜ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ଐତିହ୍ୟ ଓ ସଂସ୍କୃତିରେ ସମୃଦ୍ଧ । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ତଥା ଓଡ଼ିଶାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାର ସହ ଫିଟନେସ ଓ ସୁସ୍ଥ ଜୀବନଶୈଳୀ ପ୍ରତି ଲୋକଙ୍କୁ ସଚେତନ କରାଯାଇପାରିବ। ଏଥିସହ ପର୍ଯ୍ୟଟନସ୍ଥଳୀର ପରିବେଶ ଓ ଐତିହ୍ୟର ସୁରକ୍ଷା ପ୍ରତି ମଧ୍ୟ ସଚେତନତା ଆବଶ୍ୟକ ବୋଲି ସେ କହିଥିଲେ । ଜୁବିଲି ଲାଇବ୍ରେରୀରୁ ବାହାରିଥିବା ପ୍ରମୋ ରନ ବାଲେଶ୍ୱର ଗୋଲେଇ, ଜଗନ୍ନାଥ ମନ୍ଦିର, ବଡ଼ବଜାର, ମା' ଅମ୍ବିକା ମନ୍ଦିର, ବିଜୁ ପଟ୍ଟନାୟକ ଛକ ଓ ବାଣ୍ଟିଆ ଜଗନ୍ନାଥ ମନ୍ଦିର ଦେଇ ପୁଣି ଜୁବିଲି ଲାଇବ୍ରେରୀଠାରେ ଶେଷ ହୋଇଥିଲା । ଜିଲ୍ଲା କ୍ରୀଡ଼ାଧିକାରୀ ଡ. ଶୁଭାଶିଷ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରମୋ ରନ ଆୟୋଜିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟାଙ୍କ ସମେତ କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ ।

## ଅନ୍ତରାଷ୍ଟ୍ରୀୟ ଉତ୍କର୍ଷ ଶ୍ରୀ ସମ୍ମାନ ପାଇବେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା

ବ୍ରହ୍ମପୁର, (ସବ୍ୟୁ): ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବାଲୁକା କଳା ମାଧ୍ୟମରେ ଅନେକ କଳା ପ୍ରଦର୍ଶନ କରି ସଚେତନା କରି ଅନେକ ଥର ଏହି କଳା କୃତି କରି ଅନେକ ବିଶ୍ୱ ରେକଡ କରିଛନ୍ତି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅନେକ ଥର ପୁରସ୍କାର ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତା



ଅକ୍ଟୋବର ୪ ତାରିଖରେ ରାଜସ୍ଥାନ ଇଣ୍ଟରନେସନାଲ ସେଣ୍ଟର, ଜୟପୁର ଠାରେ ଅନ୍ତରାଷ୍ଟ୍ରୀୟ ଉତ୍କର୍ଷ ଶ୍ରୀ ସମ୍ମାନ ପାଇବେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା । ଏହି ସମ୍ମାନ ପାଇବେ ବର୍ତ୍ତମାନ ସୁଧା ୭୦ ରୁ ଉର୍ଦ୍ଧ୍ୱ ରେକଡ ତାଙ୍କ ନାମରେ ରହି ଥିବା ବେଳେ ଏହି ସବୁ ମା ବାପଙ୍କ ଆଶୀର୍ବାଦ, ପରିବାର ସହଯୋଗ ଓ ସମସ୍ତଙ୍କ ଶୁଭେଚ୍ଛାରୁ ଗୋଟିଏ ପରେ ଗୋଟିଏ ସଫଳତା ପାଉଛନ୍ତି । । ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀ ମାନଙ୍କ ସହଯୋଗଓ ଶୁଭେଚ୍ଛା ରହି ଥିବାରୁ ସେ ଅନେକ କଳା କୃତିରେ ସଫଳତା ହାସଲ କରିଛନ୍ତି ବୋଲି ସତ୍ୟ କହିଛନ୍ତି । ଅନେକ କିଛି କିଛି ନୂଆ କରିବାର ଉଦେଶ୍ୟ ରହିଛି ବୋଲି ସେ କହିଛନ୍ତି ।

# ଅର୍ଚ୍ଚନା ଦାସଙ୍କ ଏକାଦଶାହରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି

କୋଲକାତା, (ସବ୍ୟୁ) : ପଶ୍ଚିମବଙ୍ଗର ଓଡ଼ିଆ ସଂଗଠନ ସମୂହର କେନ୍ଦ୍ରୀୟ ଅନୁଷ୍ଠାନ ଉତ୍କଳୀୟ ମିଳିତ ମଞ୍ଚର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ, ସଂଗଠକ ଦିଲ୍ଲୀପ କୁମାର ଦାସଙ୍କ ଧର୍ମପତ୍ନୀ ଅର୍ଚ୍ଚନା ଦାସଙ୍କ ଏକାଦଶାହରେ ନିଜ ଗ୍ରାମ କଟକ ଜିଲ୍ଲା ଅନ୍ତର୍ଗତ ବ୍ରାହ୍ମଣସାଇଲୋ ଠାରେ ବିଭିନ୍ନ ସ୍ଥାନରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ମିଳିତ ହୋଇ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମିତ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୁରାଣ ପତ୍ରିକାର ସମ୍ପାଦକ ଡକ୍ଟର ତ୍ରିନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବେହେରା, ଜନଲେଖା ସଂପାଦକ ସଂଜୟ ପାତ୍ର, ଆତ୍ମା ଅଧ୍ୟକ୍ଷ ପ୍ରଦୀପ ପାତ୍ର, ପୂର୍ବତନ ଆତ୍ମା ଅଧ୍ୟକ୍ଷ ନକୁଳ ରାଉତ, ପଦ୍ମନାଭ ମହାନ୍ତି, ସାମ୍ବାଦିକ ମହେଶ୍ୱର ପାତ୍ର, ରାଜେନ୍ଦ୍ର ମହାପାତ୍ର



ଏବଂ ପଶ୍ଚିମବଙ୍ଗରୁ ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବିନାରାୟଣ ମହାପାତ୍ର, ଶ୍ରୀମତୀ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ବାରିକ, ଉପ-ସଭାପତି ଭକ୍ତବତ୍ସଳ ଜେନା, ସମାଜ ଓ କଳିଙ୍ଗ ଟିଭିର କୋଲକାତା ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଚିନ୍ମୟୀ ମିଶ୍ର ପ୍ରମୁଖ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି ଜଣେ ମିଷ୍ଟଭାଷୀ, ମେଳାପୀ, ଧର୍ମ ପରାୟଣା, ପ୍ରେରଣାଦାୟିନୀ ସୁଗୃହିଣୀଙ୍କ ଏକାଦଶାହର ସମାବେଶରେ ଅନେକ ବ୍ୟକ୍ତି ଯୋଗଦେଇଥିବା ବେଳେ ଓଡ଼ିଶା ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଜାଲିନ ପାଟଶାଣୀ ମିଶ୍ର ପ୍ରମୁଖ ସ୍ୱର୍ଗତା ଦାସଙ୍କ ଆତ୍ମାର ସଦଗତି ପାଇଁ ସେମାନଙ୍କ ଶୋକବାର୍ତ୍ତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ୧୪୯ ନମ୍ବର ଜାତୀୟ ରାଜପଥରେ ଆନ୍ଦୋଳନ



ତାଳଚେର,(ସବ୍ୟୁ) :ଜାତୀୟ ରାଜପଥ ୧୪୯ନଂ ରାସ୍ତାର ଶୋଚନୀୟ ଅବସ୍ଥା ଦେଖି ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ ଆଜି ସକାଳ ୬ଘଟିକା ସମୟରେ ତାଳଚେର ଥର୍ମାଲ ନନ୍ଦିରାବ୍ରିଜ ଠାରେ ଅର୍ଥନୈତିକ ଅବରୋଧ କରିଥିଲେ । ତାଳଚେର ଅଂଚଳବାସୀଙ୍କ ପାଇଁ ଦୁଃଖ ପାଲଟିଥିବା ୧୪୯ନଂ ଜାତୀୟ ରାଜପଥ ଏବେ ଅସୁରକ୍ଷିତ । ଏହାକୁ ଦେଖି ମଧ ସମସ୍ତେ ଆଖି ବୁଜି ଦେଇଛନ୍ତି, ତାର ସୁଯୋଗ ନେଉଛି ଜାତୀୟ ରାଜପଥ ବିଭାଗ । ଖାଲଖମଣା ରାସ୍ତା ପାଇଁ ସାଧାରଣ ଲୋକଙ୍କୁ ଯମ ଯନ୍ତ୍ରଣା ଦେଉଥିବା ବେଳେ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ମୁଣ୍ଡ ରାସ୍ତାରେ ଗଡି ଚାଲିଛି । ଏପରିକି ବିଗତ ଦୁଇମାସ ଭିତରେ ପ୍ରାୟ ୨୦ରୁ ୨୫ଜଣଙ୍କର ମୁଣ୍ଡ ଗଡି ଚାଲିଥିବା ବେଳେ ଆଉ କିଛି ଦୁର୍ଘଟଣାରେ ଗୁରୁତ୍ୱର ଆହାତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି । ତେଣୁ ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି ବୋଲି ଆଜି ପୂର୍ବତନ ସାଂସଦ ମହେଶ ସାହୁ ଆନ୍ଦୋଳନ କରିଛନ୍ତି । ଏହି ଆନ୍ଦୋଳନ ପର୍ଯ୍ୟାୟକ୍ରମେ ଦାବିପୂରଣ ନହେବା ପର୍ଯ୍ୟନ୍ତ ଚାଲୁ ରହିବ । ଦାବି ମଧ୍ୟରେ ରାସ୍ତାରେ ମୃତ୍ୟୁବରଣ କଲେ ପରିବାରକୁ ୫୦ଲକ୍ଷଟଙ୍କା କ୍ଷତିପୂରଣ, ଗାଈଗୋରୁ ମଲେ ସେଠାରେ ଥିବା ମନ୍ଦିର ପରିଚାଳନା କମିଟିକୁ ୫ଲକ୍ଷଟଙ୍କା କ୍ଷତିପୂରଣ ଏବଂ ନନ୍ଦିରା ପୋଲକୁ ବିପଦ ମୁକ୍ତ ଘୋଷଣା କରାଯିବା ସହ ରାସ୍ତା ମରାମତି ନହେବା ଯାଏ ଭାରୀଯାନ ଚଳାଚଳ ନିଷିଦ୍ଧ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଆଗାମୀ ୩୦ ତାରିଖ ବାଙ୍କଧରା ଛକ ଠାରେ ଟ୍ରେନରେ ଯାଉଥିବା କୋଇଲା ପରିବହନକୁ ବନ୍ଦ କରାଯିବାନେଇ ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ଏହି ଅର୍ଥନୈତିକ ଆନ୍ଦୋଳନରେ ଗାନ୍ଧି ବିଚାରମଂଚ, ଜିଲ୍ଲାପରିଷଦ ସଦସ୍ୟା ରୀତାରାଣୀ ଦାସ, ବିନୋଦ ଲାଲ, ବାବୁଲା ଶତପଥୀ, ଲିପୁ ରଥ, କଳାକାର ସିଂହ, କାଳିଆ ସାମଲ, କୁଶବିହାରି ସାମଲ ସମତେ ବିଜୁ ଜନତାଦଳ କର୍ମୀ ସମର୍ଥକମାନେ ସାମିଲ ଥିଲେ । ଏହି ଆନ୍ଦୋଳନ ଫଳରେ ଶହଶହ ଟ୍ରକ ଉଭୟପାର୍ଶ୍ୱରେ ଅଟକି ରହିଥିବା ଦେଖାଯାଇଥିଲା । ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆନ୍ଦୋଳନ ଯୋର କରାଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

# ଜିଲ୍ଲାପାଳଙ୍କୁ ଅଭିଯୋଗ : ଶ୍ରେଣୀ ଗୃହ ଅଭାବ, ପାଠ ପଢାରେ ବ୍ୟାଘାତ

ଠାକୁରଗଡ ,(ସବ୍ୟୁ) : ଶିକ୍ଷାର ବିକାଶ ପାଇ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି । ଏ ପରିକି ନୂତନ ଶ୍ରେଣୀ ଗୃହ ନିର୍ମାଣ ସହ ଆବଶ୍ୟକ ଶିକ୍ଷକ ପଦପି ପୂରଣ କରୁଛନ୍ତି । ହେଲେ ଅନେକ ଜଙ୍ଗଲ ଅଧୁଷିତ ଅଞ୍ଚଳ ରେ ଥିବା ପୁରାତନ ବିଦ୍ୟାଳୟ ଗୁଡିକ ଅବହେଳିତ ହୋଇ ରହିଛି । ପୁରାତନ ଶିକ୍ଷାନୁଷ୍ଠାନ ଗୁଡିକ ର ବିକାଶ କରା ଯାଉ ନଥିବା ଯୋଗୁଁ ପାଠ ପଢା ରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଆନନ୍ଦପୁର ନିକଟରେ ଥିବା ଗୁଣ୍ଡୁରି ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟ ରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟ ରେ ଅନେକ ସମସ୍ୟା ଥିବା ବେଳେ ସମାଧାନ କରାଯାଉ ନଥିବା ଯୋଗୁଁ ଶନିବାର ଦିନ ପରିଚାଳନା କମିଟି ଓ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଛନ୍ତି ।ଏ ହାର ଏକ ନକଲ ରାଜ୍ୟ ଶିକ୍ଷମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଗ୍ରାମବାସୀ ମାନେ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଜେ ଏହି ଅଞ୍ଚଳ ର ଶିକ୍ଷା ର ବିକାଶ ପାଇ ତା ୧୯୫୩ ମସିହା ରେ ଏହି ବିଦ୍ୟାଳୟ ସ୍ଥାପନ ହୋଇ ଥିଲା । ଏହି ବିଦ୍ୟାଳୟ ରେ ଶିଶୁ ବାଟିକା ରୁ ଅଷ୍ଟମ ଶ୍ରେଣୀ ପର୍ଯନ୍ତ ଥିବା ବେଳେ ୯୪ ଜଣ ଛାତ୍ରୀ ଛାତ୍ର ପାଠ ପଢୁଛନ୍ତି । ହେଲେ ସେମାନଙ୍କ ପାଇ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ । ସମୁଦାୟ ୭ ଟି ଶ୍ରେଣୀ ଗୃହ ଥିବା ବେଳେ ୩ ଟି ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥାରେ ରହିଛି । ଅନ୍ୟ ୪ ଟି ଶ୍ରେଣୀ ଗୃହରେ ପାଠ ପଢା ଯାଉଛି । ପ୍ରତ୍ୟେକ ଶ୍ରେଣୀ ଗୃହ ରେ ଦୁଇଟି ଶ୍ରେଣୀ ର ପିଲା ଏକାଠି ବସି ପାଠ ପଢୁଛନ୍ତି । ବିଶେଷ କରି ଶ୍ରେଣୀ ଗୃହ ନଥିବା ବେଳେ ଛାତ୍ରୀ ଛାତ୍ର ମାନେ ବହୁ ଅସୁବିଧା ସମ୍ମୁଖିନ ହେଉଛନ୍ତି । ଏ ପରିକି ଛାତ୍ରୀ ଛାତ୍ର ଙ୍କ ପାଇ ଥିବା ଶୋଚାଳୟ ଗୁଡିକ ର ପ୍ୟାନ ଭାଙ୍ଗି ଯିବା ସହ ପାଇଖାନା ଟାଙ୍କି ମଧ ଭୁଶୁଡି ପଡିଛି । ବିଦ୍ୟାଳୟ ରେ ପାଚେରି ନଥିବା ଯୋଗୁଁ ଅନେକ ସମୟରେ ଅବାଧ ଗାଈ ଗୋରଙ୍କର ପ୍ରବେଶ ହେଉଛି । ଏ ନେଇ ଶିକ୍ଷା କମିଟି ପକ୍ଷରୁ ବହୁ ବାର ବ୍ଲକ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନାହିଁ । ଏ ନେଇ ବିଦ୍ୟାଳୟର ପ୍ରଧାନ ଉତ୍ତମ ନାୟକ କୁହନ୍ତି ବିଦ୍ୟାଳୟ ର ସମସ୍ତ ସମସ୍ୟା ସମ୍ପର୍କ ରେ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରା ଯାଇଛି । ଏ ନେଇ ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ ସୁନୀଲ କୁମାର ପ୍ରଧାନ କୁହନ୍ତି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ନିଆଯିବ ।



# ବିଦ୍ୟୁତ ତାର ଉପରେ ଗଛ ଡାଳ, ସେବା ବ୍ୟାହତ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନ କୁ ଯାଇଥିବା ବିଦୂତ ଖୁଣ୍ଟ ଉପରେ ଦୀର୍ଘ ୫ ଦିନ ହେବ ଗଛ ଡାଳ ପଡି ରହିଛି ।ଏହିବିଦ୍ୟୁତ ତାର ରୁ ରାସ୍ତା କଡରେ ଲାଗିଥିବା ସମସ୍ତ ଷ୍ଟ୍ରିଟ ଲାଇଟ ଗୁଡିକ କୁ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ଡାଳ ପଡିଥିବା ଯୋଗୁଁ ସେବା ଯୋଗାଣରେ ବ୍ୟାଘାତ ହୋଇଛି । ରେଳ ବିଭାଗ ଅଧୀନରେ ଉକ୍ତବିଦ୍ୟୁତ ସେବା ଥିବା ବେଳେ ରେଳ ବିଭାଗ ପକ୍ଷରୁ ବିଦ୍ୟୁତ ତାରରୁ ଗଛ ଡାଳ ହଟା ଯାଉନଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ଫଳରେ ଷ୍ଟ୍ରିଟ ଲାଇଟ ଜଳୁନଥିବା ଅଭିଯୋଗ ହୋଇଛି । ବଇଣ୍ଡା ଛକରୁ ଷ୍ଟେସନକୁ ଯାଇଥିବା ରାସ୍ତାରେ ଅନେକ ଗଛ ସହ ଅନେକ ଲଟି ବୁଦା ହୋଇଥିବା ବେଳେ ସଫା କରାଯାଉ ନାହି । ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହୋଇଛି ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଢେଙ୍କାନାଳ ପ୍ରୋମୋରନ
# ଯୋଗଦେଲେ ୨୨୦ ପ୍ରତିଯୋଗୀ



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆଜି ସହରସ୍ଥିତ ବଳରାମ ମନ୍ଦିର ପରିସରରୁ 'ଢେଙ୍କାନାଳ ପ୍ରୋମୋ ରନ୍' ଆୟୋଜିତ ହୋଇଯାଇଛି। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନା ସମ୍ପର୍କରେ ସଚେତନତା ସୃଷ୍ଟି, ପର୍ଯ୍ୟଟନକୁ ପ୍ରୋତ୍ସାହନ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଫିଟନେସ୍‌ର ବାର୍ତ୍ତା ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି ପ୍ରୋମୋ ରନ୍‌ରେ ପ୍ରାୟ ୨୨୦ ଜଣ ଧାବକ ଓ ଧାବିକା ଉତ୍ସାହର ସହ ଅଂଶଗ୍ରହଣ କରି ନିର୍ଦ୍ଧାରିତ ଦୌଡ଼ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ। ଯୁବବର୍ଗଙ୍କ ସମେତ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀଙ୍କ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ସଫଳ କରିଥିଲା।ଏହି ଅବସରରେ ଢେଙ୍କାନାଳ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସ୍ୱସ୍ତିରଞ୍ଜନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ ଉପସ୍ଥିତ ରହି ଧାବକ ଓ ଧାବିକାମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରୋମୋ ରନ୍‌ରେ ଅବିନାଶ ବେହେରା ପ୍ରଥମ, ରଞ୍ଜନ ସବର ଦ୍ୱିତୀୟ ଏବଂ ଦର୍ଶିତ ପରମାର ତୃତୀୟ ସ୍ଥାନ ଅଧିକାର କରିଥିଲେ।ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ଆସନ୍ତା ୧୩ ଡିସେମ୍ବର ୨୦୨୬ରେ ପୁରୀଠାରେ ଆୟୋଜିତ ହେବାକୁ ଥିବା ପୁରୀ କୋଷ୍ଟାଲ୍ ମାରାଥନ୍‌ରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା।

# ଜାତିଗତ ପ୍ରମାଣ ପାଇଁ ହିତାଧିକାରୀ ବାରଦୁଆର ଶୁଣ୍ଢିପିଣ୍ଡା

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲରେ ସରକାରଙ୍କ ଜନଅଭିଯୋଗ ଶୁଣାଣୀ ପ୍ରହସନ ପାଲଟିଛି। ଜାତିଗତ ପ୍ରମାଣପତ୍ର ହିତାଧିକାରୀ ବାରଦୁଆର ଶୁଣ୍ଡିପିଣ୍ଡା ହେଉଥିବାର ଅଭିଯୋଗ ହୋଇଛି।

ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କର ଆବଶ୍ୟକ ହେଉଥିବା ଜାତି ପ୍ରମାଣପତ୍ର ନିମନ୍ତେ ପଟ୍ଟାର ଆବଶ୍ୟକ ନଥିବା ବେଳେ ଓଡ଼ାପଡ଼ା ତହସିଲଦାରଙ୍କ ଠାଳ ଟୁଳ ନିତି ଯୋଗୁଁ ହିତାଧିକାରୀ ମାନେ ଜାତି ପ୍ରମାଣପତ୍ର ନପାଇ ବାରମ୍ବାର ହୋଇ ହନ୍ତସନ୍ତ ହେଉଥିବା ଜଣାପଡିଛି। ଏପରିକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଓଡ଼ାପଡ଼ା ତହସିଲଦାର ମାନୁନଥିବା କ୍ଷମାନିଧି ସାହୁ ନାମକ ହିତାଧିକାରୀ ଅଭିଯୋଗ କରିଛନ୍ତି ।ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ସେବା ଓ ସୁଶାସନ ଯୋଗାଇ ଦେବାକୁ ଲକ୍ଷ ରଖି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟମ କରାଯାଉଥିବା ଦେଖିବାକୁ ମିଳିଥାଏ। ସେଥି ମଧ୍ୟରୁ ପ୍ରତ୍ୟେକ ବ୍ଲକ ମାନଙ୍କରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜନ ଅଭିଯୋଗ ଶୁଣାଣୀ ଶିବିର ଆୟୋଜନ କରାଯାଉଅଛି।ସେହି ସବୁ ଜନ ଶୁଣାଣୀ ଶିବିରରେ ହେଉଥିବା ଅଭିଯୋଗର ସୁଫଳ ଅଭିଯୋଗ କାରୀ କେତେ ଉପକୃତ ହେଉଛନ୍ତି ତାହା କୌଣସି ଅଧିକାରୀ ଦେଖନ୍ତି ନାହିଁ କିମ୍ବା ସେହି ଅଭିଯୋଗରେ କେତେ ସମାଧାନ ହୋଉଛି ତାର ସମିକ୍ଷା କରାଯାଏ ନାହିଁ।କେବଳ ସରକାରଙ୍କ ନିର୍ଦ୍ଦେଶକୁ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ପାଳନ କରି ନିଜର ବାହାବା ନେଉଥିବା ସାଧାରଣରେ ଆଲୋଚିତ ହେଉଥିବା ଜଣାପଡିଛି। ଲୋକ ମାନଙ୍କ ସାଧାରଣ ଅଭିଯୋଗକୁ ବିଭିନ୍ନ ବିଭାଗର ଅଧିକାରୀ ମାନେ ଶୁଣୁ ନଥିବା ଜନ ଅଭିଯୋଗ ଶୁଣାଣୀ ଶିବିର ର ବାରମ୍ବାର ଅଭିଯୋଗ ହେଉଥିବା ଦେଖିବାକୁ ମିଳିଥାଏ। ଯାହା ଫଳରେ ଗରିବ ଅସହାୟ ହିତାଧିକାରୀ ଚୁପ ହୋଇ ରହିବାକୁ ବାଧ ହେଉଥିବା ପରମାନନ୍ଦ ବେହେରା, ବ୍ରଜବନ୍ଧୁ ଦାସ,ପ୍ରଶ୍ନ କୁମାର ଜେନା,କ୍ଷମାନିଧି ସାହୁ ଓ ଜତି ନାଏକଙ୍କ ସହିତ ଅନ୍ୟାନ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ପାଠ ପଢିବା ପାଇଁ ଜାତି , ବାସସ୍ଥାନ ଓ ଆୟ ପ୍ରମାଣ ପତ୍ର ଆବଶ୍ୟକ ହୋଇଥାଏ।। ଏ ସମ୍ପର୍କରେ ଜିଲ୍ଲାପାଳ ମାନଙ୍କୁ କ୍ଷମତା ଥିବା ରାଜସ୍ୱ କମିଶନର କହିଥିବା ବେଳେ କିନ୍ତୁ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ବିଭିନ୍ନ ପ୍ରମାଣ ପତ୍ର ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି । ଓଡ଼ାପଡ଼ା ତହସିଲଦାରଙ୍କ ସ୍ୱାକ୍ଷରିତ ପଟ୍ଟାକୁ ତହସିଲଦାର ପ୍ରମାଣ ପତ୍ର ଭାବେ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି ।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଦୁଇ ଡ୍ରାଇଭର ଅଟକ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ପୋଲିସକୁ ମିଳିଛି ବଡ଼ ସଫଳତା। ଖବରରୁ ପ୍ରକାଶ ଗତକାଲି ଭୋର ସମୟରେ ହିନ୍ଦୋଳ-ନରସିଂହପୁର ରାସ୍ତାରେ ବଡଧରଣର ଗୋଚାଲାଣ ହେଉଥିବା ଖବରପାଇ ହିନ୍ଦୋଳ ଥାନା ଅଧିକାରିଣୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କର୍ମଚାରୀ ବସଷ୍ଟାଣ୍ଡ ଛକରେ ଭୋର ଚାରିଟାରେ ଜଗି ରହିଥିଲେ।ଅନୁଗୋଳ ପଟୁ ଦ୍ରୁତଗତିରେ ଏକ ଗୋରୁ ବୋଝେଇ ପିକଅପ ନଂ କ୍ୱଉ୦୫ଇଗ୦୪୪୦ ହଟାତ ଆସି ଅମଲାପଡା ସ୍ଥିତ ଚିତ୍ତରଞ୍ଜନ ଅମାନ୍ତ ଙ୍କ ଦୋକାନରେ ଜୋରରେ ଧକ୍କା ଦେଇଥିଲା। ଛକି ରହିଥିବା ପୋଲିସ ଗୋରୁ ବୋଝେଇ ପିକଅପ ସହ ୯ଟି ଗୋରୁ ଜବତ କରିବାସହ ଦୁଇ ଡ୍ରାଇଭର ଜଗତପୁର ପିରବଜାର ଅଞ୍ଚଳର ଜବର ଖାନ ପୁଅ ଆଫରୋଜ ଖାନ(୨୦), ଶେଖ ସଲିନ ଖାଁ ର ପୁଅ ଏସକେ ସାଫରୋଜ(୨୨)କୁ ଅଟକ ରଖି କେସ ନଂ ୨୮୬ ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଆଉ ଗୋଟିଏ ଗୋଚାଲାଣ ଗାଡି ଅଧା ରାସ୍ତାରୁ ଫେରାର ହୋଇଯାଇଥିବା ବେଳେଏହି ହାଇ ପ୍ରୋଫାଇଲ ଗୋଚାଲାଣ ରାକେଟର ଚେର ଓଡିଶା ବାହାରକୁ ଲମ୍ବିଥିବା ସହ ଗୋରୁ ଚାଲାଣ ହେଉଥିବା ରାସ୍ତାରେ ସ୍ଥାନୀୟ ଅଞ୍ଚଳର ଗୋମାଫିଆଙ୍କ ସହଯୋଗ ରହିଥିବା ବେଳେ ଏହାର ମାଷ୍ଟର ମାଇଣ୍ଡ କୁ ଧରିବାକୁ ଉଦ୍ୟମ କରୁଛି ପୋଲିସ ବୋଲି ଜଣାପଡିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ନମାମି ଭାରତମ' କାର୍ଯ୍ୟକ୍ରମ

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକସ୍ଥିତ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ନମାମି ଭାରତମ' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ଯୋଜନା ଅନୁଯାୟୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଙ୍ଗୁଲୁ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ଦିବାକର ବାରିକ, ସମ୍ମାନୀତ ଅତିଥି ଭାବରେ ମା ହିଙ୍ଗୁଳା ପାଠାଗାରର ସଭାପତି ହା ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ପଂଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ମଳୟ ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଙ୍ଗୁଲୁ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ନମାମି ଭାରତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ଶ୍ରୀ ବାରିକ ଭାରତମାତାଙ୍କ ଜୟଗାନ କରିବା ସହ ବନ୍ଦେ ମାତରଂ ୧୫୦ତମ ପର୍ତି ଅବସରରେ ସ୍ୱାଧୀନତା ସଂଗ୍ରାମରେ ଏହି ଦେଶଭକ୍ତି ଗୀତର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଉପସ୍ଥିତ ସମସ୍ତ ଗୁରୁଜୀ,ଗୁରୁମା, ଅଭିଭାବକ,ଅଭିଭାବିକା ଓ ପରିଚାଳନା ସମିତିର କାର୍ଯ୍ୟକର୍ତାମାନେ ସାମୁହିକ ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ ।

# ଗୋରୁ ବୋଝେଇ କଣ୍ଟେନର ଜବତ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ଅଞ୍ଚଳରେ ସକାଳୁ ଏକ ଗୋରୁ ବୋଝେଇ କଣ୍ଟେନରକୁ ଅଟକାଇ ଥାନାକୁ ହସ୍ତାନ୍ତର କରା ଯାଇଛି । କଣ୍ଟେନର ଟି ବୌଦ୍ଧ ଅଞ୍ଚଳରୁ ଆସୁଥିବା ବେଳେ ବୌଦ୍ଧ ବଜରଙ୍ଗ ଦଳର କର୍ମୀ ମାନେ କଣ୍ଟେନର ପିଛା କରି କିଆକଟା ଜଙ୍ଗଲ ନିକଟରେ ଗାଡ଼ିକୁ ଅଟକାଇଥିଲେ । ଏଚ ଆର ୬୯ସି ୪୫୪୫: ନମ୍ବର ଥିବା କଣ୍ଟେନର ରେ ପ୍ରାୟ ଚାଳିଶ ଗୋରୁ ଥିବା ଜଣାପଡିଛି । ଗାଡ଼ି ଅଟକାଇବା ସମୟ ରେ ଗାଡ଼ି ଚାଳକ ଘଟଣା ସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଥିବା ସୂଚନା ମିଳିଛି । ଜବତ ଗୋରୁ ଗୁଡିକୁ ବୌଦ୍ଧ ସ୍ଥିତ ଗୋଶାଳାକୁ ପଠା ଯାଇଥିବା ଜଣା ପଡିଛି । କିଆ କଟା ପୋଲିସ କଣ୍ଟେନର ଜବତ କରି ତଦନ୍ତ ଜାରି ରଖିଛି ।

# ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହରର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଥିବା ପ୍ରେକ୍ଷାଳୟ ପରିସରରେ ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି ।ଢେଙ୍କାନାଳ ଜିଲ୍ଲା ହିନ୍ଦୀଶିକ୍ଷକ ସଙ୍ଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ରୀୟ ସାଙ୍ଗଠନିକ ସଚିବ ନାରାୟଣ ନାୟକ, ସମ୍ମାନୀତ ଅତିଥି ଭାବେ ୧୨ ନମ୍ବର ବାଟାଲିୟନ ଏନସିସି ଢେଙ୍କାନାଳ ର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ସି. ସି. ନାଗ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନୀତ ଅତିଥି ଭାବେ ହିନ୍ଦୀଶିକ୍ଷକ ପ୍ରଶିକ୍ଷଣ ସଂସ୍ଥା, କଟକର ଅଧ୍ୟକ୍ଷ ସତ୍ୟନାରାୟଣ ପଣ୍ଡା, କାମାକ୍ଷାନଗର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାନ୍ତି, ମଠକରଗୋଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ, ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟ, କାନପୁରାର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ହିନ୍ଦୀଶିକ୍ଷକ ସଙ୍ଘ, ଓଡିଶାର ସଭାପତି ଏସ କେ ତବରକ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।ହିନ୍ଦୀଭାଷାର ପ୍ରଚାର, ପ୍ରସାର ଓ ହିନ୍ଦୀଭାଷାକୁ ବ୍ୟାପକ ଭାବେ ବ୍ୟବହାର କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶତାଧିକ ହିନ୍ଦୀଶିକ୍ଷକ, ଶିକ୍ଷୟତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିବା ଶିକ୍ଷକ ମାନଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମକୁ ଢେଙ୍କାନାଳ ଜିଲ୍ଲା ହିନ୍ଦୀଶିକ୍ଷକ ସଙ୍ଘର ସଭାପତି ଭୁବନେଶ୍ୱର ରାଉତ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

# ସମବେଦନା ଜଣାଇଲେ ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ



ଆଠମଲ୍ଲିକ , (ସବ୍ୟୁ) : ପୂର୍ବତନ ଏନ ଏ ସି ଅଧ୍ୟକ୍ଷ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା (ଶଙ୍କର ଭାଇ ) ଙ୍କ ମାତୃ ବିୟୋଗ ଖବର ଶୁଣି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଅମରନାଥ ପ୍ରଧାନ ଆଠମଲ୍ଲିକ ଗସ୍ତରେ ଆସି ଶ୍ରୀ ହୋତାଙ୍କ ବାସଭବନକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ । ପୂର୍ବତନ ଏନ ଏ ସି ଅଧ୍ୟକ୍ଷ ଶ୍ରୀ ହୋତା ତଥା ତାଙ୍କ ସହଧର୍ମିଣୀ ପୂର୍ବତନ ଏନ ଏ ସି ଅଧ୍ୟକ୍ଷା ନିହାର ହୋତାଙ୍କ ସମେତ ପରିବାର ସଦସ୍ୟ ଙ୍କୁ ଭେଟିଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଧାନ ଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ବଲବୀର ସିଂହ, ଶତ୍ରୁଘ୍ନ ସାହୁ ଉପସ୍ଥିତ ଥିଲେ ।

# ଏମ୍‌ଏମ୍‌ଡିଆର୍ ସଂଶୋଧନ ଅଧିନିୟମ-୨୦୨୬ ବିରୋଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଞ୍ଚଳିକ ସମାବେଶ



ଅନୁଗୋଳ,(ସବ୍ୟୁ) : ଅନୁଗୋଳ ବିଜୁ ମଇଦାନଠାରେ ଆଜି ମଧ୍ୟାହ୍ନରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପାଞ୍ଚ ଜିଲ୍ଲାକୁ ନେଇ ଏକ ଆଞ୍ଚଳିକ ସମାବେଶ ଅନୁଗୋଳ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ମିଛ ପ୍ରତିଶ୍ରୁତିରେ ରାଜ୍ୟର ବିକାଶ ଗାଉଥିବା ଡବଲ ଇଞ୍ଜିନ ସରକାର ଆଜି ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଖେଳୁଛି ବୋଲି ପ୍ରକାଶ କରିଥିଲେ। ରାଜ୍ୟର ସ୍ୱାଥକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳୀ ଦେଇ ଏମଏମଡିଆର ସଂଶୋଧନ ଅଧିନିୟମକୁ ତରବରିଆ ଭାବେ ପାରିତ କରାଇ ନେଇ ଆମକୁ ପୁଣି ଦୁର୍ବଳ କରିବା ପାଇଁ ଏକ ଭିତିରିଆ ମନ୍ତ୍ରଣା କରିଛନ୍ତି। ଫଳରେ ରାଜ୍ୟ ମାସକୁ ୧୨ ରୁ ୨୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ ଓ ଆଦାୟ କରିବାକୁ ଥିବା ୧,୧୦,୦୦୦ କୋଟି ଟଙ୍କା ଆଉ ଆଦାୟ କରି ପାରିବ ନାହିଁ। ଆଜି ରାଜ୍ୟ ବେରୋଜଗାରୀ ଓ ଦର ଦାମ ବୃଦ୍ଧିକୁ ନେଇ ସଂଗ୍ରାମ କରୁଛି। ସେସବୁକୁ ଭୃକ୍ଷେପ ନକରି ସରକାର ଜନତାଙ୍କ ଉପରେ ଆହୁରି ଲଳିତା ଲଦିବାକୁ ପଛାଉ ନାହିଁ।

ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସଂପର୍କରେ ଆଲୋଚନା କରିବାକୁ ଯାଇ କହିଲେ ଯେ ରାଜ୍ୟର ପ୍ରାୟ ୪୫,୦୦୦ ମହିଳା ଓ କନ୍ୟା ଅପହୃତା ହୋଇ ନିଖୋଜ ଥିବା ବେଳେ ପ୍ରାୟ୪୦୦୦ରୁ ଉର୍ଦ୍ଧ୍ୱ କୋମଳମତି ନାବାଳିକା ଓ ମହିଳା ଧର୍ଷଣର ଶିକାର ହୋଇଛନ୍ତି। ସମାବେଶକୁ ଉଦବୋଧନ ଦେଇ ଅନୁଗୋଳ ଜିଲ୍ଲାର ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଅନୁଗୋଳ ଜିଲ୍ଲା ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଭରପୁର ଥିବା ବେଳେ ଖଣି ଓ ଖଣିଜ ପଦାର୍ଥର ବ୍ୟାପକ ଅପବ୍ୟବହାର ଓ ଶୋଷଣ ବର୍ତ୍ତମାନ ଅନୁଗୋଳ ଜିଲ୍ଲା ବିଶ୍ୱ ମାନଚିତ୍ରରେ ଏକ ପ୍ରଦୁଷିତ ଜିଲ୍ଲା ଭାବରେ ଅପବାଦ ବିମଣ୍ଡିତ ହୋଇଛି। ସିପିଏମ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ,ସିପିଏମର ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜନ୍ମେଶର ସାମନ୍ତରାୟ ଏବଂ ଜିଲ୍ଲା ସଂପାଦିକା ମୀନା ପ୍ରଧାନ ,ଏନସିପି ଦଳର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ,ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର ମଧ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସେହିପରି ଆଞ୍ଚଳିକ ସମାବେଶକୁ ସଫଳ କରିବା ପାଇଁ ଆୟୋଜନ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ ଯୋଗଦେଇ ଅନୁଗୋଳ ଜିଲ୍ଲା ବିଶେଷ କରି ଛେଣ୍ଡିପଦା ଅଞ୍ଚଳ ଏକ ଚାଷୀ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ବେଳେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ଛେଣ୍ଡିପଦାବାସୀଙ୍କ ଭୋଟ ହାତେଇ ନେଇ ଏବେ ଛେଣ୍ଡିପଦାରେ ବ୍ୟାପକ କୋଇଲା ଖଣି ବିକ୍ରି କରି ଛେଣ୍ଡିପଦାକୁ ଶ୍ରୀହୀନ କରି ଦେଲେଣି। ଅନ୍ୟତମ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ନଗେନ୍ଦ୍ର ପ୍ରଧାନ ରାଜ୍ୟର ସର୍ତ୍ତାର୍ଥକୁ ବଜାୟ ରଖିବା ପାଇଁ ଏ ସରକାର ନିଶ୍ଚିତ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କହିଥିଲେ।

ଏହି ସମାବେଶରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ଉପସଭାପତି ଦେବାଶିଷ ପଟ୍ଟନାୟକ, ରାଜଗାଙ୍ଗପୁର ବିଧାୟକ ଡ ରାଜନ ଏକ୍କା, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୈଳ ଶ୍ରୀକ୍ଷେତ୍ର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ସମବେଶ ସ୍ଥଳୀ ବିଜୁ ମଇଦାନକୁ ଆସିଥିଲେ ଓ ତାପରେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଭକ୍ତି ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ସଭା ଆରମ୍ଭ କରାଯାଇଥିଲା। ଉକ୍ତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ଅଭିଳାଷ ମାଣିଆ, ସତ୍ୟଜିତ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ପ୍ରକାଶ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ଅମ୍ବିକା ପ୍ରସାଦ ଭଞ୍ଜ, ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ବୌଦ୍ଧ ଜିଲ୍ଲା ସଭାପତି ଅବଦୁଲ କଲିମ ଖାନ, ସମ୍ବଲପୁର ଜିଲ୍ଲା ସଭାପତି ଅମିତ କୁମାର ଗୁରୁ, ଦେବଗଡ଼ ଜିଲ୍ଲା ସଭାପତି ସେମ ହେମ୍ବ୍ରମ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ




ତାଳଚେର,(ସବ୍ୟୁ) : ସାଉଥବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ୨୨ ସେପ୍ଟେମ୍ବର ୨୦୨୬ ମସିହାରେ ଇଗନୋ ଅନୁଗୁଳ ଶାଖା ତରଫରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡଃ ମନ୍ଦାକିନୀ ତୁଙ୍ଗ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅନୁଗୁଳ ଶାଖାର ସହ ସଂଯୋଜକ ଡଃ ଦଧିବାମନ ପ୍ରଧାନ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଇଗନୋ , ଅନୁଗୁଳ ଶାଖାର ମୁଖ୍ୟ ତଥା ବରିଷ୍ଠ ସଂଯୋଜକ ଡଃ ଅଭିଳାଷ ନାୟକ , ଇଗନୋର ବିଭିନ୍ନ ପାଠ୍ୟକ୍ରମ ବିଷୟରେ ଛାତ୍ରଛାତ୍ରୀମାନଙ୍କ ସହିତ ସୁବିସ୍ତୃତ ଆଲୋଚନା କରିଥିଲେ । ପ୍ରାୟ ୬୦ ରୁ ୭୦ ଜ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଦାର୍ଥ ବିଜ୍ଞାନର ମୁଖ୍ୟ ଲଲାଟେନ୍ଦୁ ଗଡ଼ନାୟକ ପରିଚାଳନା କରିଥିବାବେଳେ ଇରାଜୀ ବିଭାଗର ମୁଖ୍ୟ ଶ୍ରୀମତୀ ଶୁଭଦର୍ଶିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସମ୍ପାଦକୀୟ

# ଗାନ୍ଧିଜୀଙ୍କୁ ମନେ ପକାଇଲେ ପ୍ରଧାନମନ୍ତ୍ରୀ

ଭାରତ ଏକ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛି । ଦେଶ ମଧ୍ୟରେ ରାଜନୀତିକ ଅସ୍ଥିରତା ମୁଣ୍ଡ ଟେକି ଉଠିଥିଲାବେଳେ ଦେଶ ବାହାରେ ଯୁଦ୍ଧଜନିତ ପରିସ୍ଥିତି ଆମମାନଙ୍କର ଜୀବନଧାରାକୁ ପ୍ରଭାବିତ କରିଛି । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବିଜେପି କର୍ମୀମାନଙ୍କୁ କେବଳ ଭୋଟ ବ୍ୟାଙ୍କ ରାଜନୀତି ଉପରେ ଦୃଷ୍ଟି ନିବଦ୍ଧ ନ କରି ମହାତ୍ମା ଗାନ୍ଧିଙ୍କ ସାମାଜିକ ସଂସ୍କାର ଭିତ୍ତିରେ ରାଜନୀତି କରିବାକୁ ଗତ ଶୁକ୍ରବାର ( ତା ୨୫/ ୦୯/ ୨୦୨୬) ଦିନ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ହିଁ ସ୍ୱାଧୀନତା ପ୍ରାପ୍ତିର ଅଶୀ ବର୍ଷରେ ଆମେମାନେ ପାଦ ରଖିଥିବାବେଳେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମନେ ହୋଇଥାଏ ।

ସ୍ୱାଧୀନତା ପ୍ରାପ୍ତି ପରେ ଗାନ୍ଧିଜୀ ନିଜେ ଭାରତର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହେବାକୁ ଚାହିଁ ନଥିଲେ । ଅବଶିଷ୍ଟ ଜୀବନ ସେ ଦେଶ ସେବା କରିବାକୁ ଚାହିଁଥିଲେ । ମାତ୍ର କିଛି ମାସ ପରେ ନାଥୁରାମ ଗଡସେର ଗୁଳିମାଡ଼ରେ ପ୍ରାଣ ହରାଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ଭବତଃ ଠିକ୍ କଥା କହିଛନ୍ତି । ବିଜେପି ଏବେ ନିଜ ଦଳର ସ୍ୱାର୍ଥରକ୍ଷା ସହିତ ଦେଶ ବା ରାଜ୍ୟର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସାମାଜିକ ସଂସ୍କାର ଦିଗରେ ଆଗେଇ ଚାଲିବା ଉଚିତ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରୁ ବିଜେପି ପ୍ରେରଣା ଲାଭ କରି ଆସୁଛି । ସେହି ନୀତି ଓ ଆଦର୍ଶକୁ ଧରି ବିଜେପି ଏ ଦେଶକୁ ଆଗେଇ ନେବା ଆବଶ୍ୟକ । ୨୦୪୭ରେ ମୋଦିଜୀ ଯେଉଁ ବିକଶିତ ଭାରତର ସ୍ୱପ୍ନ ଦେଖି ଆସୁଛନ୍ତି, ସେ ସ୍ୱପ୍ନକୁ ସାକାର କରିବାକୁ ହେଲେ, ବିଜେପି ଭୋଗର ପଥ ପରିହାର କରି ତ୍ୟାଗର ପଥକୁ ବାଛି ନେବା ଦରକାର ।

**ଏକଥା ସତ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନାମ ଓ କାମରେ ବିଜେପି ଦଳ କ୍ଷମତାସୀନ ହୋଇ ପାରିଛି । ତାଙ୍କରି ମାର୍ଗଦର୍ଶନ ବିଜେପି ପାଇଁ ଜରୁରୀ । ମାତ୍ର ଅନ୍ୟାନ୍ୟ ରାଜନୀତିକ ଦଳଗୁଡ଼ିକ ପରି ବିଜେପି ଦଳ ମଧ୍ୟରେ ଥିବା ଅର୍ନ୍ତଦ୍ୱନ୍ଦ ମଧ୍ୟ ବିଜେପିର ବିକାଶ ମାର୍ଗକୁ ଅବରୋଧ କରୁଥିବା ପରି ମନେ ହେଉଛି । ଭାରତର 'ପ୍ରଧାନ ସେବକ' ବୋଲି ସ୍ୱୀକାର କରିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ୱାଧୀନ ଭାରତରେ କେବଳ ନୁହେଁ, ସାରା ବିଶ୍ୱରେ ଯେଉଁ ସମ୍ମାନ ଓ ମର୍ଯ୍ୟାଦାର ଇମେଜ ବା ଭାବମୂର୍ତ୍ତି ସୃଷ୍ଟି କରି ଯାଇଛନ୍ତି, ବିଜେପି କର୍ମୀ ଓ ନେତାମାନେ ତାହାର ଅନୁସରଣ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ । ଭାରତ– ସମେତ ଓଡ଼ିଶାର ବିକାଶ ପାଇଁ ବିଜେପି କର୍ମୀ ଓ ନେତାମାନେ ଜନସାଧାରଣଙ୍କର ସେବା ପାଇଁ ଆଗେଇ ଆସିବା ଉଚିତ ।**

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗାନ୍ଧିଜୀ କେବଳ ଇଂରେଜ ସରକାରଙ୍କ ବିରୋଧରେ ଲଢେଇ କରି ସେମାନଙ୍କୁ ପରାଜିତ କରି ନଥିଲେ, ସେ ମଧ୍ୟ ଜଣେ ବିରାଟ ସମାଜ ସଂସ୍କାରକ ଥିଲେ । ବିଭିନ୍ନ ସାମାଜିକ ଅବ୍ୟବସ୍ଥା ଓ ତୃଟି ବିଚ୍ୟୁତି ବିରୋଧରେ ମଧ୍ୟ ସେ ତାଙ୍କର ସଂଗ୍ରାମ ଜାରି ରଖିଥିଲେ ବୋଲି ପ୍ରକାଶ କରି ମୋଦିଜୀ ତାଙ୍କର ୭୬ତମ ଜନ୍ମଦିବସରେ ଯେଉଁ 'ସେବା ଯାତ୍ରା'ର ଶୋଭାଯାତ୍ରା ବାହାରିଥିଲା, ସେହି ଉପଲକ୍ଷେ ଅନୁଷ୍ଠିତ ଆଭାସୀ ଆଲୋଚନାରେ ଯୋଗ ଦେଇଥିଲେ । ଏହି ସେବା ଶୋଭାଯାତ୍ରା ଉପଲକ୍ଷେ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାରାଣସୀରୁ ଭଦନଗର ପର୍ଯ୍ୟନ୍ତ ଯାଇଥିଲା । ସେ କହିଥିଲେ ଯେ ଜନତାଙ୍କ ସେବା ହିଁ ଦେଶର ସେବା । ସେ ଗତ ଶୁକ୍ରବାରରେ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପଡିଥିବାରୁ ତାଙ୍କ ତ୍ୟାଗ ଓ ଆଦର୍ଶର ମଧ୍ୟ ପ୍ରଶଂସା କରିଥିଲେ ।

ସେ ନିଜେ ଜଣେ ପର୍ଯ୍ୟଟକ ଭାବେ ଭାରତ ଭ୍ରମଣ କରିଛନ୍ତି ଓ ତାଙ୍କ ଅନୁଭୂତିରୁ ସେ ସେବା ପାଇଁ ପ୍ରେରଣା ପାଇଥିବା କଥା ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଗାନ୍ଧିଜୀଙ୍କ ସ୍ୱଚ୍ଛତା ଗୁଣର ଅନୁସରଣ କରି ଭାରତ ପ୍ରୟାଗରାଜର ଗତ କୁମ୍ଭମେଳାରେ ସାରା ବିଶ୍ୱରେ ସ୍ୱଚ୍ଛତା କାରଣରୁ ପ୍ରଶଂସିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଏକଥା ସତ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନାମ ଓ କାମରେ ବିଜେପି ଦଳ କ୍ଷମତାସୀନ ହୋଇ ପାରିଛି । ତାଙ୍କରି ମାର୍ଗଦର୍ଶନ ବିଜେପି ପାଇଁ ଜରୁରୀ । ମାତ୍ର ଅନ୍ୟାନ୍ୟ ରାଜନୀତିକ ଦଳଗୁଡ଼ିକ ପରି ବିଜେପି ଦଳ ମଧ୍ୟରେ ଥିବା ଅର୍ନ୍ତଦ୍ୱନ୍ଦ ମଧ୍ୟ ବିଜେପିର ବିକାଶ ମାର୍ଗକୁ ଅବରୋଧ କରୁଥିବା ପରି ମନେ ହେଉଛି । ଭାରତର 'ପ୍ରଧାନ ସେବକ' ବୋଲି ସ୍ୱୀକାର କରିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ୱାଧୀନ ଭାରତରେ କେବଳ ନୁହେଁ, ସାରା ବିଶ୍ୱରେ ଯେଉଁ ସମ୍ମାନ ଓ ମର୍ଯ୍ୟାଦାର ଇମେଜ ବା ଭାବମୂର୍ତ୍ତି ସୃଷ୍ଟି କରି ଯାଇଛନ୍ତି, ବିଜେପି କର୍ମୀ ଓ ନେତାମାନେ ତାହାର ଅନୁସରଣ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ । ଭାରତ ସମେତ ଓଡ଼ିଶାର ବିକାଶ ପାଇଁ ବିଜେପି କର୍ମୀ ଓ ନେତାମାନେ ଜନସାଧାରଣଙ୍କର ସେବା ପାଇଁ ଆଗେଇ ଆସିବା ଉଚିତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

### ଯୁଗପୁରୁଷ ଶ୍ରଦ୍ଧେୟ ଅଶୋକ ସିଂଘଲ ଜୀଙ୍କ ଜନ୍ମ ଶତବର୍ଷ

# ରାଷ୍ଟ୍ର ନିର୍ମାଣ ପ୍ରତି ସମର୍ପିତ ଜଣେ ମହାପୁରୁଷ

**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ଖୁବ୍ ସୁନ୍ଦର ଉକ୍ତିଟିଏ ଅଛି, ବୃକ୍ଷ କବହୁଁ ନହିଁ ଫଲ ଭଖେଁ, ନଦୀ ନ ସଂଚୈ ନୀର୍ । ପରମାରଥ କେ କାରନେ, ସାଧୁନ ଧରା ଶରୀର । ଏହାର ଅର୍ଥ ହେଉଛି ଗଛ କେବେ ବି ନିଜ ଫଳ ନିଜେ ଖାଏ ନାହିଁ । ନଦୀ ନିଜ ପାଖରେ ନିଜର ଜଳ ରଖିପାରେ ନାହିଁ । ଠିକ୍ ସେହିପରି ସନ୍ଥ ସ୍ୱଭାବର ଲୋକମାନେ ମଧ୍ୟ ନିଜ ସ୍ୱାର୍ଥକୁ ପ୍ରାଥମିକତା ନଦେଇ ସବୁବେଳେ ଅନ୍ୟମାନଙ୍କ ସେବା ଲାଗି ତତ୍ପର ରହିଥା'ନ୍ତି । ସେମାନେ ନିଜ ଜୀବନକୁ ଲୋକ କଲ୍ୟାଣ ପାଇଁ ସମର୍ପି ଦିଅନ୍ତି । ଶହ ଶହ ବର୍ଷ ଧରି ଆମର ମହାପୁରୁଷମାନେ ଆମକୁ ଶିଖାଇଛନ୍ତି ଯେ ମାନବତାର କଲ୍ୟାଣ ପାଇଁ ସମର୍ପିତ ଜୀବନର ମହତ୍ତ୍ୱ ବ୍ୟକ୍ତିଗତ ଉପଲବ୍ଧି ଠାରୁ ଢେର୍ ଅଧିକ ହୋଇଥାଏ । ଶ୍ରଦ୍ଧେୟ ଅଶୋକ ସିଂଘଲ ଜୀଙ୍କ ଜୀବନ ଏହି ଭାବନାର ପୁଣ୍ୟ ଉଦାହରଣ ।

୨୭ ଡିସେମ୍ବର ଠାରୁ ଆମେ ସ୍ୱର୍ଗତ ଅଶୋକ ସିଂଘଲ ଜୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବାକୁ ଯାଉଛୁ । ଜଣେ ମହାପୁରୁଷଙ୍କୁ ସମ୍ମାନ ଜଣାଇବା ଲାଗି ଏହା ଏକ ସୁଅବସର । ସେ ଆଧ୍ୟାତ୍ମିକ ସାଧନା, ସାଂସ୍କୃତିକ ଜାଗରଣ ଏବଂ ଅନେକ ଦଶନ୍ଧି ଧରି ସମର୍ପିତ ଭାବନା ନେଇ ସମାଜ ଏବଂ ସଂଗଠନର କାମ ଆଗକୁ ବଢାଇଥିଲେ ।

ସ୍ୱର୍ଗୀୟ ଅଶୋକ ଜୀଙ୍କ ସହିତ ଦୀର୍ଘ ସମୟ ଧରି କାମ କରିବା, ତାଙ୍କ ଠାରୁ ଶିଖିବା, ତାଙ୍କ ସହ କଥା ହେବା ଏବଂ ତାଙ୍କ ଠାରୁ ସ୍ନେହ ପାଇବାର ସୌଭାଗ୍ୟ ମୋତେ ମିଳିଥିଲା । ୧୯୮୧ର ଗୋଟିଏ ଘଟଣା ମୋର ମନେ ପଡୁଛି । ସେତେବେଳେ ମୁଁ ଜଣେ ଯୁବ କାର୍ଯ୍ୟକର୍ତ୍ତା ଭାବେ ସଂଗଠନରୁ ମିଳିଥିବା ଦାୟିତ୍ୱ ନିର୍ବାହ କରୁଥିଲି । ସେତେବେଳେ ଅଶୋକ ଜୀ ମୋତେ ଗୋଟିଏ ପତ୍ର ଲେଖିଥିଲେ । ସେହି ପତ୍ରରେ ସେ ଆଗକୁ ଆସୁଥିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ଏବଂ ମୋତେ କିଛି ଦାୟିତ୍ୱ ଅର୍ପଣ କରିଥିଲେ । ସେତେବେଳେ ଅଶୋକ ସିଂଘଲଙ୍କ ଠାରୁ ପତ୍ର ପାଇବା ମୋ ପାଇଁ ଏକ ବିଶେଷ ସ୍ମରଣୀୟ ଘଟଣା ଥିଲା ।

ମୁଁ ତାଙ୍କୁ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଦିନ ରାତି କାମ କରୁଥିବାର ଦେଖିଛି । ସେ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଲମ୍ବା ଏବଂ କଠିନ ଯାତ୍ରା କରୁଥିଲେ । ଗୁଜରାଟର ଆଦିବାସୀ ଅଞ୍ଚଳକୁ ଯିବା ପାଇଁ ସେ ବେଶୀ ଭଲ ପାଉଥିଲେ । ସମାଜର ବଞ୍ଚିତ ଏବଂ ଅନ୍ତିମ ଧାଡ଼ିରେ ଛିଡ଼ା ହୋଇଥିବା ଲୋକଙ୍କ କଲ୍ୟାଣ ପାଇଁ କ'ଣ କରାଯାଇପାରିବ ତା'କୁ ନେଇ ସେ ସବୁବେଳେ ଚିନ୍ତା କରୁଥିଲେ । ଦେଶରେ କେବେ କୌଣସି ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ, ଅଶୋକ ସିଂଘଲ ଜୀ ସବୁବେଳେ ସେଠାରେ ପହଞ୍ଚି ଯାଉଥିବା ଏବଂ ପ୍ରଭାବିତ ଲୋକଙ୍କ ସହାୟତା କରୁଥିବା କାର୍ଯ୍ୟକର୍ତ୍ତାମାନଙ୍କର ମାର୍ଗଦର୍ଶନ କରୁଥିଲେ । ୨୦୦୧ରେ କଚ୍ଛରେ ଆସିଥିବା ଭୂମିକମ୍ପ ପରେ ତାଙ୍କ ସହିତ ମୋର ଅନୁଭୂତି ଅବିସ୍ମରଣୀୟ ଥିଲା ।

ଆଦରଣୀୟ ଅଶୋକ ଜୀ ଅତ୍ୟନ୍ତ ପ୍ରତିଷ୍ଠିତ ଏବଂ ସମୃଦ୍ଧ ପରିବାରରୁ ଆସିଥିଲେ । ତାଙ୍କ ପିତା ଶ୍ରୀ ମହାବୀର ଜୀଙ୍କର ଜଣେ ପ୍ରଶାସକ ରୂପେ ସ୍ୱତନ୍ତ୍ର ପରିଚୟ ରହିଥିଲା । ତାଙ୍କର ଜଣେ ଭାଇ ଶ୍ରୀ ବି.ପି. ସିଂଘଲ ଜୀ ପୁଲିସ ଅଧିକାରୀ ଥିଲେ ଏବଂ ପରେ ସାଂସଦ ମଧ୍ୟ ହୋଇଥିଲେ । ଆଉ ଜଣେ ଭାଇ ଶ୍ରୀ ଭି.ପି ସିଂଘଲ ନୂଆ ରାଜ୍ୟ ଭାବେ ତ୍ରିପୁରାର ଗଠନ ହେବା ପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ହୋଇଥିଲେ । ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ବାଣିଜ୍ୟ ଏବଂ କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିଲେ । କିନ୍ତୁ ଆରମ୍ଭରୁ ଅଶୋକ ସିଂଘଲ ଜୀଙ୍କର ଅନ୍ୟ କ୍ଷେତ୍ରରେ ରୁଚି ରହିଥିଲା । ଖୁବ୍ କମ୍ ବୟସରୁ ଅଶୋକ ସିଂଘଲ ଜୀଙ୍କ ଠାରେ ଅନ୍ୟମାନଙ୍କ ପ୍ରତି କରୁଣା ଓ ସେବାର ଅଦ୍ଭୂତ ଭାବନା ଦେଖିବାକୁ ମିଳୁଥିଲା । ସେ ଚାହୁଁଥିଲେ ଭାରତର ପୁନରୁତ୍ଥାନ । ମା' ଭାରତୀର ସନ୍ତାନମାନେ ଗୌରବଶାଳୀ ଉପଲବ୍ଧି ହାସଲ କରନ୍ତୁ ବୋଲି ତାଙ୍କ ମନରେ ଇଚ୍ଛା ରହିଥିଲା । ପ୍ରୟାଗରାଜରେ ବାଲ୍ୟକାଳ କଟାଇଥିବା ଅଶୋକ ଜୀ ଅନେକ ସମୟ ସଂଗମ ତଟରେ ବସି ବିତାଉଥିଲେ । ନଦୀ ପ୍ରତି ତାଙ୍କର ସ୍ୱାଭାବିକ ଆକର୍ଷଣ ରହିଥିଲା । ସେଠାକୁ ଆସୁଥିବା ସାଧୁ–ସନ୍ଥ ଏବଂ ଶ୍ରଦ୍ଧାଳୁଙ୍କ ପ୍ରତି ମଧ୍ୟ ତାଙ୍କର ବହୁତ ଆତ୍ମୀୟ ଭାବନା ରହିଥିଲା । ଏହାଦ୍ୱାରା ଭାରତର ସାଂସ୍କୃତିକ ପରମ୍ପରା ବିଷୟରେ ତାଙ୍କର ଜ୍ଞାନ ବୃଦ୍ଧି ହୋଇଥିଲା । ଏହାଦ୍ୱାରା ସମାଜ ପାଇଁ କିଛି କରିବା ଲାଗି ତାଙ୍କର ସଂକଳ୍ପ ଆହୁରି ଦୃଢ ହୋଇଥିଲା । ଅନ୍ୟମାନଙ୍କ ପାଇଁ ବଞ୍ଚିବାର ଏକ ଆଗ୍ରହ ତାଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ନେଇ ଆସିଥିଲା । ତାଙ୍କୁ ଯେଉଁ ଦାୟିତ୍ୱ ମିଳିଲା, ତା'କୁ ସେ ସମ୍ପୂର୍ଣ୍ଣ ଉତ୍ସାହ, ଶୃଙ୍ଖଳା ଏବଂ ନିଷ୍ଠାର ସହିତ ନିର୍ବାହ କରିଥିଲେ ।

ଶ୍ରୀ ଅଶୋକ ସିଂଘଲ ଜୀ ନିଜର ନିରନ୍ତର ପ୍ରୟାସ ଏବଂ କଠିନ ପରିଶ୍ରମ ବଳରେ ଅନେକ ସଂସ୍ଥା ଓ ଆନ୍ଦୋଳନକୁ ମଜବୁତ କରିଥିଲେ । ନିଜର ଓଜସ୍ୱୀ ବାଣୀ ଏବଂ ଅଦ୍ଭୂତ ଅଭିବ୍ୟକ୍ତି ଶୈଳୀ ବଳରେ ସେ ସମ୍ପୂର୍ଣ୍ଣ ସଭାକୁ ମନ୍ତ୍ରମୁଗ୍ଧ କରି ଦେଉଥିଲେ । ନିଜର ସାଥୀ କାର୍ଯ୍ୟକର୍ତ୍ତାଙ୍କୁ ସେ ଅଧିକ ସ୍ନେହ କରୁଥିଲେ । ତାଙ୍କ ସଂସ୍ପର୍ଶରେ ଆସୁଥିବା ଲୋକମାନେ ତାଙ୍କର ସରଳତା ଦ୍ୱାରା ବିଶେଷ ପ୍ରଭାବିତ ହେଉଥିଲେ । ସନ୍ଥ ସମାଜ ସହିତ ତାଙ୍କର ସମ୍ପର୍କ ବହୁତ ପ୍ରଗାଢ ଥିଲା । ସାରା ଦେଶରେ ସାଧୁ–ସନ୍ଥଙ୍କ ମଧ୍ୟରେ ତାଙ୍କର ଯଥେଷ୍ଟ ସମ୍ମାନ ଥିଲା । ସନ୍ଥମାନେ ତାଙ୍କର ପରାମର୍ଶକୁ ଗୁରୁତ୍ୱ ଦେଉଥିଲେ ଏବଂ ତାଙ୍କ କଥାକୁ ସମ୍ପୂର୍ଣ୍ଣ ଆଦର ସହକାରେ ଶୁଣୁଥିଲେ ।

ମୋର ଦୁଇଟି ଘଟଣା ମନେ ପଡୁଛି, ଯେଉଁଥିରୁ ଶ୍ରୀ ଅଶୋକ ସିଂଘଲଙ୍କ ବିରାଟ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ପ୍ରଥମ ଘଟଣାଟି ୧୯୯୩ ମସିହାର । ବିଶ୍ୱ ହିନ୍ଦୁ ପରିଷଦ ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋ ଅଭିଭାଷଣର ୧୦୦ ବର୍ଷ ପୂରଣ ହେବା ଉପଲକ୍ଷେ ଆମେରିକାରେ ଗୋଟିଏ ସମ୍ମିଳନୀ ଆୟୋଜନ କରିଥିଲା । ବିଦେଶରେ ଏପରି ଭବ୍ୟ ସମ୍ମିଳନୀର ଦୂରଦୃଷ୍ଟି, ଯୋଜନା, ପ୍ରସ୍ତୁତି ଏବଂ ବିଭିନ୍ନ ସଂଗଠନକୁ ଗୋଟିଏ ମଞ୍ଚରେ ଏକାଠି କରିବାର ଭଗୀରଥ ପ୍ରୟାସ ଶ୍ରୀ ଅଶୋକ ଜୀଙ୍କ ଅସାଧାରଣ ସାଂଗଠନିକ କୌଶଳର ପରିଚୟ ଦେଇଥିଲା ।

ଆଉ ଗୋଟିଏ ଘଟଣା ୨୦୦୦ ମସିହାର । ସେତେବେଳେ ତ୍ରିନିଦାଦ ଓ ଟୋବାଗୋର ପୋର୍ଟ ଅଫ୍ ସ୍ପେନ୍ ଠାରେ ବିଶ୍ୱ ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସେତେବେଳେ ମୁଁ ମଧ୍ୟ ସେଠାରେ ଥିଲି । ଅଶୋକ ସିଂଘଲ ଜୀଙ୍କ ଉପସ୍ଥିତି ଅନ୍ୟ ପ୍ରତିନିଧିମାନଙ୍କୁ କେତେ ଉତ୍ସାହିତ କରୁଥିଲା ତାହା ମୁଁ ପ୍ରତ୍ୟକ୍ଷ ଭାବେ ଦେଖିଥିଲି । ମୋ ଉଦବୋଧନ ପରେ ସେ ଯେପରି ଭାବେ ମୋତେ ପ୍ରଶଂସା କରିଥିଲେ, ତାହା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣତାପୂର୍ଣ୍ଣ ଅନୁଭୂତି ଥିଲା । ତାଙ୍କ ପ୍ରୋତ୍ସାହନ କିଭଳି ଭାବେ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଭିତରେ ଉତ୍ସାହ ଭରି ଦେଇଥାଏ ତାହା ମୁଁ ପୁଣିଥରେ ଅନୁଭବ କରିପାରିଥିଲି ।



ରାମ ଜନ୍ମଭୂମି ଆନ୍ଦୋଳନରେ ଶ୍ରୀ ଅଶୋକ ସିଂଘଲ ଜୀଙ୍କ ଐତିହାସିକ ଭୂମିକାକୁ ସ୍ମରଣ ନକଲେ ତାଙ୍କ ବିଷୟରେ କୌଣସି ଆଲୋଚନା ଅପୂର୍ଣ୍ଣ ରହିଯିବ । ୧୯୯୧ର ବୋଟ୍ କ୍ଲବ୍ ଶୋଭାଯାତ୍ରାରେ ସେ ଦେଇଥିବା ଓଜସ୍ୱୀ ସମ୍ବୋଧନକୁ କିଏ ଭୁଲି ପାରିବ? ଆହୁରି, ଆନ୍ଦୋଳନ ଚରମ ସ୍ଥିତିରେ ପହଞ୍ଚିବା ସମୟରେ ଲହୁଲୁହାଣ ଏବଂ ଆହତ ଅବସ୍ଥାରେ ଅଶୋକ ଜୀଙ୍କ ସେହି ଐତିହାସିକ ଫଟୋଚିତ୍ରର ସ୍ମୃତିକୁ ପ୍ରାୟତଃ ସମସ୍ତେ ମନେ ରଖିଥିବେ । ଆଜି ଅଯୋଧ୍ୟାରେ ଯେଉଁ ଭବ୍ୟ ରାମ ମନ୍ଦିର ରହିଛି ତା' ପଛରେ ଅଶୋକ ଜୀଙ୍କ ଭଳି ମହାପୁରୁଷଙ୍କର ନିଃସ୍ୱାର୍ଥପର ସମର୍ପଣ ରହିଛି, ଯାହାକୁ ସାକାର କରିବା ଲାଗି ସେ ନିଜ ଜୀବନକୁ ସମ୍ପୂର୍ଣ୍ଣ ସମର୍ପି ଦେଇଥିଲେ । ଆଜି ଯଦି ଅଶୋକ ଜୀ ଆମ ଗହଣରେ ଥାଆନ୍ତେ' ତା'ହେଲେ ଅଯୋଧ୍ୟାରେ ରାମ ମନ୍ଦିର ଦେଖି ସେ ସବୁଠୁ ଅଧିକ ଭାବପ୍ରବଣ ଏବଂ ପ୍ରସନ୍ନ ହୋଇଥା'ନ୍ତେ ।

ସ୍ୱର୍ଗୀୟ ଅଶୋକ ସିଂଘଲ ଜୀଙ୍କ ବିଚାର ଅତ୍ୟନ୍ତ ସ୍ପଷ୍ଟ ଥିଲା । ସମାଜରେ ସଂହତି ସହିତ ଭ୍ରାତୃତ୍ୱ ଭାବର ବାର୍ତ୍ତା ମଜବୁତ ହେବା ଉଚିତ ବୋଲି ସେ ବିବେଚନା କରୁଥିଲେ । ସେ ସାମାଜିକ ଏକତା ଏବଂ ସମାନତା ପାଇଁ ନିରନ୍ତର କାମ କରିଥିଲେ । ସମାଜରେ କୌଣସି ପ୍ରକାରର ଭେଦଭାବ ରହିବା ଉଚିତ ନୁହେଁ ବୋଲି ତାଙ୍କର ସ୍ପଷ୍ଟ ମତ ଥିଲା । ପ୍ରତ୍ୟେକ ବ୍ୟକ୍ତି ସମାନ ଗରିମା ଏବଂ ସମ୍ମାନର ହକଦାର ଅଟନ୍ତି । ଏହି କାରଣରୁ ସେ ଅଯୋଧ୍ୟା ରାମ ମନ୍ଦିରର ପ୍ରଥମ ଇଟା ରଖିବାକୁ ନେଇ ନିଜର ବିଚାରକୁ ଖୁବ୍ ସ୍ପଷ୍ଟ ଭାବେ ରଖିଥିଲେ । ସେ ହିଁ କହିଥିଲେ ଯେ ଏହି ପୁଣ୍ୟ କାର୍ଯ୍ୟ ବିହାରର ଜଣେ ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ଏବଂ ବଞ୍ଚିତ ବର୍ଗର ପ୍ରତିନିଧିତ୍ୱ କରୁଥିବା କାମେଶ୍ୱର ଚୌପାଲଙ୍କ ହାତରେ ହେବା ଉଚିତ । କାଶୀରେ ଗୋଟିଏ ଧର୍ମ ସଂସଦ ସମୟରେ ସେ ଡୋମ ରାଜାଙ୍କୁ ସମ୍ମାନିତ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ଅନେକ ସାମାଜିକ ଅଭିଯାନରେ ତାଙ୍କ ସହ ମିଶି କାମ କରିଥିଲେ ।

ରାଷ୍ଟ୍ର ନିର୍ମାଣ ସହ ଶ୍ରୀ ଅଶୋକ ସିଂଘଲ ଜୀଙ୍କ ଏପରି ଦୁଇଟି ପ୍ରିୟ କ୍ଷେତ୍ର ଥିଲା ଯାହା ତାଙ୍କ ହୃଦୟର ଅତି ନିକଟତର ଥିଲା । ଶିକ୍ଷା, ବିଶେଷ କରି ବୈଦିକ ଶିକ୍ଷା ଏବଂ ସଂଗୀତ, ଏହି ଦୁଇଟି କ୍ଷେତ୍ର ପ୍ରତି ତାଙ୍କର ଗଭୀର ରୁଚି ରହିଥିଲା ଛ ମୁଁ ଯେଉଁ କ୍ଷେତ୍ରର ପ୍ରତିନିଧିତ୍ୱ କରୁଛି ସେହି ଶାଶ୍ୱତ କାଶୀ ଶ୍ରୀ ଅଶୋକ ସିଂଘଲ ଜୀଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ବାରାଣସୀର ସାଂସଦ ଭାବେ ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ।ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିଲେ ଏବଂ ସେ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ । ସେ ଏକଲ ବିଦ୍ୟାଳୟ କାର୍ଯ୍ୟକ୍ରମ ସହ ଗଭୀର ଭାବେ ଜଡ଼ିତ ଥିଲେ । ଏହା ଉପାନ୍ତ ଗାଁ, ବିଶେଷ କରି ଜନଜାତି ସମ୍ପ୍ରଦାୟ ନିକଟରେ ମୌଳିକ ଶିକ୍ଷା ପହଞ୍ଚାଇବାରେ ସହାୟକ ହୋଇଥିଲା । ସେ ଜଣେ ଭଲ ପାଠକ ଏବଂ ଶ୍ରୋତା ମଧ୍ୟ ଥିଲେ । ସେ ଯୁବ କାର୍ଯ୍ୟକର୍ତ୍ତାମାନଙ୍କୁ ସବୁବେଳେ ପୁସ୍ତକ ପିବା ଲାଗି ଅନୁପ୍ରାଣିତ କରୁଥିଲେ ।

ଅଶୋକ ଜୀ କେତେ ସୁନ୍ଦର ଗୀତ ଗାଉଥିଲେ ତାହା ତାଙ୍କୁ ଅତି ନିକଟରୁ ଜାଣିଥିବା ଲୋକମାନେ କହିପାରିବେ । ନାଗପୁରରେ ଅନୁଷ୍ଠିତ ବୈଠକଗୁଡ଼ିକ ବିଷୟରେ ମୋର ମନେ ରହିଛି ଯେଉଁଥିରେ ସେ 'ଏକକ ସଙ୍ଗୀତ' ଗାଉଥିଲେ । ତାଙ୍କର ଗାୟନଶୈଳୀ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା ଏବଂ ସମ୍ପୂର୍ଣ୍ଣ ବୈଠକରେ ନୂତନ ଉତ୍ସାହ ଭରି ଦେଉଥିଲା । ୨୦୧୫ରେ ତାଙ୍କର ୯୦ତମ ଜୟନ୍ତୀ ସମାରୋହରେ ଗୋଟିଏ ଭିଡ଼ିଓ ଖୁବ୍ ଭାଇରାଲ୍ ହୋଇଥିଲା, ଯେଉଁଥିରେ ସେ 'ହେ ମାତୃଭୂମି ମୋର, ହେ ପିତୃଭୂମି ମୋର' ଗାଇ ସମସ୍ତଙ୍କୁ ଚମତ୍କୃତ କରି ଦେଉଥିଲେ ।

ସ୍ୱର୍ଗତ ଅଶୋକ ସିଂଘଲ ଜୀ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏହି ମହାନ ରାଷ୍ଟ୍ରର ଉତ୍କର୍ଷ ପାଇଁ ସ୍ୱପ୍ନ ଦେଖୁଥିଲେ । ତାଙ୍କ ଆଦର୍ଶରୁ ଆଜି ମଧ୍ୟ ଆମକୁ ପ୍ରେରଣା ମିଳିଥାଏ । ତାଙ୍କର ଜନ୍ମ ଶତବାର୍ଷିକୀର ଏହି ପବିତ୍ର ଅବସରରେ, ଅଧିକରୁ ଅଧିକ ଯୁବପିଢି କିଭଳି ତାଙ୍କର ବିଶାଳ ବ୍ୟକ୍ତିତ୍ୱ ଏବଂ ମହାନତା ସହ ପରିଚିତ ହୁଅନ୍ତୁ, ସେଥିପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ । ଆସନ୍ତୁ, ଆମେ ଆମ ରାଷ୍ଟ୍ର ଓ ଦେଶବାସୀଙ୍କ ପାଇଁ ଅଶୋକ ସିଂଘଲ ଜୀଙ୍କ ସ୍ୱପ୍ନକୁ ସାକାର କରିବାର ସଂକଳ୍ପକୁ ପୁଣିଥରେ ଦୋହରାଇବା

* * *

# ଆଧୁନିକ ଭାରତର ପ୍ରଯୁକ୍ତି ବିଦ୍ୟାରେ ଅର୍ଦ୍ଧପରିବାହୀ ଶିଳ୍ପ



**ଡ. ସଂଗ୍ରାମ କିଶୋର ମହାନ୍ତି**

ପୃଥିବୀର ସଭ୍ୟତା ପ୍ରାଚୀନ ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ବର୍ତ୍ତମାନ ଏଆଇ ଯୁଗରେ ପହଞ୍ଚିଲାଣି । ନିକଟରେ ଓଡ଼ିଶାରେ ଅର୍ଦ୍ଧପରିବାହୀ (ସେମିକଣ୍ଡକ୍ଟର) ଚିପ୍ ଉତ୍ପାଦନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି । ଏଥିପାଇଁ କଟକର ନରାଜଠାରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେଲାଣି । ଅର୍ଦ୍ଧପରିବାହୀ ଶିଳ୍ପ ଏବଂ ମାଇକ୍ରୋଚିପ୍ ଉତ୍ପାଦନ ନିଶ୍ଚିତ ଭାବେ ଏବେ ପ୍ରଯୁକ୍ତି ନିର୍ଭର ଅର୍ଥନୀତିର ମେରୁଦଣ୍ଡ ହେବାକୁ ଯାଉଛି ।

ଆଧୁନିକ ସଭ୍ୟତାର ଗତି ଏବେ ପ୍ରଯୁକ୍ତିର ଗତି ସହିତ ସମାନୁପାତିକ । ଆମ ହାତରେ ଥିବା ସ୍ମାର୍ଟ ଫୋନ୍‌ଠାରୁ ଆରମ୍ଭ କରି ଟେଲିଭିଜନ, କମ୍ପ୍ୟୁଟର, ଯାନ, ଚିକିତ୍ସା ଯନ୍ତ୍ର, ଶିଳ୍ପ ରୋବଟ୍, କୋବର୍ଟ ଓ ଉପଗ୍ରହ ପ୍ରତ୍ୟେକଟିର ଉତ୍ପାଦନ ପଛରେ ରହିଛି ଏକ ଛୋଟ କିନ୍ତୁ ଶକ୍ତିଶାଳୀ ସେମିକଣ୍ଡକ୍ଟର ଚିପ୍ । ଏପରିକି କୃତ୍ରିମ ବୁଦ୍ଧିମତା ରୋବୋଟିକ୍ସ, ଡାଟା ସେଣ୍ଟର, ୫ଜି ଯୋଗାଯୋଗ ଓ ଇଲେକ୍ଟ୍ରିକ୍ ଯାନ ଭଳି ନୂତନ ପ୍ରଯୁକ୍ତିରେ ମଧ୍ୟ ଏହାର ବ୍ୟବହାର କରାଯାଉଛି । କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ସିଲିକନ୍ (ରାସାୟନିକ ପଦାର୍ଥ) ଚିପ୍ ପ୍ରୋସେସର ଏ.ଆଇ ମଡ଼େଲଗୁଡ଼ିକୁ ଚଲାଇବା ପାଇଁ ଆବଶ୍ୟକ ଶକ୍ତିଶାଳୀ ହାର୍ଡ୍‌ୱେର ଯୋଗାଇ ଥାଏ । ଏଠାରେ ବୁଝିବାକୁ ପଡ଼ିବ ଯେ ସିଲିକନ୍ ଏକ ପ୍ରାକୃତିକ ରାସାୟନିକ ପଦାର୍ଥ ଯାହାକି ଅର୍ଦ୍ଧପରିବାହୀ । ଏଥିପାଇଁ ଭାରତୀୟ ଦର୍ଶନ ଶାସ୍ତ୍ର ଋଗ୍‌ବେଦ ଓ ଅଥର୍ବ ବେଦରେ ବିଭିନ୍ନ ଧାତୁ ଏବଂ ମିଶ୍ରଧାତୁର ନିଷ୍କାସନ ଓ ଶୁଦ୍ଧିକରଣ ପ୍ରକ୍ରିୟା ବିଷୟରେ ବର୍ଣ୍ଣନା କରାଯାଇଛି । ବୈଦିକ କାରିଗରମାନେ ଏକାଧିକ ଧାତୁର ମିଶ୍ରଣରେ ଏକ ଶକ୍ତ ଓ ସ୍ଥାୟୀ ଧାତୁ ତିଆରିରେ ପାରଦର୍ଶୀ ଥିଲେ ।

ଅତୀତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍, କାରବନ୍ ଷ୍ଟିଲ୍ ଇତ୍ୟାଦି ଅନେକ ମିଶ୍ରଧାତୁ (ଆଲଏ) ତିଆରି କରାଯାଇଛି । ଏବେ ବ୍ୟବହାର କରାଯାଉଥିବା ଚାଟ୍ ଜିପିଟି କିମ୍ବା କୌଣସି ଏଆଇ ସଫ୍ଟୱେର ସିଲିକନ୍ ଚିପ୍ ବିନା କାମ କରିପାରିବ ନାହିଁ । ଏହି ଚିପ୍‌ଗୁଡ଼ିକ ହିଁ ଏଆଇର ମସ୍ତିଷ୍କ। ସିଲିକନ୍ ଭ୍ୟାଲି ସ୍ଥାନଟି ଆମେରିକାର ଏଆଇ ଗବେଷଣାର ସବୁଠାରୁ ବଡ଼ କେନ୍ଦ୍ର । ସୁତରାଂ ସିଲିକନ୍ ଏ.ଆଇକୁ ଚଳାଉଥିବା ଏକ ଶକ୍ତିଶାଳୀ ହାର୍ଡୱେର୍ ବା ଚିପ୍ । ତେବେ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ବିପୁଳ ପୁଞ୍ଜି, ଉନ୍ନତ ପ୍ରଯୁକ୍ତି, ଦକ୍ଷ ମାନବ ସମ୍ବଳ, ନିରବଚ୍ଛିନ୍ନ ବିଦ୍ୟୁତ ଓ ଉଚ୍ଚମାନର ଭିତ୍ତିଭୂମି ଆବଶ୍ୟକ ।

ଆଜିର ବିଶ୍ୱରେ ଏହା କେବଳ ଶିଳ୍ପ ଉତ୍ପାଦନ ନୁହେଁ ବରଂ ଦେଶର ଅର୍ଥନୀତି ପ୍ରଯୁକ୍ତିର ଏକ ମୁଖ୍ୟ ଆଧାର । ସେମିକଣ୍ଡକ୍ଟରର ଚାହିଦା ଏଆଇ, କ୍ଲାଉଡ୍ କମ୍ପ୍ୟୁଟିଂ ଇଣ୍ଟରନେଟ୍ ଅଫ ଥିଙ୍ଗସ୍, ଆଦି ସ୍ମାର୍ଟ ଡ଼ିଭାଇସ୍‌ର ପ୍ରସାର ଫଳରେ ଅଧିକ ଉନ୍ନତ ଚିପ୍‌ର ଆବଶ୍ୟକତା ସୃଷ୍ଟି କରି ପାରିଛି । ଇଲେକ୍ଟ୍ରିକ୍ ଯାନରେ ବ୍ୟାଟେରୀ ପରିଚାଳନା, ମୋଟର ନିୟନ୍ତ୍ରଣ, ସୁରକ୍ଷା ଆଦି ବ୍ୟବସ୍ଥାରେ ମଧ୍ୟ ବହୁ ପ୍ରକାର ଚିପ୍‌ର ଆବଶ୍ୟକତା ରହିଛି । ତେବେ ସେମିକଣ୍ଡକ୍ଟର ଶିଳ୍ପର ବିକାଶ କେବଳ ଚିପ୍ ତିଆରିରେ ସୀମିତ ନୁହେଁ । ଏହା ସହିତ ଡିଜାଇନ୍, ଗବେଷଣା, ଉତ୍ପାଦନ, ପ୍ୟାକେଜିଂ, ପରୀକ୍ଷଣ, ଯନ୍ତ୍ରପାତି, ରାସାୟନିକ ଉପାଦାନ, ସଫ୍ଟୱେର ଓ ଲଜିଷ୍ଟିକ୍ସ ଇତ୍ୟାଦିର ଏକ ବିଶାଳ ଶିଳ୍ପ ଶୃଙ୍ଖଳ ଜଡିତ ରହିଛି, ଯାହାକୁ ସରକାର ଦୃଷ୍ଟି ଦେବା ଅତି ଆବଶ୍ୟକ । ଏଥିପାଇଁ ଗୋଟିଏ ସେମିକଣ୍ଡକ୍ଟର ତିଆରି କାରଖାନା ପ୍ରତିଷ୍ଠା ହେଲେ ତାହାର ପ୍ରଭାବ ଅନେକ ସହଯୋଗୀ ଶିଳ୍ପ ଉପରେ ପଡ଼ିଥାଏ । ନୂତନ ଉଦ୍ୟୋଗ ଯୋଗାଣକାରୀ ସଂସ୍ଥା, ପ୍ରଶିକ୍ଷଣ କେନ୍ଦ୍ର ଓ ଗବେଷଣା ସଂସ୍ଥା ଗଢିଉଠିବାର ସୁଯୋଗ ମିଳେ ।

ଆମ ଦେଶରେ ଏକ ବିଶାଳ (୧୪୦ କୋଟି) ଉପଭୋକ୍ତା ବଜାର ସହିତ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ରହିଛି । ଏହି ସୁବିଧାକୁ ଆଧାର କରି ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ ପ୍ରୟାସ ସରକାରଙ୍କର ଏକ ଯୁଗପୋଯୋଗୀ ପଦକ୍ଷେପ । ଏହାଦ୍ୱାରା ଦେଶରେ ଇଲୋକ୍ଟ୍ରୋନିକ୍ସ ଅଟୋମୋବାଇଲ୍ ଟେଲିକମ୍, ରକ୍ଷା ପ୍ରଯୁକ୍ତି ଓ ଅନ୍ୟାନ୍ୟ ଶିଳ୍ପକୁ ମଧ୍ୟ ସୁଦୃଢ କରିବାର ସୁଯୋଗ ସୃଷ୍ଟି ହେବ । ଏହା ଦ୍ୱାରା ଦେଶର ପ୍ରଯୁକ୍ତିଗତ କ୍ଷମତା ଓ ଶିଳ୍ପୀୟ ସ୍ୱାବଲମ୍ବନ ବଢାଇବାରେ ବଡ଼ ଭୂମିକା ନିର୍ବାହ କରିବେ ।

ଓଡ଼ିଶା ଖଣିଜ ସମ୍ପଦ, ଜଳ ସମ୍ପଦ କ୍ଷେତ୍ରରେ ଏକ ପ୍ରମୁଖ ରାଜ୍ୟ । ଏଠାରେ ଭିତ୍ତିଭୂମି ଯଥା– ବନ୍ଦର, ବିଦ୍ୟୁତ୍, ଦକ୍ଷମାନବ ସମ୍ବଳ ଭଳି ଅନେକ ସୁବିଧା ରହିଛି । ଏଗୁଡ଼ିକ ଏହି ଶିଳ୍ପପାଇଁ ଅନୁକୂଳ ହେବ । ଏଥିପାଇଁ ବିଶ୍ୱବିଦ୍ୟାଳୟ ଓ ପ୍ରଯୁକ୍ତି ଶିକ୍ଷାନୁଷ୍ଠାନଗୁଡ଼ିକରେ ଚିପ୍ ଡିଜାଇନ୍, ମାଇକ୍ରୋ ଇଲୋକ୍ଟ୍ରୋନିକ୍ସ ଓ ଆଧୁନିକ ଉତ୍ପାଦନ ପ୍ରଯୁକ୍ତି ସମ୍ପର୍କିତ ଦକ୍ଷତା ବିକାଶ କରାଯିବା ହେଉଛି ଏକ ଆହ୍ୱାନ । ସେମିକଣ୍ଡକ୍ଟର ଶିଳ୍ପ ଅତ୍ୟନ୍ତ ପୁଞ୍ଜିନିବେଶ ନିର୍ଭରଶୀଳ ଓ ପ୍ରଯୁକ୍ତିକେନ୍ଦ୍ରିକ । ଏଥିପାଇଁ ବିପୁଳ ଅର୍ଥ, ଉନ୍ନତ ଯନ୍ତ୍ରପାତି ଓ ଅତ୍ୟନ୍ତ ନିୟନ୍ତ୍ରିତ ପରିବେଶ, ଦକ୍ଷ ପ୍ରଯୁକ୍ତିବିତ୍ ଓ ଇଞ୍ଜିନିୟର ଆବଶ୍ୟକ ।

ଏକ ଦୀର୍ଘମିଆଦି ଯୋଜନା, ନୀତି, ନିବେଶ, ସହଯୋଗ ଓ ଗବେଷଣାକୁ ଗୁରୁତ୍ୱ ଦିଆଯିବା ଦରକାର । ଆଗାମୀ ଦିନରେ ଏଆଇ, ରୋବୋଟିକ୍ସ, ସ୍ମାର୍ଟ ସହର, ନବୀକରଣୀୟ ଶକ୍ତି ଓ ଡ଼ିଜିଟାଲ ସେବାର ବିସ୍ତାର ଏହାର ପ୍ରମୁଖ ସୁଯୋଗ । ଯେଉଁ ଦେଶ ଏଥିରେ ସ୍ୱାବଲମ୍ବନଶୀଳ ହୋଇପାରିବ ସେହି ଦେଶର ଶିଳ୍ପ ଓ ପ୍ରଯୁକ୍ତି କ୍ଷେତ୍ର ସୁଦୃଢ ହେବ ।

ଆଜିର ଡିଜିଟାଲ ଯୁଗରେ ସେମିକଣ୍ଡକ୍ଟର ହେଉଛି ଏକ ମୌଳିକ ଆବଶ୍ୟକତା ଆଗାମୀ ପିଢି ପାଇଁ । ଏହାର ଚାହିଦା କେବଳ ଇଲୋକ୍ଟ୍ରୋନିକ୍ସ ଶିଳ୍ପ ପାଇଁ ନୁହେଁ ବରଂ ସମଗ୍ର ଶିଳ୍ପ ଜଗତ ପାଇଁ ଏକ ନୂଆ ସେମିକଣ୍ଡକ୍ଟର ଯୁଗ ଗଢିବାର ସମ୍ଭାବନା ସୃଷ୍ଟି କରିବ । ଭାରତ ଓ ଓଡ଼ିଶା ଯଦି ଏହି ସୁଯୋଗକୁ ଦୂରଦୃଷ୍ଟି ସହିତ ବ୍ୟବହାର କରିବେ ତେବେ ଏହା ନୂତନ ଶିଳ୍ପାୟନ, ରୋଜଗାର ଓ ପ୍ରଯୁକ୍ତିଗତ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରିବ । ଏହାର ସଫଳ ରୂପାୟନ ମଧ୍ୟ ହୋଇ ପାରିବ, ସେତିକିବେଳେ, ଯେତେବେଳେ କି ସରକାର, ଶିଳ୍ପପତି, ଶିକ୍ଷାନୁଷ୍ଠାନ ଓ ଗବେଷଣା ସଂସ୍ଥା, ପରିବେଶବିତ୍ ଓ ପୁଞ୍ଜିପତିମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସମ୍ଭବ ହେବ ।

**ଅବସର ପ୍ରାପ୍ତ ଉପାଧ୍ୟକ୍ଷ, ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ, କଟକ**
**ମୋ– ୯୪୩୭୭୪୦୨୫୬**

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

# ପାଉଁଶ ବୋଝେଇ ଟ୍ରକ, ଲୋଡ଼ର ଜବତ

କେନ୍ଦୁଝର ,(ଜିପ୍ର) : କେନ୍ଦୁଝର ଜିଲା ଭଦ୍ରାସାହି ଠାରେ ବେଆଇନ ଭାବେ କାରଖାନାରୁ ନିର୍ଗତ ପାଉଁଶ ପକାଯାଉଥିବା ବେଳେ ବଡ଼ବିଲ ତହସିଲଦାର ଚଢ଼ାଉ କରି ୩ ଟି ପାଉଁଶ ବୋଝେଇ ଟ୍ରକ ସହ ଗୋଟିଏ ଲୋଡ୍ର ମେସିନକୁ ଜବତ ବତ କରିଛନ୍ତି ବଡ଼ବିଲ ଟ୍ରକ ଓ ଲୋଡର ମେସିନକୁ ବଡ଼ ଥାନାରେ ଜିମା ଦେଇଥିବା ତହସିଲଦାର ରାକେଶ କୁମାର ପଣ୍ଡା କହିଛନ୍ତି । ଉକ୍ତ ଅଞ୍ଚଳରେ ବେଆଇନ ଭାବେ କାରଖାନାରୁ ନିର୍ଗତ ପାଉଁଶ ଓ ବର୍ଜ୍ୟବସ୍ତୁ ପକାଉଥିବା ନେଇ ବଡ଼ବିଲ ତହସିଲଦାର କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଲିଖିତ ଭାବେ ଜଣାଇଥିଲେ । ପ୍ରଦୂଷଣ ବୋର୍ଡ ପକ୍ଷରୁ ଉକ୍ତପାଉଁଶର ନମୁନା ସଂଗ୍ରହ କରାଯାଇଥିଲା ।ତେବେ ବାରମ୍ବାର ଏକ କମ୍ପାନୀ ନିଜର କାରଖାନାରୁ ନିର୍ଗତ କଳା ଆବର୍ଜନା ଭଦ୍ରାସାହି ଅଞ୍ଚଳର ବିଭିନ୍ନ ଜମିରେ ବିନା ଅନୁମତିରେ ପକାଇ ପରିବେଶକୁ ଦୂଷିତ କରୁଥିଲା । ଏ ନେଇ ଭଦ୍ରାସାହିର ଲୋକେ ବଡ଼ବିଲ ଥାନା ଓ ବଡ଼ବିଲ ତହସିଲଦାରଙ୍କ ପାଖରେ ଦୀର୍ଘ ଦିନରୁ ଲିଖିତ ଅଭିଯୋଗ କରିଆସୁଥିଲେ । ଅଭିଯୋଗକୁ ଆଧାରକରି ବଡ଼ବିଲ ତହସିଲଦାର ପଣ୍ଡା ଖାଲି ପଡିଥିବା ଜମି ଉପରେ କାରଖାନାରୁ ନିର୍ଗତ କଳା ଆବର୍ଜନା ପକାଉଥିବା ସମୟରେ ଚଢ଼ାଉ କରି ଗାଡ଼ି ଜବତ କରିଥିଲେ ।ତେବେ ଉକ୍ତ ସ୍ଥାନଟି ଏକ ବ୍ୟକ୍ତିଗତ ଜମି ହୋଇଥିଲେ ହେଁ କାରଖାନାରୁ ନିର୍ଗତ ପାଉଁଶ କିମ୍ବା ବର୍ଜ୍ୟବସ୍ତୁ ପକାଇ ଜମା କରିବା ବେଆଇନ ଅଟେ । ଏହି କାର୍ଯ୍ୟ କରିଥିବା ସମ୍ପୃକ୍ତ କମ୍ପାନୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୋଲିସ ମଧ୍ୟ ଉପଯୁକ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବ ବୋଲି ତହସିଲଦାର ପଣ୍ଡା କହିଛନ୍ତି ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଯୋଡ଼ା, (ସବ୍ୟୁ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲିଜ ଏରିଆ ଅଞ୍ଚଳରେ ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମତ୍ୟୁଘଟିଛି । ମୃତକ ହେଲେ ସୁବନ ପ୍ରଧାନ(୬୭) । ତାଙ୍କ ଘର ଦଅଁଳା ଭୂୟାଁ ସାହିରେ ବୋଲି ଜଣାପଡିଛି । ଗନ୍ଧମାର୍ଦ୍ଦନ ଲୁହାଖଣି ଜଙ୍ଗଲରେ ଦଅଁଳା ଭୂୟାଁ ସାହିର ୫ଜଣ ଲୋକ କାଠ ଆଣିବାକୁ ଯାଇଥିଲେ । ସେତିକିବେଳେ ଜଙ୍ଗଲ ଭିତରେ ଥିବା ୭ଟିକିଆ ହାତୀ ମଧ୍ୟରୁ ଏକ ମାଈ ହାତୀ ହଠାତ ଚାଲିଆସି ସେମାନଙ୍କୁ ଆକ୍ରମଣ କରିଥିଲା । ୪ଜଣ ସେଠାରୁ ଦୌଡି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ସୁବନ ହାତୀ ହାବୁଡରେ ପଡିଯାଇଥିଲେ ।ମାଈ ହାତୀ ସୁବନଙ୍କୁ ଶୁଣ୍ଢରେ ଟେକି ଫିଙ୍ଗି ଦେବାକୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବନପାଳ ମଳୟ ଜେନା, ଶୁଆକାଟୀ ବିଟ ବନରକ୍ଷୀ ଚନ୍ଦ୍ରକାନ୍ତ ମହାନ୍ତ ଘଟଣାସ୍ଥଳରେ ପହଁଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି ।

# ବାଇକକୁ ଧକ୍କା ଦେଇ ୨୦ ଫୁଟ ତଳକୁ ଖସିଲା କାର୍

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । କାର୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକା ହେବା ଫଳରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ବ୍ୟକ୍ତିଜଣକ ହେଲେ ତୁରୁମୁଙ୍ଗା ଥାନା ମାନପୁର ଗ୍ରାମର ମନୋହର ମହାନ୍ତ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମନୋହର ଗ୍ରୋସରୀ ସାମଗ୍ରୀ କିଣି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର୍ ତାଙ୍କ ବାଇକ ପଛପଟୁ ଜୋରଦାର ଧକ୍କା ଦେଇଥିଲା । ଧକ୍କା ଏତେ ଭୀଷଣ ଥିଲା ଯେ, ନିୟନ୍ତ୍ରଣ ହରାଇ କାରଟି ରାଜପଥ ପାଶ୍ୱର୍ରେ ଥିବା ପ୍ରାୟ ୨୦ ଫୁଟ ଖାଲକୁ ଖସିପଡ଼ିଥିଲା । କାର୍ଟିରେ ଠାକୁରମୁଣ୍ଡା ଅଞ୍ଚଳର ଶଳା-ଭିଣୋଇ କୌଣସି ଜରୁରୀ କାମରେ କେନ୍ଦୁଝର ଯାଉଥିଲେ । ତେବେ ଗାଡ଼ିଟି ୨୦ ଫୁଟ ତଳକୁ ଗଳିପଡ଼ିଥିଲେ ହେଁ ସେମାନେ ଉଭୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ତୁରୁମୁଙ୍ଗା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀରେ...

ହୋଇଥିବା ବେଳେ ଏଥର ଏହାକୁ ୮ ଲକ୍ଷ କ୍ୟୁସେକ୍ ମଧ୍ୟରେ ସୀମୀତି ରଖିବାକୁ ଚେଷ୍ଟା କରାଯାଉଥିବା ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ।
ବର୍ଦ୍ଧିତ ଜଳପ୍ରବାହର ସୁଚାରୁ ପରିଚାଳନା ଓ ବନ୍ୟାଜନିତ ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିରନ୍ତର ନିରୀକ୍ଷଣ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି । ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର, ଜଳପ୍ରବାହ ଏବଂ ଗେଜ୍ ସାଇଟଗୁଡ଼ିକର ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି । କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ସଜାଗ ରହି ଆବଶ୍ୟକତାନୁସାରେ ଡ୍ୟାମ୍ ଓ ବ୍ୟାରେଜ୍ର ଗେଟ୍ ପରିଚାଳନା କରୁଛନ୍ତି । ଜଳପ୍ରବାହର ପରିବର୍ତ୍ତିତ ସ୍ଥିତିକୁ ନିରନ୍ତର ଅନୁଧ୍ୟାନ କରି ଜନସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

### ଡିଜେର ବିକଟାଳ...

ହୁଅନ୍ତୁ ବା କ୍ଲବ ଉକ୍ତ ନିର୍ଦ୍ଦେଶ ଫୁ କରିଦେଇ ନିଜ ନିଜର ମଜଲିସ ପାଇଁ ଜନସାଧାରଣଙ୍କୁ ବିପଦରେ ପକାଇବା କେତେଦୂର ଠିକ ଏବଂ ପୁଲିସ ପ୍ରଶାସନ ସେମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।ଅନ୍ୟ ପକ୍ଷରେ ଉକ୍ତ ଭସାଣି ଶୋଭାଯାତ୍ରାରେ ଅମାନିଆ ଭାବେ ଡିଜେକୁ ସାମିଲ କରିଥିବା ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ମାନଙ୍କୁ ଥାନା ପକ୍ଷରୁ ନୋଟିସ କରାଯିବ ବୋଲି ଶୁଣିବାକୁ ମିଳିଛି ।

### ଆକାଶ...

କରିବା ପରେ ପୂର୍ବ୍ତ ସଚିବ ସଂଜୟ ସିଂ କଳିଙ୍ଗା ଘାଟିକୁ ଯାଇ ସେଠାକର ସ୍ଥିତି ଦେଖିଛନ୍ତି । ଏହି ରାସ୍ତା କେତେଶୀଘ୍ର ମରାମତି ହୋଇ, ପୁଣି ସ୍ୱାଭାବିକ କରାଯିବ, ସେ ନେଇ ସମୀକ୍ଷା କରିଛନ୍ତି । କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଚାନ୍ଦିଲି ଅଞ୍ଚଳରେ ଲଗାଣ ବର୍ଷା ଆଉ ଇନ୍ଦ୍ରାବତୀ ନଦୀର ଉଭା ପାଣି ମାଡ଼ି ଆସିବା ପରେ ଗତକାଲିଠୁ ବନ୍ୟା ସ୍ଥିତି ଏମିତି ଯେ ଲୋକେ ଆଉ ଘରୁ ବାହାରିବାକୁ ଉପାୟ ନାହିଁ । କଚାଘର ସଂପୂର୍ଣ୍ଣ ବୁଡ଼ିଯାଇଥିବା ବେଳେ, ସେପଟେ କୁଆଡ଼େ ଯାଇନପାରି ଛାତଘରେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଶହ ଶହ ଲୋକେ । ଏପଟେ ଗୋଟିଏ ପରେ ଗୋଟିଏ ଘରକୁ ଯାଇ ଅତି କଠିନ ସ୍ଥିତିରେ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରୁଛି ଓଡ୍ରାଫ୍ ବାହିନୀ । ପିଲାଠୁ ବୁଢା, ମଣିଷଙ୍କଠୁ ଜୀବଜନ୍ତୁ, ଯେମିତି ଏମାନଙ୍କ ପାଇଁ ଏହି ଓଡ୍ରାଫ୍ ବାହିନି ହିଁ ଦେବଦୂତ ସାଜିଛନ୍ତି । ଚାନ୍ଦିଲି ଅଞ୍ଚଳର ପ୍ରାୟ ୭୦ରୁ ଅଧିକ ପରିବାର ବନ୍ୟା ଘେରରେ ଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୬୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟ ସ୍ଥଳିରେ ରଖାଯାଇଛି । କୋଟପାଡ଼ ବ୍ଲକର ୭ଟି ପଂଚାୟତର ପ୍ରାୟ ୪୦ ଗାଁ ଏବେ ବି ପାଣି ଭିତରେ ବୁଡ଼ି ରହିଛି ।

### ୯.୨୪ କୋଟି...

ଟଙ୍କା ଭିଜିଲାନ୍ସ ଜବତ କରିଛି । ଗିରଫ ୪ଜଣଙ୍କ ଆକାଉଣ୍ଟ ସମେତ ବନଲତାଙ୍କ ସମ୍ପର୍କୀୟ ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କ ଆକାଉଣ୍ଟକୁ ଏହି ହଡପ ଟଙ୍କା ଜାଲ୍ ବିଲ୍ ମାଧ୍ୟମରେ ପଠାଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜାଣିପାରିଛି । ୪୮ ଜଣଙ୍କ ୭୭ଟି ଆକାଉଣ୍ଟରୁ ହଡପ ହୋଇଥିବା ୯ କୋଟି ୨୪ଲକ୍ଷ ୧୦ ହଜାର ୧୯୩ଟଙ୍କା ଜାଲ୍ ବିଲ୍ ମାଧ୍ୟମରେ ପଠାଯାଇଥିବା ଭିଜିଲାନ୍ସ କହିଛି । ଅବସରପ୍ରାପ୍ତ କର୍ମଚାରୀଙ୍କ ଗ୍ରାଚୁଇଟି, ଅବ୍ୟବହୃତ ଛୁଟି, କଣ୍ଟିଜେନ୍ସି ଫଣ୍ଡ ବାବଦକୁ ଏହି ଟଙ୍କା ଥିବାବେଳେ ସେକ୍ସନ ଅଫିସର ବନଲତା ଓ ବିଭୂଦତ୍ତ ଚତୁରତାର ସହ ତାହାକୁ ହଡପ କରିଥିବା ଭିଜିଲାନ୍ସ ତଦନ୍ତରୁ ସ୍ପଷ୍ଟ ହୋଇଛି । ବନଲତା ହଡପ ଟଙ୍କାରେ ଦାମୀ ସୁନାଗହଣା, ଭୁବନେଶ୍ୱରରେ ଫ୍ଲାଟ୍ ଓ ପୁଅଙ୍କୁ ବିଦେଶରେ ପାଠ ପଢାଇବା ବାବଦକୁ ଖର୍ଚ୍ଚ କରିଥିବା ଭିଜିଲାନ୍ସ କହିଛି । ଗିରଫ ହୋଇଥିବା ବନଲତା ମହାନ୍ତି, ବିଭୂଦତ୍ତ ନାୟକ, ଦୀପକ କୁମାର ରାଉତରାୟ, ଲକ୍ଷ୍ମଣ ବିଶ୍ୱାଳ, ରାଜୀବ ଲୋଚନ ସେନାପତି, ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ଭିଜିଲାନ୍ସ ଥାନା କେସ୍ ନମ୍ବର ୨୧ରେ କୋର୍ଟଚାଲାଣ କରାଯାଇଛି । ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ବିଦ୍ୟୁତ୍ ଆଘାତରେ...

ବନ୍ୟା ପାଣିରେ ଫସି ରହିଥିବା ୪ ଜଣ ସ୍ଥାନୀୟ ଲୋକଙ୍କୁ ପାୱାର ବୋଟ୍ ସାହାଯ୍ୟରେ ଉଦ୍ଧାର କରାଯାଉଥିଲା । ଏହି ସମୟରେ ବନ୍ୟା ଜଳରେ ଛିଣ୍ଡି ପଡ଼ିଥିବା ଏକ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ବୋଟ୍‌ଟି ଚାଲିଆସିଥିବା କାରଣରୁ ୬ ଜଣ ଅଗ୍ନିଶମ କର୍ମଚାରୀ ଏବଂ ୪ ଜଣ ସାଧାରଣ ନାଗରିକ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ଆହତ ଅଗ୍ନିଶମ କର୍ମଚାରୀମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଜିତେନ୍ଦ୍ର ସିଂ, ଅମର ସିଂ, ନିରଞ୍ଜନ ପରିଡ଼ା ଏବଂ ମନୋଜ କୁମାର ଦାସ ସାମିଲ ଅଛନ୍ତି । ସମସ୍ତ ଆହତଙ୍କୁ ତୁରନ୍ତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି ।

### ଭ୍ରମାତ୍ମକ...

ଦୈନିକ ପ୍ରାୟ ୫୦ ହଜାରରୁ ଅଧିକ ନୂଆ ଭୋଟର ଯୋଡ଼ିହେଉଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଏକଚାଟିଆ ନିଷ୍ପତ୍ତି ନେଉଥିବା ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ ସମସ୍ତ ନିଷ୍ପତ୍ତି ବିଚାରବିମର୍ଶ ଓ ସର୍ବସମ୍ମତି କ୍ରମେ ନିଆଯାଇଛି ।

କଂଗ୍ରେସର ଦ୍ୱିମୁଖୀ ନୀତିକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେରଳରେ କଂଗ୍ରେସ ନେତା ରମେଶ ଚେନିଥାଲା ଏସଆଇଆର କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିବା ବେଳେ ଅନ୍ୟତ୍ର ଦଳ ଏହାକୁ ବିରୋଧ କରୁଛି । ଜିତିଲେ ସବୁ ଠିକ୍ ଏବଂ ହାରିଲେ ଗଣତନ୍ତ୍ର ବିପଦରେ ବୋଲି କହିବା କଂଗ୍ରେସର ହତାଶ ମନୋଭାବକୁ ଦର୍ଶାଉଛି । ୨୦୨୩ର ନିର୍ବାଚନ କମିଶନର ନିଯୁକ୍ତି ଆଇନ ପୂର୍ବ ଅପେକ୍ଷା ଅଧିକ ଗଣତାନ୍ତ୍ରିକ ହୋଇଥିବା ବେଳେ, ବିରୋଧୀମାନେ ନିଜର କଳଙ୍କିତ ଇତିହାସ ନଦେଖି ସାମ୍ବିଧାନିକ ସଂସ୍ଥା, ମିଡିଆ ଓ ଜୁଡିସିଆରୀକୁ ବଦନାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

### ପ୍ରଯୁକ୍ତିବିଦ୍ୟା-ଚାଳିତ...

ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା । ସେହିପରି ସାହସିକ ପର୍ଯ୍ୟଟନର ପ୍ରସାର ପାଇଁ ଇଣ୍ଡିଆନ୍ କାୟାକିଂ ଆଣ୍ଡ କାନୋଇଂ ଆସୋସିଏସନ୍ ସହ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ବାରକୁଲଠାରେ ଇଭି ବୋଟ୍ ଏବଂ ଚିଲିକା ହ୍ରଦରେ ସ୍ୱସ୍ତି ଦ୍ୱାରା ପରିଚାଳିତ କ୍ୟାଟାମାରାନଙ୍କ ଆଭାସୀ ଶୁଭାରମ୍ଭ କରାଯାଇଥିଲା । ଐତିହ୍ୟ ପର୍ଯ୍ୟଟନକୁ ସୁଦୃଢ଼ କରିବା ପାଇଁ ପର୍ଯ୍ୟଟନ ବିଭାଗ ଏବଂ ଭାରତୀୟ ପ୍ରନିତ‰ ସର୍ବେକ୍ଷଣ (ଏଏସ୍‌ଆଇ) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସମାବେଶକୁ ସମ୍ବୋଧିତ କରି ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳୱନ୍ତ ସିଂହ କହିଥିଲେ, ଏହି ସମାରୋହରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଓଡ଼ିଶାରେ ନୂତନ ଏବଂ ବିବିଧ ପର୍ଯ୍ୟଟନ ଅନୁଭୂତି ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗିତା, ସଂସ୍ଥାଗତ ସହଯୋଗ ଓ ସମୁଦାୟର ସହଭାଗିତାକୁ ମଜବୁତ କରିବ ।

## ଏବିଏଫଏଚଏଲର ଦୁଇ ନୂଆ ଶାଖା ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା କ୍ୟାପିଟାଲର ସହଯୋଗୀ ସଂସ୍ଥା ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଓଡ଼ିଶାର କଟକ ଓ ରାଉରକେଲାରେ ଦୁଇଟି ନୂତନ ଶାଖା ଉଦ୍ଘାଟନ କରାଯାଇଛି। ଏହାଦ୍ୱାରା ରାଜ୍ୟରେ କମ୍ପାନୀର ବ୍ୟବସାୟିକ ଉପସ୍ଥିତି ବୃଦ୍ଧି ପାଇବା ସହ ଗ୍ରାହକମାନେ ସହଜରେ ଗୃହ ଋଣ ସୁବିଧା ପାଇପାରିବେ। ଏହି ଅବସରରେ କମ୍ପାନୀ ପକ୍ଷରୁ ୨୪ ସେପ୍ଟେମ୍ବରରୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଜିରୋ ଲଗ୍-ଇନ୍ ଫିଦ ସହ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦ୍ରୁତ ଋଣ ମଞ୍ଜୁରୀ ଅଫର୍ ଘୋଷଣା କରାଯାଇଛି।

## ଟ୍ରେନ ଲାଇନରୁ ଅଜଣା ଯୁବକଙ୍କ ମୁଣ୍ଡ ଗଣ୍ଡି ଉଦ୍ଧାର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ - କଣ୍ଟାବାଞ୍ଜି ରେଳଲାଇନର ମୁରିବାହାଲ ରେଳଫାଟକ ଠାରୁ ଶହେ ମିଟର ଦୂରରେ ରବିବାର ସକାଳେ ଜଣେ ଅଜଣା ଯୁବକଙ୍କ ମୁଣ୍ଡରୁ ଗଣ୍ଡି ଅଲଗା ହୋଇଥିବା ବିଭତ୍ସ ମୃତଦେହ ଠାବ କରାଯାଇଥିଲା । ରବିବାର ରାତି ୪ଟାରେ ଏକ ମାଲବାହୀ ଟ୍ରେନର ଡ୍ରାଇଭର ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ରେଳଷ୍ଟେସନରେ ସୂଚନା ଦେଇଥିବା ଜଣାପଡ଼ିଛି । ଏହି ରେଳଫାଟକ ଠାରୁ ପ୍ରାୟ ଶହେ ମିଟର ଦୂର ଟ୍ରେନ ଲାଇନ କଡ଼ରେ ମୃତଦେହଟି ମୁଣ୍ଡ ଓ ଗଣ୍ଡି ଅଲଗା ଅଲଗା ପଡ଼ିଥିବା ସ୍ଥାନୀୟ ଯୁବକମାନେ ଦେଖିବାକୁ ପାଇଥିଲେ । ମୃତ ଯୁବକଙ୍କ ମୁଣ୍ଡ ରକ୍ତାକ୍ତ ଅବସ୍ଥାରେ ଟ୍ରେନ ଟ୍ରାକ ଭିତରେ ଓ ସମ୍ପୂର୍ଣ୍ଣ ଦେହର ଗଣ୍ଡିଟି ଓଲଟି ବାହାରେ ପଡ଼ିଥିବାରୁ ଯୁବକ ଜଣଙ୍କ ନିଜେ ଟ୍ରେନରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ଲେଖା ସୁଦ୍ଧା(ରାତି ୧୦ଟା) ମୃତ ଯୁବକଙ୍କ ପ୍ରକୃତ ପରିଚୟ ଜଣାପଡ଼ିନାହିଁ । ଖବର ପାଇ ଘଟଣାସ୍ଥଳକୁ କଣ୍ଟାବାଞ୍ଜି ଜିଆରପି ଓ ଆରପିଏଫ ପୁଲିସ ପହଞ୍ଚି ଅଧିକ ତଦନ୍ତ କରିଥିଲେ । ଅଧିକ ତଦନ୍ତ ପରେ ମୃତଦେହକୁ ଜବତ କରିବା ସହ ପରିଚୟ ଅସ୍ପଷ୍ଟ ଥିବାରୁ ୭୨ଘଣ୍ଟା ଧରି ମୃତଦେହ ତଦନ୍ତ ପାଇଁ ମେଡିକାଲର ମର୍ଗରେ ରଖାଯିବ ବୋଲି ଜଣାପଡିଛି । ଏକ ଧୂସର ରଙ୍ଗର ପ୍ୟାଣ୍ଟ ଓ କଳା ଟି ସାର୍ଟ ପିନ୍ଧିଥିବା ମୃତକଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ତାଙ୍କ ବାମ ହାତରେ ଇଂରାଜୀରେ 'ମୌସମ ' ବୋଲି ଲେଖା ଥିବା ଓ ସେ ଦେହରେ ପଇତା ପିନ୍ଧିଥିବା ମଧ୍ୟ ଦେଖିବାକୁ ମିଳିଛି । ଜିଆରପି ପୁଲିସ ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ପାଇଲେ ସେ ପ୍ରକୃତରେ ନିଜେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ବାହାରେ କେଉଁଠି ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ ଟିଟିଲାଗଡ ଜିଆରପି ଅପମୃତ୍ୟୁ କେଶ ନ ୧୮/୩୦ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ପରିଚୟ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି,ସେ ବାହାର ଅଞ୍ଚଳର ହୋଇଥାଇପାରନ୍ତି ବୋଲି କଣ୍ଟାବାଞ୍ଜି ଇନଚାର୍ଜ ଜିଆରପି ଏସଆଇ ପ୍ରଶାନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି ।

## ମା' ହେଲେ ନାବାଳିକା ଜନ୍ମଦେଲେ କନ୍ୟା ସନ୍ତାନ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀ ମାଆ ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ୨୪ ତାରିଖରେ ସମ୍ପୃକ୍ତ ନାବାଳିକା ଜଣକ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜଣାପଡ଼ିଛି । ବର୍ତ୍ତମାନ ଉଭୟ ମାଆ ଓ ନବଜାତ ଶିଶୁ ସୁସ୍ଥ ଥିବା ଡାକ୍ତରୀ ସୂତ୍ରରୁ ସୂଚନା ମିଳିଛି ।ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ନାବାଳିକାଙ୍କ ବଡ଼ ଭଉଣୀ ତୁରୁମୁଙ୍ଗା ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି । ଅଭିଯୋଗକୁ ଭିତ୍ତି କରି ତୁରୁମୁଙ୍ଗା ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ପଛର ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଅଧିକ ତଦନ୍ତ ଚଳାଇଛି ।

# ରାଉରକେଲା ମହାନଗର ନିର୍ବାଚନ ପାଇଁ ବାଟ ଫିଟିଲା

ରାଉରକେଲା,(ସବ୍ୟୁ) : ଦୀର୍ଘବର୍ଷର ଅପେକ୍ଷା ପରେ ରାଉରକେଲା ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି । ମହାନଗର ନିଗମର ଓ୍ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ଆଗକୁ ବଢୁଥିବା ବେଳେ ଆଗାମୀ ନିର୍ବାଚନକୁ ନେଇ ରାଉରକେଲାବାସୀଙ୍କ ମଧ୍ୟରେ ଆଶା ବଢ଼ିଛି । ରାଉରକେଲା ସମେତ ରାଜ୍ୟର ଚାରି ମହାନଗର ନିଗମ ପାଇଁ ଓ୍ୱାର୍ଡ ସୀମା ଓ ସଂରକ୍ଷଣ ସମ୍ପର୍କିତ ତଥ୍ୟ ଦେବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଉରକେଲା ମହାନଗର ନିଗମ ଗଠନ ପରଠାରୁ ନିର୍ବାଚିତ ମହାନଗର ନିଗମ ପରିଷଦ ଗଠନ ହୋଇପାରିନଥିଲା । ଶେଷଥର ୨୦୦୮ରେ ରାଉରକେଲା ପୌରପାଳିକା ନିର୍ବାଚନ ହୋଇଥିଲା । ପରେ ରାଉରକେଲାକୁ ମହାନଗର ନିଗମ ମାନ୍ୟତା ଦିଆଯିବା ଓ ନୂଆ ଅଞ୍ଚଳକୁ ସାମିଲ କରାଯିବାକୁ ନେଇ ଆଇନଗତ ବିବାଦ ଦେଖାଦେଇଥିଲା । ୨୦୧୫ରେ ଏନେଇ ହାଇକୋର୍ଟରେ ମାମଲା ହେବା ପରେ ନିର୍ବାଚନ ପ୍ରକ୍ରିୟା ଦୀର୍ଘ ସମୟ ଧରି ଅଟକି ରହିଥିଲା । ତେବେ ୨୦୨୬ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ରାଉରକେଲା ମହାନଗର ନିଗମରେ ବିଭିନ୍ନ ଅଞ୍ଚଳକୁ ସାମିଲ କରିବା ସମ୍ପର୍କିତ ସରକାରୀ ପଦକ୍ଷେପକୁ ବଜାୟ ରଖିଥିଲେ । ଏହା ପରେ ମହାନଗର ନିଗମ ନିର୍ବାଚନ ପାଇଁ ଆଇନଗତ ପ୍ରତିବନ୍ଧକର ଏକ ପ୍ରମୁଖ ଅଧ୍ୟାୟ ଦୂର ହୋଇଛି । ଏବେ ନିର୍ବାଚନ ପୂର୍ବରୁ ଓ୍ୱାର୍ଡ ସୀମା ନିର୍ଦ୍ଧାରଣ ଓ ସିଟ ସଂରକ୍ଷଣ ପ୍ରକ୍ରିୟା ହେବ । ରାଉରକେଲା ସମେତ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମକୁ ଏଥିପାଇଁ ଆବଶ୍ୟକ ତଥ୍ୟ, ମାନଚିତ୍ର ଓ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି । ଏହା ପରେ ଡ୍ରାଫଟ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ଲୋକଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ । ପୂର୍ବରୁ ରାଉରକେଲା ପୌରପାଳିକାରେ ୩୩ଟି ଓ୍ୱାର୍ଡ ଥିଲା । ମହାନଗର ନିଗମରେ ନୂଆ ଅଞ୍ଚଳ ସାମିଲ ହେବା ପରେ ଓ୍ୱାର୍ଡ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିଲା । ୨୦୧୧ ଜନଗଣନା ଅନୁସାରେ ପୁରୁଣା ରାଉରକେଲା ପୌରପାଳିକାର ପରିସୀମା ୫୩.୨୯ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ୩ ଲକ୍ଷ ୯ ହଜାର ୬୮୯ ଥିଲା । ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିବା ସହ ଏବେ ଓ୍ୱାର୍ଡ ସୀମା, ସଂରକ୍ଷଣ ଏବଂ ପରବର୍ତ୍ତୀ ନିର୍ବାଚନୀ ପ୍ରକ୍ରିୟା ଉପରେ ନଜର ରହିବ । ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରତିନିଧି ନଥିବା ରାଉରକେଲାରେ ଏହି ପ୍ରକ୍ରିୟା ଶେଷ ହୋଇ ନିର୍ବାଚିତ ନଗର ପ୍ରତିନିଧି ବ୍ୟବସ୍ଥା ଫେରିବ ବୋଲି ସହରବାସୀ ଆଶା ରଖିଛନ୍ତି ।

## ଅବକାରୀ ଚଢ଼ାଉ: ମଦ ଜବତ, ୨ ଗିରଫ

ଠାକୁରମୁଣ୍ଡା, ,(ସବ୍ୟୁ) ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୩ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଏ ସଂକ୍ରାନ୍ତରେ ୨ଟି କେଶ ରୁଜୁ ହୋଇଛି । କେସ ନଂ ୧୧୬ ବଳରେ ବଡବିଲ ଗ୍ରାମରୁ ଅଭିଯୁକ୍ତ ରଘୁନାଥ ମୁର୍ମୁ (୩୫)କୁ ଗିରଫ କରାଯାଇଛି । ସେହିପରି କେସ ନଂ ୧୧୭ ବଳରେ ଭେଜିଡିହା ଗ୍ରାମରୁ ଅଭିଯୁକ୍ତ ସେବାକର ମହାନ୍ତ (୬୨) ଙ୍କୁ ଗିରଫ କରାଯାଇଛି ।ଏହି ଚଢ଼ାଉ କେବଳ ଠାକୁରମୁଣ୍ଡା ଅବକାରୀ ଥାନା କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିଲା ।

## ନାବାଳକକୁ ନିର୍ମମ ହତ୍ୟା, ୨ ଅଟକ

ସମ୍ବଲପୁର,(ସବ୍ୟୁ): ନାବାଳକକୁ ନିର୍ମମ ଭାବେ ହତ୍ୟା ଅଭିଯୋଗରେ ବୁର୍ଲା ଥାନା ପୋଲିସ ୨ଜଣଙ୍କୁ ଅଟକ ରଖିଛି । ସେମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଛି । ସାମାନ୍ୟ କଥାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଓ୍ୱାନ୍ ଆର କଲୋନୀର ଫିରୋଜ ବେହେରା (୧୫) ସାଙ୍ଗ ମାନଙ୍କ ସହ ବୁଲିବାକୁ ବାହାରିଥିଲା । କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ତକ୍ଷିପ୍ତ ହୋଇ ସେମାନେ ଇଟା, ପଥର ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ । ପରେ ଢିପାପଡାର ଏକ ଅର୍ଦ୍ଧ ନିର୍ମିତ ଘରେ ମୃତଦେହ ଫୋପାଡି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଖବର ପାଇ ବୁର୍ଲା ଥାନା ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାରେ ୨ଜଣ ନାବାଳକଙ୍କୁ ଅଟକ ରଖି ତନାଘନା ଜାରି ରଖିଛି । ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପଡାବାସୀ ଥାନା ଘେରାଉ କରିଥିଲେ । ତେବେ ବୁଝାସୁଝା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି ।

## ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ପ୍ରୋମୋ ରନ

ସମ୍ବଲପୁର,(ସବ୍ୟୁ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସମ୍ବଲପୁର ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଓଡ଼ିଶା ପ୍ରୋମୋ ରନ୍ ଅନୁଷ୍ଠିତ ହୋଇଯାଇଛି । ଏହି ମିନି ମାରାଥନ୍‌କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ମହାନଗର ନିଗମର କମିଶନର ରେହାନ କ୍ଷତ୍ରି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମାଁ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ରିଭର ଫ୍ରଣ୍ଟରୁ ମାରାଥନ୍ ଆରମ୍ଭ ହୋଇ ନେଲସନ ମାଣ୍ଡେଲା ଛକ, ପୁରୁଣା ସମ୍ବଲପୁର ମ୍ୟୁନିସିପାଲିଟି ଛକ ଦେଇ ପ୍ରାୟ ୫ କିଲୋମିଟର ପରିକ୍ରମା କରିବା ପରେ ଆରମ୍ଭ ସ୍ଥାନରେ ସମାପ୍ତ ହୋଇଥିଲା । ସ୍ୱଚ୍ଛତା, ପର୍ଯ୍ୟାବରଣ ସୁରକ୍ଷା, ଫିଟନେସ୍ ଏବଂ ଓଡ଼ିଶାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏଥିରେ ଯୁବପିଢ଼ି, କ୍ରୀଡ଼ାବିତ୍ ଏବଂ ପ୍ରଶାସନିକ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟବାର୍ଷିକ ଉତ୍ସବ

ଦୋବଲ,(ସବ୍ୟୁ):ଧାମନଗର ଏନଏସି ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୨ତମ ସ୍ଥାପନା ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଏଭି ଅଧକ୍ଷ ନଭିର ଆବିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ଶାଶ୍ୱତୀ ପାଢ଼ୀ ସଂଚାଳନ କରିଥିଲେ । ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ଓଏଭି ଅଧକ୍ଷ ପ୍ରଦୀପ କୁମାର ସେଠୀ,ମୁଖ୍ୟବକ୍ତା ଧାମନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ,ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ ଓ ପିବି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଜେନା ଉପସ୍ଥିତ ଥିଲେ । ପିଲାମାନଙ୍କୁ ଉତ୍ତମ ଦିଗଦର୍ଶନ ଓ ପର୍ଯ୍ୟାପ୍ତ ପରିମାଣରେ ସୁଯୋଗ ଦେଲେ ସମାଜରେ ଉନ୍ନତି ହୋଇପାରିବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବରୁ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।

# ନୟାଗଡ଼ରୁ ୨ଟ୍ରକ ଜବତ, ୭ ଗିରଫ

କେନ୍ଦୁଝର ,(ଜିପ୍ର) :କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟସ୍ଥ ଏକ ଗଚ୍ଛିତ ଖଣିଜ ଷ୍ଟକ୍ରୁ ଚୋରା ଖଣିଜ ଚାଲାଣବେଳେ ଦୁଇ ଟ୍ରକ ଜବତ କରିଛି ଖଣି ବିଭାଗ । ଖଣି ବିଭାଗ ଓ ପୁଲିସ ବିଭାଗକୁ ନେଇ ଗଠିତ ଟାସ୍କ ଫୋର୍ସର ଏହି ଚଢ଼ଉବେଳେ ଦୁଇଟି ଟ୍ରକ, ଗୋଟିଏ ଜେସିବି ମେସିନ ଜବତ ସହିତ ଏଥିରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଅଟକ ରଖ ପୁଲିସ ଜିମା ଦିଆଯାଇଛି ।ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶରଞ୍ଜନ ସେଠୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଶନିବାର ବିଳମ୍ବିତ ରାତିରେ ଖଣିଜ ଚୋରମାନେ ମେସିନ ଲଗାଇ ଉକ୍ତ ଖଣିଜ ଗଦାରୁ ଖଣି ଜ ବୋଝେଇ କରି ଚୋରା ଚାଲାଣ କରୁଥିବା ନେଇ ବିଶସ୍ତ ସୂତ୍ରରୁ ଖବର ପାଇ ଖଣି ଟାସ୍କ ଫୋର୍ସ ଅତର୍କିତ ଚଢ଼ଉ କରିଥିଲେ । ଚଢ଼ଉ ଫଳରେ ଦୁଇଟି ଖଣିଜ ବୋଝେଇ ଟ୍ରକ (ଜେଏଚ୦୨ଏକ୍ୟୁ ୩୯୨୮, ଜେ ଏଚ ୧୨ ଏନ ୬୮୪୨) ଓ ଏକ ଜେସିବି ମେସିନ ଜବତ କରାଯିବା ସହିତ ଏହି ଟ୍ରକ, ମେସିନ୍ର ଡ୍ରାଇଭର, ଅପରେଟର, ହେଲ୍ପରଙ୍କୁ ମିଶାଇ ୭ ଜଣଙ୍କୁ ଅଟକ ରଖ ବାମେବାରୀ ଥାନାରେ ଜିମା ଦିଆ ଯାଇଥିଲା ।ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସଢ଼େଇକଳା ଜିଲ୍ଲା ରାଜନଗର ଥାନା ଓଟାଡିହି ଅଞ୍ଚଳର ରାଜ କୁମାର ମାହାତୋ, ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂଭୂମ ଜିଲ୍ଲା ଦାନାଉଲି ଅଞ୍ଚଳର ଅବିନାଶ ଗୌଡ, ବିକାଶ ଗୌଡ଼, ରତନ ସୋରେନ, ଚମ୍ପୁଆ ଅଞ୍ଚଳର କାମାରାନ ରାଜା, ଏମ୍ଡି ଆରିଫ, ଏମଡି ଆମରାନ । ଜବତ ଟ୍ରକ ଦୟରେ ପ୍ରାୟ ୪୨.୬୦୦ ମେଟ୍ରିକ ଟନ ଖଣିଜବୋଝେଇ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଏ ନେଇ ଯୋଡ଼ା ଖଣି ବିଭାଗ ପକ୍ଷରୁ ଏକ ଲିଖିତ ଅଭିଯୋଗ ହେବା ପରେ ବାମେବାରୀ ଥାନାରେ କେସ ନଂ ୨୨୪/୨୦୨୬ ମାମଲା ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇ ଥିବା ଆଇଆଇସି ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

AFFIDAVIT

By virtue of an affidavit in the court of Executive Magistrate, Talcher, KEDAR NAIK, S/O GUMANI NAIK, At/ Po- Danara, Ps- Colliery, Dist- Anugola, Odisha, Pin -759103 Declare that this affidavit no.8534, dated. **23.09.2026**. I have changed my Date of Birth in Adhar from **15.04.1984** to **14.03.1984** Hence forth, He shall change his Date of Birth to **14.03.1984** be known as for all purposes.

Sd/- KEDAR NAIK

34001/776/2627
E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI
(R&B) DIVISION BHAWANIPATNA
*E-Procurement Notice*

**Bid Identification No. BC KLD-06/2026-2027**
No. **7094** Dated. **07.09.2026**

| | | | |
|---|---|---|---|
| 1 | No. of the work | : | 03 (Three) Electrical works & 03 (Three) Civil works |
| 2 | Estimated cost | : | Rs 7.56 Lakhs to 57.65 Lakhs |
| 3 | Period of completion | : | 03 (Three) calendar Months |
| 4 | Date and time of availability of bid document in the portal | : | 11.00 hrs of 01.10.2026 to 17.00 hrs of 12.10.2026 |
| 5 | Last date/Time for receipt of bid in the portal | : | 17.00hour of 12.10.2026 |
| 6 | Name and address of the Officer Inviting Bid | : | Superintending Engineer, Kalahandi (R&B) Division, Bhawanipatna |
| 7 | Opening of the Single Cover Bid | : | On 13.10.2026 at 11.00 AM in the Office of the Superintending Engineer, Kalahandi (R&B)Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**

Sd/- Superintending Engineer
Kalahandi (R&B) Division

OIPR : 34001/34017/1/26-27/0006

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୬୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

### ଏନ୍.ଆଇ.ଏଫ୍. ଗ୍ଲୋବାଲ୍ ଭୁବନେଶ୍ୱରର

# ବାର୍ଷିକ ଫ୍ୟାଶନ୍ ଏବଂ ଇଣ୍ଟେରିୟର ଡିଜାଇନ୍ ପ୍ରଦର୍ଶନୀ 'ନବ୍ୟତା ୨୦୨୬'

ଭୁବନେଶ୍ୱର (ସବ୍ୟୁ): ଏନ୍.ଆଇ.ଏଫ୍. ଗ୍ଲୋବାଲ୍ ଭୁବନେଶ୍ୱର ତା'ର ବାର୍ଷିକ ଫ୍ୟାଶନ୍ ଏବଂ ଇଣ୍ଟେରିୟର ଡିଜାଇନ୍ ପ୍ରଦର୍ଶନୀ 'ନବ୍ୟତା ୨୦୨୬' ଆୟୋଜନ




କରିଥିଲା । ଏହି କାର୍ଯ୍ୟକ୍ରମରେ ଓଲିଉଡର ପ୍ରମୁଖ ବ୍ୟକ୍ତିତ୍ୱ, ଡିଜାଇନର, ଉଦ୍ୟୋଗ ପ୍ରତିନିଧି, ଗଣ୍ୟମାନ୍ୟ ବ୍ୟକ୍ତି, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଏବଂ ଓଡ଼ିଶାର ଫ୍ୟାଶନ୍, ବସ୍ତ୍ର, ହସ୍ତଶିଳ୍ପ ଓ ଇଣ୍ଟେରିୟର ଡିଜାଇନ୍ କ୍ଷେତ୍ରର ଅତିଥିମାନେ ଯୋଗଦେଇଥିଲେ। ଓଲିଉଡ ସେଲିବ୍ରିଟି ରିୟା ଦେ, ଦେବଜାନୀ ଦେଓଘରିଆ, ପିହୁ ମହାପାତ୍ର ଏବଂ ଅଙ୍କିତ କୁମାରଙ୍କ ଉପସ୍ଥିତି ଏହି ସନ୍ଧ୍ୟାରେ ଅଧିକ ଚମକ ଓ ଆକର୍ଷଣ ଯୋଡ଼ିଥିଲା। ଏହି ଅବସରରେ ଏନ୍.ଆଇ.ଏଫ୍. ଗ୍ଲୋବାଲ୍ ଭୁବନେଶ୍ୱରର ସେଣ୍ଟର ଡାଇରେକ୍ଟର ଆଶୁତୋଷ ପଣ୍ଡା କହିଛନ୍ତି, "ନବ୍ୟତା ହେଉଛି ଆମ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, କଳ୍ପନାଶକ୍ତି ଏବଂ ନବସୃଜନର ଏକ ଉତ୍ସବ। ଏହା ସେମାନଙ୍କ ଚିନ୍ତାଧାରାକୁ ବ୍ୟବସାୟିକ ଡିଜାଇନ୍‌ରେ ରୂପାନ୍ତରିତ କରିବା ସହ ବୃତ୍ତିଗତ କ୍ଷେତ୍ରର ମୂଲ୍ୟବାନ୍ ଅନୁଭୂତି ହାସଲ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥାଏ। ଫ୍ୟାଶନ୍ ଡିଜାଇନ୍ ବିଭାଗ ସଂସ୍କୃତି, ଐତିହ୍ୟ, ପ୍ରକୃତି ଏବଂ ଆଧୁନିକ ଫ୍ୟାଶନ୍ ଦ୍ୱାରା ଅନୁପ୍ରାଣିତ ହୋଇ କେତେକ ଭାବପୂର୍ଣ୍ଣ ସଂଗ୍ରହ (କଲେକ୍ସନ୍) ପ୍ରଦର୍ଶନ କରିଥିଲା: ଦି ଅର୍ବାନ୍ ଆଇ ମୟୂରଭଞ୍ଜର ସାନ୍ତାଳୀ ଐତିହ୍ୟ ଦ୍ୱାରା ପ୍ରଭାବିତ ଏହି କଲେକ୍ସନ୍ ଆଦିବାସୀ ପରମ୍ପରା, ପ୍ରାକୃତିକ ଶୈଳୀ ଏବଂ ଜୀବନ୍ତ କଳାକୁ ଆଧୁନିକ ପୋଷାକ ଶୈଳୀ ସହ ସୁନ୍ଦର ଭାବେ ମିଶ୍ରଣ କରିଥିଲା। ଲୁମାରା ଏହି ହେରିଟେଜ୍ କଲେକ୍ସନ୍ ଓଡ଼ିଶାର ହସ୍ତତନ୍ତ ଏବଂ ପଟ୍ଟଚିତ୍ର ପରମ୍ପରାକୁ ଆଧୁନିକ ପୋଷାକ ଶୈଳୀ ଓ କାରିଗରୀ ମାଧ୍ୟମରେ ସମ୍ମାନିତ କରିଥିଲା।

### ସ୍ୱଚ୍ଛତା ନିୟମ ପାଳନକୁ ଅଧିକ ସୁଦୃଢ଼ କଲା ପୂର୍ବତଟ ରେଳପଥ

# ବ୍ୟାପକ ନିରୀକ୍ଷଣ ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ପୂର୍ବତଟ ରେଳପଥ ଏହାର ନିରୀକ୍ଷଣ ଓ ନିୟମ ପାଳନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ରେଳ ପରିସରକୁ ଅଧିକ ସ୍ୱଚ୍ଛ, ସୁସ୍ଥ ଏବଂ ସ୍ଥାୟୀ କରିବା ଲକ୍ଷ୍ୟରେ ବ୍ୟାପକ ନିରୀକ୍ଷଣ ଓ ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଚାଲୁଥିବା ସ୍ୱଚ୍ଛତା ଅଭିଯାନ ଏବଂ ସ୍ୱଚ୍ଛତା ହିଁ ସେବା ୨୦୨୬ର ଉଦ୍ଦେଶ୍ୟ ଅନୁରୂପ, ଅଗଷ୍ଟ ୨୦୨୬ ମାସରେ ରେଳ ପରିସରର ସ୍ୱଚ୍ଛତାକୁ ପ୍ରଭାବିତ କରୁଥିବା ବିଭିନ୍ନ ଅନିୟମିତତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩,୦୨୮ଟି ମାମଲା ରୁଜୁ କରାଯାଇ ୫.୮୯ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଜୁଲାଇ ୨୦୨୬ରେ ୨,୩୦୨ଟି ମାମଲା ରୁଜୁ କରାଯାଇ ୪.୪୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା ।

ମାସିକ ରିପୋର୍ଟ ଅନୁଯାୟୀ, ବାଣିଜ୍ୟ ବିଭାଗ ପକ୍ଷରୁ ୬୩୬ଟି ମାମଲା ରୁଜୁ କରାଯାଇ ୧.୨୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି, ରେଳ ସୁରକ୍ଷା ବଳ ପକ୍ଷରୁ ଖୋର୍ଦ୍ଧା ରୋଡ, ରାୟଗଡ଼ା ଓ ସମ୍ବଲପୁର ଡିଭିଜନରେ ୨,୩୯୨ଟି ମାମଲା ରୁଜୁ କରାଯାଇ ୪.୬୨୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତିନୋଟି ଡିଭିଜନ ମଧ୍ୟରୁ ଖୋର୍ଦ୍ଧା ରୋଡ ଡିଭିଜନରେ ୨,୨୦୩ଟି ମାମଲା ରୁଜୁ କରାଯାଇ ୪.୫୨୬ ଲକ୍ଷ ଟଙ୍କା, ରାୟଗଡ଼ା ଡିଭିଜନରେ ୪୦୪ଟି ମାମଲାରେ ୬୨,୮୦୦ ଟଙ୍କା ଏବଂ ସମ୍ବଲପୁର ଡିଭିଜନରେ ୪୨୧ଟି ମାମଲାରେ ୭୪,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ସ୍ୱଚ୍ଛତା ପାଇଁ ଏହି ସୁଦୃଢ଼ ନିୟମ ପାଳନ ବ୍ୟବସ୍ଥା ପୂର୍ବତଟ ରେଳପଥର ବ୍ୟାପକ ସ୍ୱଚ୍ଛତା ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଥିରେ ନିରୀକ୍ଷଣ, ସଚେତନତା ଓ ଜନସହଭାଗିତାକୁ ସମାନ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ୧୮ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଚାଲୁ କରାଯାଇ ୧୭୫ଟି ରେଳ ଷ୍ଟେସନ ଓ ୧୬୦ଟି ରେଳବାଇ କଲୋନୀ ଗୁଡିକରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ କରାଯାଇଥିଲା।

ଏହି ସ୍ୱତନ୍ତ୍ର ଅଭିଯାନ ପରେ ମଧ୍ୟ ପୂର୍ବତଟ ରେଳପଥ ପକ୍ଷରୁ ପାନୀୟ ଜଳର ଗୁଣବତ୍ତା ଉପରେ ଆକସ୍ମିକ ଯାଞ୍ଚ, ଜଳ ଟାଙ୍କି ଓ ଷ୍ଟେସନରେ ଥିବା ଜଳ ଶୀତଳକରଣ ଯନ୍ତ୍ରର ନିୟମିତ ସଫେଇ ଜାରି ରହିଛି। ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ସୁରକ୍ଷିତ ଓ ଗୁଣବତ୍ତାସମ୍ପନ୍ନ ପାନୀୟ ଜଳ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପଗୁଡ଼ିକ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନକୁ ଆହୁରି ସୁଦୃଢ଼ କରୁଛି। ଚଳିତ ବର୍ଷର ଅଭିଯାନର ବିଷୟବସ୍ତୁ "ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ" ରହିଛି। ଏହି ଅଭିଯାନରେ ଜନସହଭାଗିତା, ଆଚରଣଗତ ପରିବର୍ତ୍ତନ, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ଥାୟୀ ସ୍ୱଚ୍ଛତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଷ୍ଟେସନ ଓ ସ୍ୱଚ୍ଛ ରେଳଗାଡ଼ି ଅଭିଯାନ, ଡ୍ରେନ୍ ଓ ଶୌଚାଳୟ ସଫେଇ, ଉତ୍ପତ୍ତିସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା, "ପ୍ଲାଷ୍ଟିକ୍‌କୁ ନା" ଅଭିଯାନ ଏବଂ ଦୀର୍ଘଦିନ ଧରି ସଞ୍ଚିତ ବର୍ଜ୍ୟବସ୍ତୁ ଅପସାରଣ ଭଳି ବିଭିନ୍ନ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ରେଳ ପ୍ରଶାସନ ପକ୍ଷରୁ ଯାତ୍ରୀ, ରେଳ କର୍ମଚାରୀ, ଲାଇସେନ୍ସପ୍ରାପ୍ତ ବିକ୍ରେତା ଓ ଅନ୍ୟାନ୍ୟ ହିତଧାରୀଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରାଯାଉଛି। ତେଣୁ ସଚେତନତା ଓ ଜନସହଭାଗିତା ସହିତ ବର୍ଦ୍ଧିତ ନିୟମ ପାଳନକୁ ଏକ ସହାୟକ ପଦକ୍ଷେପ ଭାବେ ଗ୍ରହଣ କରାଯାଇ ଅଧିକ ଦାୟିତ୍ୱବୋଧ ଏବଂ ଦୀର୍ଘସ୍ଥାୟୀ ଆଚରଣଗତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରାଯାଉଛି।

### ଐତିହାସିକ ବାଲିଯାତ୍ରା ପାଇଁ ଉପର ବାଲିଯାତ୍ରା ପଡ଼ିଆରେ ପ୍ରସ୍ତୁତି ଜୋରଦାର

# ସୁସଂଗଠିତ ଷ୍ଟଲ୍, ଖାଦ୍ୟ, ମନୋରଞ୍ଜନ, ସରକାରୀ ଓ କର୍ପୋରେଟ୍ ଜୋନ୍‌କୁ ଗୁରୁତ୍ୱ

କଟକ, (ସବ୍ୟୁ) : ଆଉ କିଛିଦିନ ପରେ କଟକର ମହାନଦୀ କୂଳରେ ଜମିବ ଐତିହାସିକ ବାଲିଯାତ୍ରାର ଆସର। ଏହାକୁ ନେଇ ଉପର ବାଲିଯାତ୍ରା ପଡ଼ିଆରେ ପ୍ରସ୍ତୁତିର ରୂପରେଖ ଚୂଡ଼ାନ୍ତ ହେବାରେ ଲାଗିଛି। ଚଳିତବର୍ଷ ଦର୍ଶକଙ୍କ ଭିଡ଼, ବ୍ୟବସାୟିକ ଆବଶ୍ୟକତା, ମନୋରଞ୍ଜନ ଓ ବିଭିନ୍ନ ସରକାରୀ-ବେସରକାରୀ ପ୍ରଦର୍ଶନୀକୁ ଦୃଷ୍ଟିରେ ରଖି ପଡ଼ିଆକୁ ଏକ ସୁସଂଗଠିତ ଲେଆଉଟ୍‌ରେ ବିକଶିତ କରିବାର ଯୋଜନା କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ଓ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ସହ ଏକ ଟିମ ଏହାର ନେତୃତ୍ୱ ନେଉଛନ୍ତି। ବିଭିନ୍ନ ବର୍ଗର ବ୍ୟବସାୟିକ ଷ୍ଟଲ୍, ଖାଦ୍ୟ ଷ୍ଟଲ୍, ସରକାରୀ ଷ୍ଟଲ୍, ମନୋରଞ୍ଜନ କ୍ଷେତ୍ର, ଭେଣ୍ଡିଂ ଜୋନ୍, କର୍ପୋରେଟ୍ ଜୋନ ଓ ବିଭିନ୍ନ ବିଭାଗୀୟ ବ୍ୟବସ୍ଥା ପାଇଁ ଉପର ବାଲିଯାତ୍ରା ପଡ଼ିଆକୁ ଯୋଜନାବଦ୍ଧ ଭାବେ ବିଭକ୍ତ କରାଯାଇଛି। ପ୍ରସ୍ତୁତ ଲେ-ଆଉଟ ଅନୁସାରେ, ଉପର ବାଲିଯାତ୍ରା ପଡ଼ିଆର ପ୍ରାୟ ୧,୯୩,୩୦୦ ବର୍ଗଫୁଟ୍ ସ୍ଥାନରେ ଚଳିତ ଥର ଆଲଟମେଣ୍ଟ କରାଯିବ । ପଡ଼ିଆର ବିଭିନ୍ନ ଅଞ୍ଚଳକୁ ୟୁଏ ଠାରୁ ୟୁକେ ଭଳି ବ୍ଲକ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ବ୍ଲକ୍‌ର ବ୍ୟବହାର ଓ ଷ୍ଟଲ୍‌ର ଆକାର ଅନୁଯାୟୀ ଏହାର ଯୋଜନା କରାଯାଇଛି। ୟୁ ଯେଡ ବ୍ଲକ୍‌ରେ ମଧ୍ୟ ୩୦ ଫୁଟ୍ × ୩୦ ଫୁଟ୍ ଆକାରର ୧୪ଟି ବଡ଼ ଷ୍ଟଲ୍ ପାଇଁ ବ୍ୟବସ୍ଥା ରହିଛି। ୟୁଏ ବ୍ଲକ୍‌ରେ ବଡ଼ ଅଣଖାଦ୍ୟ ଷ୍ଟଲ୍ ପାଇଁ ୪୦ ଫୁଟ୍ × ୫୦ ଫୁଟ୍ ଆକାରର ୧୧ଟି ପ୍ଲଟ୍ ରହିଛି। ଅନ୍ୟପକ୍ଷରେ ୟୁସି,ୟୁଡ଼ି,ୟୁଇ , ୟୁ ଜି ୟୁ ଏଚ,ୟୁଆଇ ଭଳି ବ୍ଲକ୍‌ରେ ମଧ୍ୟ ବିଭିନ୍ନ ଆକାରର ଷ୍ଟଲ୍‌ର ବ୍ୟବସ୍ଥା ରହିଛି। ଏଥିରେ ୧୦ ଫୁଟ୍ × ୧୫ ଫୁଟ୍ ଆକାରର ଷ୍ଟଲ୍ ମଧ୍ୟ ରହିଛି। ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ଆମ୍ୟୁଜମେଣ୍ଟ ଜୋନ୍ ଚଳିତ ଥର ଉପର ବାଲିଯାତ୍ରା ପଡ଼ିଆରେ ପ୍ରାୟ ୧୫,୦୦୦ ବର୍ଗଫୁଟ୍ ସ୍ଥାନର ଏକ ସ୍ୱତନ୍ତ୍ର ଆମ୍ୟୁଜମେଣ୍ଟ ଜୋନ୍ ଚିହ୍ନଟ କରାଯାଇଛି। ବାଲିଯାତ୍ରା ଅବସରରେ ସରକାରୀ ବିଭାଗଗୁଡ଼ିକର ଜନସମ୍ପର୍କ ଓ ଲୋକସେବା ସମ୍ପର୍କିତ ପ୍ରଦର୍ଶନୀ ପାଇଁ ମଧ୍ୟ ପଡ଼ିଆରେ ୩୦,୦୦୦ ବର୍ଗଫୁଟ୍ ସ୍ଥାନ ରଖାଯାଇଛି। ସରକାରୀ ଷ୍ଟଲ୍ ପାଇଁ ଜାଗା ଚିହ୍ନଟ ହୋଇଛି। ଏହା ସହ ସ୍ୱତନ୍ତ୍ର ସରକାରୀ କାର୍ଯ୍ୟାଳୟ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏହି ସ୍ଥାନଗୁଡ଼ିକରେ ବିଭିନ୍ନ ବିଭାଗ ନିଜର ଯୋଜନା, ସେବା, କାର୍ଯ୍ୟକ୍ରମ ଓ ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିବାର ସୁଯୋଗ ପାଇପାରିବେ। ଭେଣ୍ଡିଂ ଜୋନ୍‌ରେ ଛୋଟ ବ୍ୟବସାୟୀଙ୍କୁ ସ୍ଥାନ ଛୋଟ ବ୍ୟବସାୟୀ ଓ ଭେଣ୍ଡରମାନଙ୍କ ପାଇଁ ପଡ଼ିଆରେ ଏକ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ରହିବ। ବାଲିଯାତ୍ରାର ବ୍ୟାପକତାକୁ ଦୃଷ୍ଟିରେ ରଖି କର୍ପୋରେଟ୍ ସଂସ୍ଥା ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଅଂଶଗ୍ରହଣ ପାଇଁ ମଧ୍ୟ ସ୍ଥାନ ଚିହ୍ନଟ ହୋଇଛି। ଲେଆଉଟ୍‌ରେ ପ୍ରାୟ ୧୫,୦୦୦ ବର୍ଗଫୁଟ୍ କର୍ପୋରେଟ୍ ସ୍ପେସ୍ ରଖାଯାଇଛି। ଏହା ବ୍ୟତୀତ ଏମ ଏସ ଏମ ଇ ପାଇଁ ପ୍ରାୟ ୧୦,୦୦୦ ବର୍ଗଫୁଟ୍ ସ୍ଥାନ ଚିହ୍ନଟ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଷ୍ଟଲ ଖୋଲିବା ପାଇଁ ମଧ୍ୟ ୫,୦୦୦ ବର୍ଗଫୁଟ୍ ଅଞ୍ଚଳ ଦର୍ଶାଯାଇଛି। ଉପର ବାଲିଯାତ୍ରା ପଡ଼ିଆର ଲେଆଉଟ୍‌ରେ ବିଭିନ୍ନ ବ୍ଲକ୍‌କୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବିଭକ୍ତ କରାଯାଇଛି।

# 'ଦି ନେସନ୍ ସ୍ୱିକ୍ ଲିଡରଶିପ୍ ସମିଟ୍ ୨୦୨୬'

ଭୁବନେଶ୍ୱର, (ସବ୍ୟୁ): ଇନ୍ସାଇଡ୍ କଭର ପକ୍ଷରୁ ' ଦି ନେସନ୍ ସ୍ୱିକ୍ ଲିଡରଶିପ୍ ସମିଟ୍ ୨୦୨୬' ସ୍ଥାନୀୟ ଏକ ହୋଟେଲ୍ ରେ ଆୟୋଜିତ ହୋଇଯାଇଛି। ଏହି ସମିଟ୍‌ରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ ଓ ନେତୃତ୍ୱମାନେ ଏକତ୍ରିତ ହୋଇ ନେତୃତ୍ୱ, ବିକାଶ ଓ ଭାରତର ଭବିଷ୍ୟତ ସମ୍ପର୍କରେ ମତବିନିମୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ପାଣିପାଗ ବିଭାଗ ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଛେଣ୍ଡିପଦାର ମାନ୍ୟବର ବିଧାୟକ ଅଗସ୍ତି ବେହେରା,ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ର ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ବିଜୟ ଚାନ୍ଦ, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଇନ୍ସାଇଡ୍ କଭରର ଚେୟାରମ୍ୟାନ୍ ସୂର୍ଯ୍ୟକାନ୍ତ ବେହେରା ଏବଂ ମୁଖ୍ୟ ସମ୍ପାଦକ ଜେ. ପି. ସାହୁଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନେ ଯୋଗଦଇଥିଲେ। ସମିଟ୍‌ରେ ତିନିଟି ପର୍ଯ୍ୟାୟରେ ଭାରତ ନିର୍ମାଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଓ



ନେତୃତ୍ୱମାନେ ସମସାମୟିକ ଆହ୍ୱାନ, ସୁଯୋଗ ଏବଂ ଭାରତର ବିକାଶ ସମ୍ପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ। ଏହି ଅବସରରେ 'ଦ ନେସନ୍ ସ୍ୱିକ୍ ଲିଡରଶିପ୍ ଆୱାର୍ଡସ୍' ପ୍ରଦାନ କରାଯାଇଥିଲା।। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ୧୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଇନ୍ସାଇଡ୍ କଭର ର ସ୍ୱତନ୍ତ୍ର ବିଶେଷ ସଂସ୍କରଣ ମଧ୍ୟ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନେତୃତ୍ୱ, ସହଯୋଗ, ଚିନ୍ତାଧାରାର ଆଦାନପ୍ରଦାନ ଏବଂ ଭାରତର ଏକ ପ୍ରଗତିଶୀଳ ଓ ଭବିଷ୍ୟତମୁଖୀ ବିକାଶ ନେଇ ଏକ ସାର୍ଥକ ଆଲୋଚନାର ମଞ୍ଚ ସୃଷ୍ଟି କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

# 'କିଷ୍ଟ' କୁ ଜାତୀୟ ସମ୍ମାନ ଗ୍ରହଣ କଲେ ନିର୍ଦ୍ଦେଶକ ଇଂ ଅନିଲ କୁମାର ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ରାଜସ୍ଥାନର ଗୋଲାପୀ ସହର ଜୟପୁର ଠାରେ ଏଡୁସ୍କିଲ ପକ୍ଷରୁ ଆୟୋଜିତ



ଜାତୀୟସ୍ତରୀୟ କଲେଜ ପରିଚାଳନା ସମ୍ମିଳନୀରେ ଓଡ଼ିଶାର କୋଣାର୍କ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଭୁବନେଶ୍ୱରକୁ ସମ୍ମାନଜନକ "Emerging Technology Excellence Award" ପ୍ରଦାନ କରାଯାଇଛି। ଏହି ଜାତୀୟସ୍ତରୀୟ ସମ୍ମିଳନୀରେ ଦେଶର ପ୍ରାୟ ୨୦ଟି ରାଜ୍ୟରୁ ୧୫୦ଟି କଲେଜ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧି, ସହିତ ପ୍ରାୟ ୨୦୦ କମ୍ପାନୀ ମାନବସମ୍ବଳ ମ୍ୟାନେଜର ଏବଂ କର୍ପୋରେଟ୍ ପ୍ରତିନିଧି ଯୋଗଦେଇଥିଲେ। ଉଦୟମାନ ପ୍ରଯୁକ୍ତି, କୌଶଳ ବିକାଶ, ନିଯୁକ୍ତିଯୋଗ୍ୟତା, ଶିଳ୍ପ-ଶିକ୍ଷା ସମନ୍ୱୟ ଏବଂ ଭବିଷ୍ୟତ କାର୍ଯ୍ୟକ୍ଷେତ୍ରର ଆବଶ୍ୟକତା ଉପରେ ଏହି ମଞ୍ଚରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସମ୍ମିଳନୀରେ ବିଶିଷ୍ଟ ଅତିଥି ଭାବେ ଡ଼. ଶୁଭଜିତ ଜଗଦେବ, ପ୍ରତିଷ୍ଠାତା ଏଡୁସ୍କିଲ, ସି ଇ ଓ ହାକିମ ବାଦଶାହ, ପରିଚାଳନା ନିର୍ଦ୍ଦେଶକ – ଦକ୍ଷତା ଦେଲୋଟେ ଡ଼. ସିଦ୍ଧାଲିଙ୍ଗ ସ୍ୱାମୀ , ଉପଦେଷ୍ଟା ଭାରତୀୟ ଶିକ୍ଷା ମନ୍ତ୍ରଣାଳୟ ଏବଂ ରାମଦାସ ଆଠାୱାଲେ, ମାନ୍ୟବର କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଜ୍ୟମନ୍ତ୍ରୀ, ଭାରତ ସରକାର ଉପସ୍ଥିତ ଥିଲେ। ଉଦୟମାନ ପ୍ରଯୁକ୍ତିମୁଖୀ ଶିକ୍ଷା, ନବୀନତା, କୌଶଳ ବିକାଶ ଏବଂ ଛାତ୍ରଛାତ୍ରୀଙ୍କୁ ଶିଳ୍ପକ୍ଷେତ୍ରର ପରିବର୍ତ୍ତନଶୀଳ ଚାହିଦାନୁସାରେ ପ୍ରସ୍ତୁତ କରିବାରେ କିଷ୍ଟର ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଷ୍ଟର ନିର୍ଦ୍ଦେଶକ ଇଂ. ଅନିଲ କୁମାର ପାଣିଗ୍ରାହୀ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଜୟପୁରରେ ଆୟୋଜିତ ଏହି ଜାତୀୟସ୍ତରୀୟ ମଞ୍ଚରେ କିଷ୍ଟର ସଫଳତା ସଂସ୍ଥାର ଶିଳ୍ପମୁଖୀ ଶିକ୍ଷା, ଆଧୁନିକ ପ୍ରଯୁକ୍ତି ଏବଂ ଛାତ୍ରଛାତ୍ରୀଙ୍କ କ୍ୟାରିୟର ଉନ୍ନତି ପ୍ରତି ଅବିରତ ପ୍ରତିବଦ୍ଧତାର ପ୍ରତିଫଳନ। ଏହି ସଫଳତା କିଷ୍ଟ ପରିବାର ସହିତ ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବାବେଳେ, ଜାତୀୟସ୍ତରରେ ପ୍ରଯୁକ୍ତି ଶିକ୍ଷା, ନବୀନତା ଏବଂ ଶିଳ୍ପ-ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାର ପ୍ରାୟୋଗିକ ଶିକ୍ଷାନୁଷ୍ଠାନମାନଙ୍କ ଅବଦାନକୁ ଆହୁରି ପ୍ରତିଷ୍ଠିତ କରିଛି। ଏଥି ପାଇଁ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ ଓ ମନେଜିଙ୍ଗ ଟ୍ରଷ୍ଟି ତଥା ଗ୍ରୁପ ସି ଇ ଓ ସୁରେଶ ପାଣିଗ୍ରାହୀ କିଷ୍ଟର ଅଧ୍ୟକ୍ଷ ଅଧ୍ୟାପକ ଓ ସମସ୍ତ ସଦସ୍ୟଙ୍କୁ ଭୁୟସୀ ପ୍ରଶଂସା କରିଛନ୍ତି।

# ଡିଜିଟାଲ୍ ଠକେଇ : ୯୮.୪ ବିଲିୟନ ସ୍କାମ୍ କଲ୍ ଚିହ୍ନଟ କରିଛି ଏୟାରଟେଲ୍

ଭୁବନେଶ୍ୱର (ସବ୍ୟୁ): ଭାରତର ଡିଜିଟାଲ୍ ଅର୍ଥନୀତି ଦ୍ରୁତ ଗତିରେ ବିସ୍ତାର କରୁଛି, ଏହା ସହିତ ସାଇବର ଠକେଇ ଉଭୟ ପରିମାଣ ଏବଂ ସୁଦୃଢ଼ତାରେ ବୃଦ୍ଧି ପାଉଛି। ଯାହା ପୂର୍ବରୁ ସ୍କାମ୍ କଲ୍ ଏବଂ ଫିସିଂ ମେସେଜ୍ ପର୍ଯ୍ୟନ୍ତ ସୀମିତ ଥିଲା ତାହା ଠକେଇର ଏକ ବ୍ୟାପକ ଇକୋସିଷ୍ଟମରେ ବିକଶିତ ହୋଇଛି, ଯେଉଁଥିରେ ଇମପର୍ସୋନେସନ ସ୍କାମ୍, ନକଲି ବ୍ୟାଙ୍କିଂ ଅନୁରୋଧ, କ୍ଷତିକାରକ ଲିଙ୍କ୍, ନିବେଶ ଠକେଇ ଏବଂ ଓଟିପି-ଲିଙ୍କ୍ ହୋଇଥିବା ଆର୍ଥିକ ସ୍କାମ୍ ଅନ୍ତର୍ଭୁକ୍ତ। ସରକାର ଏବଂ ଶିଳ୍ପ ତଥ୍ୟ ସୂଚାଇ ଦିଏ ଯେ ବିପଦ ବର୍ତ୍ତମାନ ବ୍ୟାପକ ଏବଂ ବର୍ଦ୍ଧିତ ଭାବରେ ସଂଗଠିତ। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି) ଅନୁଯାୟୀ, ଗତ ଛଅ ବର୍ଷ ମଧ୍ୟରେ ଭାରତୀୟମାନେ ସାଇବର ଠକେଇ ଯୋଗୁଁ ଟ.୫୨,୯୭୬ କୋଟିରୁ ଅଧିକ କ୍ଷତି କରିଛନ୍ତି। ଏନସିଆରବି ତଥ୍ୟ ମଧ୍ୟ ସାଇବର ଅପରାଧ ମାମଲାରେ ନିରନ୍ତର ବୃଦ୍ଧି ଦର୍ଶାଉଛି, ଯଦିଓ ସାରା ଦେଶରେ ସାମଗ୍ରିକ ଅପରାଧ ସ୍ତର ହ୍ରାସ ପାଇଛି। ବ୍ୟାଙ୍କିଂ, ପେମେଣ୍ଟ, ସ୍ୱାସ୍ଥ୍ୟସେବା, ବାଣିଜ୍ୟ ଏବଂ ସରକାରୀ ସେବାଗୁଡ଼ିକରେ ଡିଜିଟାଲ୍ ସେବାଗୁଡ଼ିକ ଦୈନନ୍ଦିନ ଜୀବନରେ ଅଧିକ ଗଭୀର ଭାବରେ ସନ୍ନିହିତ ହେବା ସହିତ, ଟେଲିକମ୍ ନେଟୱାର୍କଗୁଡ଼ିକ ଡିଜିଟାଲ୍ ସୁରକ୍ଷାରେ ଏକ ବଡ଼ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବ୍ୟବହାରକାରୀମାନେ ବର୍ଦ୍ଧିତ ଭାବରେ ଆଶା କରୁଛନ୍ତି ଯେ ନେଟୱାର୍କଗୁଡ଼ିକ କେବଳ ସଂଯୋଗ ପ୍ରଦାନ କରିବ ନାହିଁ, ବରଂ ଡିଜିଟାଲ୍ ଯୋଗାଯୋଗ ସହିତ ଜଡିତ ବିପଦଗୁଡ଼ିକୁ ଚିହ୍ନଟ ଏବଂ ହ୍ରାସ କରିବ।

### ଏମ୍ଏମ୍‌ଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବି ପ୍ରସଙ୍ଗ

# ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟବାସୀ ଯୋଗ ଦେବାକୁ ବିଜେଡିର ନିବେଦନ

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ସଂଶୋଧନ ଆଇନ ରାଜ୍ୟ ସ୍ୱାର୍ଥ ବିରୋଧୀ ହୋଇଥିବାରୁ ଏହାର ପ୍ରତ୍ୟାହାର ଦାବିରେ ବିଜୁ ଜନତା ଦଳ ତରଫରୁ ବିଧାନସଭା ସମ୍ମୁଖରେ ସେପ୍ଟେମ୍ବର ୨୮ ତାରିଖରେ ହେବାକୁ ଯାଉଥିବା ବିଶାଳ ଗଣବିକ୍ଷୋଭରେ ସମସ୍ତ ରାଜ୍ୟବାସୀଙ୍କୁ ସାମିଲ ହେବାକୁ ଦଳ ତରଫରୁ ନିବେଦନ କରାଯାଇଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ଖଣି ଓ ଖଣି ଥିବା ଜମି ଉପରେ ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ଛଡାଇ ନେଇଛି । ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହା ଜୁଲାଇ ୨୫ରେ ଦେଇଥିବା ଆଦେଶରେ, ଖଣି ଓ ଖଣି ଥିବା ଜମି ଉପରେ ରାଜ୍ୟମାନେ ଟିକସ ଓ ଲେଭି ଲଗାଇ ପାରିବେ ଓ ୨୦୦୫ ମସିହାରୁ ଏହାର ବକେୟା ଆଦାୟ କରି ପାରିବେ ବୋଲି କହିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ, ଓଡିଶା ବକେୟା ବାବଦକୁ ଏକ ଲକ୍ଷ କୋଟି ଓ ବର୍ଦ୍ଧିତ ରାଜସ୍ୱ ବାବଦକୁ ୧୨,୦୦୦ କୋଟି ଟଙ୍କା ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏମଏମଡିଆର ଆଇନ ଏହି ସୁଯୋଗକୁ ନଷ୍ଟ କରିଦେଲା । ଏହି ରାଜ୍ୟ ବିରୋଧୀ କଳା ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ତରଫରୁ ସେପ୍ଟେମ୍ବର ୨୮ ତାରିଖରେ ଲୋୟର ପିଏମଜି ଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହା ଦିନ ୧୦ଟାରୁ ଆରମ୍ଭ ହେବ । ଏଥିରେ, ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିବେ । ତେଣୁ, ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଡ. ମହାନ୍ତି ନିବେଦନ କରିଛନ୍ତି ।

# ଆଇଆଇଏଚ୍ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ସେପ୍‌ଟେମ୍ବର ମାସକୁ 'ଇଡିଓପାଥିକ୍ ଇଂଟ୍ରାକ୍ରାନିଆଲ୍ ହାଇପରଟେନସନ' (ଆଇଆଇଏଚ୍) ସଚେତନତା ମାସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଏଲ୍. ଭି. ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ), ଆଇଆଇଏଚ୍ ୱାରିୟର୍ସ ଇଣ୍ଡିଆର ମିଳିତ ସହଯୋଗରେ ଆସନ୍ତା ସେପ୍‌ଟେମ୍ବର ୩୦, ୨୦୨୬ (ବୁଧବାର) ଅପରାହ୍ନ ୪:୦୦ ସମୟରେ ବିଶାଖାପାଟଣାସ୍ଥିତ ଜିଏମ୍ଆର୍ ବରଲକ୍ଷ୍ମୀ କ୍ୟାମ୍ପସରେ ଏକ ଆଇଆଇଏଚ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ସ୍ୱତନ୍ତ୍ର ଅଧିବେଶନଟି ଉଭୟ ସ୍ୱଶରୀରରେ ଉପସ୍ଥିତ ରହି ଏବଂ ଅନଲାଇନ୍ ମାଧ୍ୟମରେ ଜୁମ୍ (ମିଟିଂ ଆଇଡି: ୮୪୪୦୬୬୫୨୧୦୦, ପାସୱାର୍ଡ: LVPEI@2026) ସାହାଯ୍ୟରେ ଉପଲବ୍ଧ ହେବ, ଯାହା ଏହି ଜଟିଳ ସ୍ନାୟୁଗତ ସମସ୍ୟା ଉପରେ ଆଲୋକପାତ କରିବ ଏବଂ 'ନଟ୍ ଜଷ୍ଟ୍ ଏ ହେଡେକ୍' (କେବଳ ଏକ ମୁଣ୍ଡବିନ୍ଧା ନୁହେଁ) ବିଷୟବସ୍ତୁକୁ ପ୍ରସାରିତ କରିବ । ଇଡିଓପାଥିକ୍ ଇଂଟ୍ରାକ୍ରାନିଆଲ୍ ହାଇପରଟେନସନ (ଆଇଆଇଏଚ୍) ଉପରେ ତୁରନ୍ତ ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ, କାରଣ ଏହାର ଲକ୍ଷଣଗୁଡ଼ିକ ପ୍ରାୟତଃ ସାଧାରଣ ମାଇଗ୍ରେନ୍, ସାଧାରଣ ମୁଣ୍ଡବିନ୍ଧା ଏବଂ ଶାରୀରିକ ଦୁର୍ବଳତା ଭଳି ଦେଖାଯାଇଥାଏ । ଦୃଷ୍ଟିଶକ୍ତି ହ୍ରାସ ପାଇବା, ଗୋଟିଏ ଜିନିଷ ଦୁଇଟି ଦେଖାଯିବା କିମ୍ବା ଅନ୍ୟ କୌଣସି ଜଟିଳତା ସୃଷ୍ଟି ହେବା ପର୍ଯ୍ୟନ୍ତ ଏହା ଅଜଣା ହୋଇ ରହିଯାଇଥାଏ, ଯାହାଫଳରେ ରୋଗ ଚିହ୍ନଟ ଓ ଚିକିତ୍ସାରେ ବିଳମ୍ବ ହୁଏ । ଆଇଆଇଏଚ୍‌ରୋଗୀଙ୍କୁ ସ୍ୱାଭାବିକ ଜୀବନକୁ ଫେରାଇ ଆଣିବା ପାଇଁ ଚକ୍ଷୁ ରୋଗ ବିଶେଷଜ୍ଞ, ସ୍ନାୟୁ ରୋଗ ବିଶେଷଜ୍ଞ, ନ୍ୟୁରୋସର୍ଜନ ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞମାନଙ୍କୁ ନେଇ ଏକ ବହୁମୁଖୀ ଚିକିତ୍ସା ସେବାର ଆବଶ୍ୟକତା ପଡ଼ିଥାଏ । ଯଦି ଏହାର ଉପଯୁକ୍ତ ଚିକିତ୍ସା କରାନଯାଏ, ତେବେ ଆଇଆଇଏଚ୍‌ଯୋଗୁଁ ସବୁଦିନ ପାଇଁ ଦୃଷ୍ଟିଶକ୍ତି ଚାଲିଯିବା ଏବଂ ଅସହ୍ୟ ମୁଣ୍ଡବିନ୍ଧା ଭଳି ଗୁରୁତର ପରିଣାମ ଭୋଗିବାକୁ ପଡ଼ିପାରେ; ତେଣୁ ସାଧାରଣ ଜନତା ଏବଂ ସ୍ୱାସ୍ଥ୍ୟସେବା କର୍ମୀ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଏହି ରୋଗକୁ ଶୀଘ୍ର ଚିହ୍ନଟ କରାଯାଇ ଏହାର ସଠିକ୍ ପରିଚାଳନା କରାଯାଇପାରିବ, ଯାହା ଗୁରୁତର ଜଟିଳତାକୁ ରୋକିବାରେ ସହାୟକ ହେବ ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ କଟକ ଜିଲ୍ଲା ପ୍ରଶାସନ ସଜାଗ

କଟକ, (ସବ୍ୟୁ) : ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସିତ ହେଉଥିବା ପରିପ୍ରେକ୍ଷୀରେ କଟକ ଜିଲ୍ଲାର ତଳିଆ ଅଞ୍ଚଳ ଓ ନଦୀକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ନଜର ରଖାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ ଓ ତହସିଲଦାରମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ତଳିଆ ଅଞ୍ଚଳରେ ନିୟମିତ ନଜର ରଖିବା, ଆବଶ୍ୟକ ସ୍ଥଳରେ ତୁରନ୍ତ ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା କରିବା ସହ ବଳହା ଓ ବାଲିବସ୍ତା ମହଜୁଦ ରଖିବା ଏବଂ ଜନସାଧାରଣଙ୍କୁ ସତର୍କ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ଼ ଉପଜିଲ୍ଲାପାଳଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥଳ ପରିଦର୍ଶନ କରାଯାଇ ବଡ଼ମ୍ବା ତହସିଲ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡିକର ସ୍ଥିତି ଅନୁଧ୍ୟାନ କରାଯାଇଛି। ଆବଶ୍ୟକ ସ୍ଥାନରେ ତୁରନ୍ତ ପଦକ୍ଷେପ ନେବାକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଙ୍କୀ-ଡମପଡ଼ା ବ୍ଲକରେ ମାଇକ୍ ଯୋଗେ ଜନସାଧାରଣଙ୍କୁ ସତର୍କ କରାଯାଉଛି। ସେହିପରି କଟକ ମହାନଗର ନିଗମ ପକ୍ଷରୁ ନଦୀଘାଟ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ନିୟମିତ ଯାଞ୍ଚ କରାଯାଇବା ସହ ଲୋକମାନଙ୍କୁ ନଦୀକୁ ନଯିବା ଏବଂ ସୁରକ୍ଷା ନିୟମ ପାଳନ କରିବା ନେଇ ସଚେତନ କରାଯାଉଛି। ବଡ଼ମ୍ବା ବ୍ଲକର ନଦୀ ସଂଲଗ୍ନ ଓ ସମ୍ବେଦନଶୀଳ ଗ୍ରାମପଞ୍ଚାୟତଗୁଡ଼ିକରେ ମଧ୍ୟ ମାଇକ୍ ଯୋଗେ ସତର୍କତାମୂଳକ ପ୍ରଚାର ଜାରି ରହିଛି। ସେହିପରି ଆଠଗଡ଼ ତହସିଲ ଅନ୍ତର୍ଗତ ବିପଦପ୍ରବଣ ଅଞ୍ଚଳଗୁଡ଼ିକରେ ମଧ୍ୟ ମାଇକିଂ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

### ସୋଆ ବିଶ୍ୱବିଦ୍ୟାଳୟର ଯୁକ୍ତଦୁଇ ବିଦ୍ୟାଳୟ, ଆଇ.ଏଚ.ଏସ୍.ସିରେ

# "ମାଇଣ୍ଡ ମାଟର୍ସ" ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଯୁକ୍ତଦୁଇ ମହାବିଦ୍ୟାଳୟର ପରିସରରେ ଆଜି ଅପରାହ୍ନରେ ଗ୍ଲୋବାଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମେଡିକାଲ୍ ଷ୍ଟୁଡେଂଟସ୍ (ଜିଏଆଇଏମ୍ଏସ୍) ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ମାଇଣ୍ଡ ମାଟର୍ସ' ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସଭାପତିତ୍ୱ କରିଥିଲେ ଜିଏଆଇଏମ୍ଏସ୍‌ର ମୁଖ୍ୟ ଡା. ମୌସୁମୀ ଭଟ୍ଟାଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆଇ.ଏଚ.ଏସ୍.ସିର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଦିଲୀପ ସାହୁ, ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ରବୀନ୍ଦ୍ର କୁମାର କର ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ ପାଣିଗ୍ରାହୀ। ଅତିଥିମାନେ ଓଡ଼ିଆ ଭାଗବତ ଓ ଯୋଗ ଦର୍ଶନ ଆଧାରରେ




କିଶୋରାବସ୍ଥାର ଚାପ, ଉଦ୍‌ବେଗ ଓ ମାନସିକ ଦ୍ୱନ୍ଦ୍ୱକୁ କିପରି ସାମ୍ନା କରାଯାଇପାରିବ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ମନୋଚିକିତ୍ସକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ନିଜର ମନର ଦ୍ୱନ୍ଦ୍ୱ ଦୂର କରିଥିଲେ। ବିଶେଷ କରି "ମନକୁ ବୁଝିବା, ମନକୁ ସମ୍ଭାଳିବା ଓ ଆଶାକୁ ଜାଗ୍ରତ କରିବା' ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳା ଶେଷରେ ଜିଏଆଇଏମ୍ଏସ୍‌ର ବରିଷ୍ଠ ଅଧିକାରୀ ଡା. ସତ୍ୟ ସାର୍ଥକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

# ନାଗା ଶାନ୍ତି ଆଲୋଚନାରେ ସାମିଲ ହେବେ କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ:** ନାଗା ଶାନ୍ତି ପ୍ରକ୍ରିୟାକୁ ନେଇ ଏକ ନୂଆ ପଦକ୍ଷେପ ସାମ୍ନାକୁ ଆସିଛି। ନାଗା ବିଦ୍ରୋହୀ ସଂଗଠନ ଏନଏସସିଏନ୍-ଆଇଏମ୍ ସହ ଚାଲିଥିବା ଆଲୋଚନାରେ ଜଣେ କେନ୍ଦ୍ରମନ୍ତ୍ରୀ କିମ୍ବା କେନ୍ଦ୍ର ସ୍ତରର ମନ୍ତ୍ରୀମାନଙ୍କ ଏକ ଗୋଷ୍ଠୀକୁ ସାମିଲ କରିବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଦୀର୍ଘଦିନ ଧରି ଆଲୋଚନାରେ ରାଜନୈତିକ ପ୍ରତିନିଧିଙ୍କ ଅଂଶଗ୍ରହଣ ପାଇଁ ଏନଏସସିଏନ୍-ଆଇଏମ୍ ଦାବି କରିଆସୁଥିଲା। କେନ୍ଦ୍ରର ଏହି ପଦକ୍ଷେପକୁ ସଂଗଠନ ସ୍ୱାଗତ କରିଛି। ଏନଏସସିଏନ୍-ଆଇଏମ୍ କହିଛି, ଏହି ପଦକ୍ଷେପ ଶାନ୍ତି ଆଲୋଚନାକୁ ତ୍ୱରାନ୍ୱିତ କରିବା ସହ ଏକ ସ୍ଥାୟୀ ରାଜନୈତିକ ସମାଧାନ ପାଇଁ ଆବଶ୍ୟକ ଗତି ସୃଷ୍ଟି କରିପାରେ। ଏଥିସହ ପୂର୍ବତନ ଜଏଣ୍ଟ ଇଣ୍ଟେଲିଜେନ୍ସ କମିଟି ମୁଖ୍ୟ ଅଜିତ ଲାଲଙ୍କୁ ଆଲୋଚନାର ଇଣ୍ଟରଲୋକ୍ୟୁଟର ଭାବେ ନିଯୁକ୍ତ କରାଯିବାକୁ ମଧ୍ୟ ସଂଗଠନ ପ୍ରଥମ ଥର ପାଇଁ ସ୍ୱାଗତ କରିଛି। ଲାଲ୍ ଫେବ୍ରୁଆରୀରେ ଗୃହ ମନ୍ତ୍ରଣାଳୟରେ ଉତ୍ତର-ପୂର୍ବାଞ୍ଚଳ ବ୍ୟାପାର ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଥିଲେ। ଭାରତ ସରକାର ଓ ଏନଏସସିଏନ୍-ଆଇଏମ୍ ମଧ୍ୟରେ ୧୯୯୭ରୁ ଶାନ୍ତି ଆଲୋଚନା ଚାଲିଛି। ୨୦୧୫ ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ 'ଫ୍ରେମ୍ୱର୍କ ଆଗ୍ରିମେଣ୍ଟ' ସ୍ୱାକ୍ଷର ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଲୋଚନାରେ ବିଶେଷ ଅଗ୍ରଗତି ହୋଇନଥିଲା। ପୂର୍ବତନ ଇଣ୍ଟରଲୋକ୍ୟୁଟର ଆର୍.ଏନ୍. ରବିଙ୍କ ସହ ଏନଏସସିଏନ୍-ଆଇଏମ୍ର ମତଭେଦ ଯୋଗୁଁ ଆଲୋଚନା ଆହୁରି ଜଟିଳ ହୋଇଥିଲା। ପରେ ଏ.କେ. ମିଶ୍ରଙ୍କୁ ଇଣ୍ଟରଲୋକ୍ୟୁଟର କରାଯାଇଥିଲେ ମଧ୍ୟ ବିଶେଷ ଅଗ୍ରଗତି ହୋଇନଥିଲା। ଏନଏସସିଏନ୍-ଆଇଏମ୍ ନାଗାଲାଣ୍ଡ ସରକାରଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରିଛି। ତେବେ ସଂଗଠନର କିଛି ମୁଖ୍ୟ ଦାବି, ବିଶେଷକରି ନାଗା ପତାକା ଓ ଅଲଗା ସମ୍ବିଧାନ, ଏବେ ବି ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇରହିଛି। ଏନଏସସିଏନ୍-ଆଇଏମ୍ ଏଗୁଡ଼ିକୁ 'ଅଣ-ଆଲୋଚନାଯୋଗ୍ୟ' ବୋଲି କହିଛି।

# ହର୍ମୁଜରେ ଦ୍ୱିତୀୟ ଆମେରିକୀୟ ଅଣ୍ଡରୱାଟର ଡ୍ରୋନ୍ ଜବତ ଦାବି



ତେହରାନ: ଆମେରିକା ଓ ଇରାନ ମଧ୍ୟରେ ଟଣାଟଣି ଜାରି ରହିଥିବାବେଳେ ରଣନୀତିକ ଗୁରୁତ୍ୱ ବହନ କରୁଥିବା ହର୍ମୁଜ୍ ପ୍ରଣାଳୀରେ ଇରାନ ଏକ ବଡ଼ ଦାବି କରିଛି। ଇରାନର ଇସ୍ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ୍ସ କର୍ପସ୍ (IRGC) ନୌସେନା ରବିବାର କହିଛି ଯେ, ସେମାନେ ହର୍ମୁଜ୍ ପ୍ରଣାଳୀରୁ ଦ୍ୱିତୀୟ ଆମେରିକୀୟ ମାନବବିହୀନ ଅଣ୍ଡରୱାଟର ଯାନ ରେମସ୍ ୬୦୦କୁ ଜବତ କରିଛନ୍ତି। ତେବେ ଏହି ଦାବିର ସ୍ୱାଧୀନ ପୁଷ୍ଟି ଏପର୍ଯ୍ୟନ୍ତ ହୋଇନାହିଁ। ଇରାନୀ ରାଷ୍ଟ୍ରାୟତ ପ୍ରସାରଣ ସଂସ୍ଥା ଆଇଆରଆଇବି ଅନୁସାରେ, । ଆରଜିସି ନୌସେନା କହିଛି ଯେ ଗୁପ୍ତଚର ତଥ୍ୟ ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧ କ୍ଷମତାର ସମନ୍ୱୟରେ ଏହି ଅଭିଯାନ କରାଯାଇଥିଲା। ଇରାନର ଦାବି ଅନୁସାରେ, ଏହି ଅଣ୍ଡରୱାଟର ଯାନ ହର୍ମୁଜ୍ରେ ଗୁପ୍ତଚର କାର୍ଯ୍ୟକଳାପରେ ନିୟୋଜିତ ଥିଲା। ଜବତ ଯାନକୁ ଇରାନୀ ସାମରିକ ବିଶେଷଜ୍ଞମାନଙ୍କ ନିକଟକୁ ହସ୍ତାନ୍ତର କରାଯାଇଥିବା ଏବଂ ଏଥିରୁ ତଥ୍ୟ ଉଦ୍ଧାର ପାଇଁ ବିଶ୍ଳେଷଣ କରାଯାଉଥିବା କୁହାଯାଇଛି। ଏହାପୂର୍ବରୁ ଚଳିତ ମାସରେ ମଧ୍ୟ ଇରାନ ଅନ୍ୟ ଏକ ଆମେରିକୀୟ ଅଣ୍ଡରୱାଟର ଡ୍ରୋନ୍ ଜବତ କରିଥିବା ଦାବି କରିଥିଲା। ସେହି ଘଟଣାକୁ ନେଇ ଆମେରିକା ଇରାନର ବର୍ଣ୍ଣନାକୁ ଚ୍ୟାଲେଞ୍ଜ କରିଥିଲା। ଏପଟେ ଆରଜିସି ହର୍ମୁଜ୍ ପ୍ରଣାଳୀକୁ ବନ୍ଦ ଘୋଷଣା କରିବା ସହ ଅନୁମତିବିହୀନ ଜାହାଜ ଚଳାଚଳ ବିରୋଧରେ କଠୋର ପଦକ୍ଷେପ ଜାରି ରହିବ ବୋଲି ଚେତାବନୀ ଦେଇଛି।

# 'ଜେଲ୍ ଭରୋ ଆନ୍ଦୋଳନ' କରିବାକୁ ସିଜେପିର ଚେତାବନୀ



**ମୁମ୍ବାଇ:** ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ମୁମ୍ବାଇରେ ପ୍ରସ୍ତାବିତ ପ୍ରତିବାଦ କାର୍ଯ୍ୟକ୍ରମକୁ ମୁମ୍ବାଇ ପୁଲିସ ଅନୁମତି ଦେଇନଥିବା କହିଛି 'କକ୍ରୋଚ୍ ଜନତା ପାର୍ଟି'। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେ ରବିବାର ସୋସିଆଲ୍ ମିଡିଆ ପୋଷ୍ଟରେ ଏହି ଦାବି କରିଛନ୍ତି। ଅନୁମତି ନଦେବାକୁ ସେ ନାଗରିକଙ୍କ ପ୍ରତିବାଦ ଅଧିକାରକୁ ଦମନ କରିବାର ପ୍ରୟାସ ବୋଲି ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ପ୍ରତିବାଦ ପାଇଁ ଅନୁମତି ନମିଳିଲେ ଗାନ୍ଧୀ ଜୟନ୍ତୀ ଦିନ ମୁମ୍ବାଇରେ 'ଜେଲ୍ ଭରୋ ଆନ୍ଦୋଳନ' କରାଯିବ। ଏହା ପୂର୍ବରୁ ସିଜେପି ଘୋଷଣା କରିଥିଲା ଯେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଇସ୍ତଫା ନଦେଲେ ଅକ୍ଟୋବର ୨ରୁ ମୁମ୍ବାଇରୁ ଦେଶବ୍ୟାପୀ ପ୍ରତିବାଦ ଆରମ୍ଭ କରାଯିବ। ଏହା ପୂର୍ବରୁ ଦଳ ପକ୍ଷରୁ ୪୮ ଘଣ୍ଟା ମଧ୍ୟରେ ସିଇସିଙ୍କ ଇସ୍ତଫା ଦାବି କରାଯାଇଥିଲା ଏବଂ ଦାବି ପୂରଣ ନହେଲେ 'ଜନ୍ତର ମନ୍ତର ୨.୦' ଭଳି ପ୍ରତିବାଦ ହେବ ବୋଲି କୁହାଯାଇଥିଲା। ସିଜେପି ପକ୍ଷରୁ ତିନିଟି ପ୍ରମୁଖ ଦାବି ରଖାଯାଇଛି। ଏଥିରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ତାଙ୍କ ବିରୋଧରେ ଆପରାଧିକ ତଦନ୍ତ, ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟାକୁ ସ୍ଥଗିତ ରଖି ଜାନୁଆରୀ ୨୦୨୫ର ଭୋଟର ତାଲିକା ପୁନଃସ୍ଥାପନ ଏବଂ ନିର୍ବାଚନ କମିଶନ ସମ୍ପର୍କିତ ୨୦୨୩ର ଆଇନକୁ ପ୍ରତ୍ୟାହାର କରି ନିର୍ବାଚନୀ ସଂସ୍ଥାରେ ସଂସ୍କାର ଆଣିବା ରହିଛି। ଏହି ଘଟଣା ଏମିତି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ତଦନ୍ତ ରିପୋର୍ଟରେ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ସମ୍ପର୍କିତ କିଛି ପଦକ୍ଷେପ ନେଇ ୧୦ ମାସ ମଧ୍ୟରେ ଅତିକମରେ ୧୪ ଥର ଆପତ୍ତି ଉଠାଇଥିବା ଦାବି କରାଯାଇଥିଲା।

# ମିସାଇଲ୍ ନୁହେଁ, ଟେକ୍ନୋଲୋଜିରେ ହେବ ଆଗାମୀ ଯୁଦ୍ଧ

**ନୂଆଦିଲ୍ଲୀ:** ଆଗାମୀ ଦିନର ଯୁଦ୍ଧ କେବଳ ମିସାଇଲ୍, ଟ୍ୟାଙ୍କ୍ ଓ ଯୁଦ୍ଧବିମାନ ମଧ୍ୟରେ ସୀମିତ ରହିବ ନାହିଁ। ଟେକ୍ନୋଲୋଜିର ଦ୍ରୁତ ବିକାଶ ସହ ଯୁଦ୍ଧର ରଣନୀତି ମଧ୍ୟ ଦ୍ରୁତ ବଦଳୁଛି। 'ଫିଫ୍ଥ ଜେନେରେସନ୍ ୱାରଫେୟାର' ବା 5GW ଭାବେ ପରିଚିତ ଏହି ନୂଆ ଧାରଣାରେ ଶତ୍ରୁ ଦେଶକୁ ପାରମ୍ପରିକ ସାମରିକ ଆକ୍ରମଣ ବିନା ଦୁର୍ବଳ କରିବା ଉପରେ ଗୁରୁତ୍ୱ ରହିଛି। ସାଇବର ଆକ୍ରମଣ, କୃତ୍ରିମ ବୁଦ୍ଧିମତ୍ତା, ଡ୍ରୋନ୍, ତଥ୍ୟ ଓ ସୂଚନା ଯୁଦ୍ଧ ଏହାର ମୁଖ୍ୟ ଅଂଶ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଯୁଦ୍ଧ ପଦ୍ଧତିରେ କୌଣସି ଦେଶର ସାମରିକ ଠିକଣାକୁ ଟାର୍ଗେଟ୍ କରିବା ବଦଳରେ ତାହାର ଡିଜିଟାଲ୍ ଓ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଚେଷ୍ଟା ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି, ଯୋଗାଯୋଗ ବ୍ୟବସ୍ଥା, ସରକାରୀ ନେଟୱର୍କ ଓ ତଥ୍ୟ ପ୍ରଣାଳୀ ଉପରେ ସାଇବର ଆକ୍ରମଣ ଏହାର ଏକ ପ୍ରମୁଖ ଦିଗ। ଏପରି ଆକ୍ରମଣ ଦ୍ୱାରା ଦୈନନ୍ଦିନ ସେବା ବ୍ୟାହତ ହେବା ସହ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇପାରେ। ଏଆଇ ଓ ଡ୍ରୋନ୍ର ବ୍ୟବହାର ମଧ୍ୟ 5GWର ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଆଇ ଆଧାରିତ ପ୍ରଣାଳୀ ବିପୁଳ ପରିମାଣର ତଥ୍ୟ ବିଶ୍ଳେଷଣ କରି ଦ୍ରୁତ



ନିଷ୍ପତ୍ତି ନେବାରେ ସହାୟକ ହୋଇପାରେ। ଡ୍ରୋନ୍ ଓ ମାନବବିହୀନ ପ୍ରଣାଳୀ ନଜରଦାରି, ଗୁଇନ୍ଦା ତଥ୍ୟ ସଂଗ୍ରହ ଏବଂ ସାମରିକ ଅଭିଯାନରେ ବ୍ୟବହୃତ ହେଉଛି। ଏହା ସହ ସୋସିଆଲ୍ ମିଡିଆ ଓ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଭୁଲ ତଥ୍ୟ, ପ୍ରଚାର ଓ ଜନମତକୁ ପ୍ରଭାବିତ କରିବା ମଧ୍ୟ ଏହି ନୂଆ ଯୁଦ୍ଧ ଧାରଣାର ଅଂଶ ଭାବେ ଆଲୋଚିତ ହେଉଛି। ଫଳରେ ଭବିଷ୍ୟତର ସୁରକ୍ଷା ବ୍ୟବସ୍ଥାରେ କେବଳ ଅସ୍ତ୍ରଶସ୍ତ୍ର ନୁହେଁ, ସାଇବର ସୁରକ୍ଷା, ଡିଜିଟାଲ୍ ଭିତ୍ତିଭୂମି ଓ ସୂଚନା ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱ ବହନ କରିବ।

# ଆରଟିଆଇ ବିବାଦରେ ପଛକୁ ହଟିଲେ ବିଜୟ ସରକାର



**ଚେନ୍ନାଇ:** ସୂଚନା ଅଧିକାର ଆଇନକୁ ନେଇ ବିବାଦ ମଧ୍ୟରେ ତାମିଲନାଡୁର ବିଜୟ ନେତୃତ୍ୱାଧୀନ ଟିଭିକେ ସରକାର ନିଜ ନିଷ୍ପତ୍ତିରୁ ପଛକୁ ହଟିଛି। ରାଜ୍ୟ ସରକାରଙ୍କ ସାଧାରଣ (ଆଇନ ଓ ଶୃଙ୍ଖଳା) ବିଭାଗକୁ ଆରଟିଆଇ ଆଇନର ପରିସରରୁ ବାଦ୍ ଦେଇ ଜାରି କରାଯାଇଥିବା ସରକାରୀ ଆଦେଶକୁ ରବିବାର ପ୍ରତ୍ୟାହାର କରାଯାଇଛି। ଏହି ନିଷ୍ପତ୍ତି ପ୍ରକାଶ ପାଇବା ପରେ ସରକାରୀ ସହଯୋଗୀ ଦଳ, ବିରୋଧୀ ନେତା ଓ ସ୍ୱଚ୍ଛତା କର୍ମୀଙ୍କ ପକ୍ଷରୁ ସମାଲୋଚନା ହୋଇଥିଲା। ମାନବ ସମ୍ବଳ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି ଯେ, ୨୧ ସେପ୍ଟେମ୍ବର ୨୦୨୬ରେ ଜାରି ହୋଇଥିବା GO Ms. No.57କୁ ପ୍ରତ୍ୟାହାର କରାଯାଇଛି। ପୂର୍ବ ଆଦେଶରେ ଆଇନ ଓ ଶୃଙ୍ଖଳା ବିଭାଗକୁ ଆରଟିଆଇ ଆଇନର ଧାରା ୨୪(୪) ଅନୁସାରେ ଏକ 'ଇଣ୍ଟେଲିଜେନ୍ସ ଆଣ୍ଡ ସିକ୍ୟୁରିଟି ଅର୍ଗାନାଇଜେସନ୍' ଭାବେ ଘୋଷଣା କରାଯାଇଥିଲା। ଏହି ବିଭାଗର କାର୍ଯ୍ୟକ୍ଷେତ୍ର ବ୍ୟାପକ। ପୁଲିସ ଗୁଳିଚାଳନା, ହାଜତ ମୃତ୍ୟୁ, ପୁଲିସ ନିର୍ଯାତନା, ରିମାଣ୍ଡରେ ମୃତ୍ୟୁ, ସାମ୍ପ୍ରଦାୟିକ ଓ ଜାତିଗତ ସଂଘର୍ଷ, ରାଜନୈତିକ ଆନ୍ଦୋଳନ ଏବଂ ପ୍ରତିରୋଧମୂଳକ ଅଟକ ସମ୍ପର୍କିତ ମାମଲା ଏହା ଅଧୀନରେ ଆସେ। ଏହି କାରଣରୁ ବିଭାଗକୁ ଆରଟିଆଇ ରୁ ବାଦ୍ ଦେବା ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ସିପିଆଇ(M) ସାଂସଦ ସୁ. ଭେଙ୍କଟେସନଙ୍କ ସମେତ ବିଭିନ୍ନ ନେତା ଏହାକୁ ସମାଲୋଚନା କରିଥିଲେ। ଭିସିକେ ନେତା ଥୋଲ୍ ଥିରୁମାଭାଲଭନ୍ ମଧ୍ୟ ଏହି ନିଷ୍ପତ୍ତି ମାନବାଧିକାର ସମ୍ପର୍କିତ ତଥ୍ୟକୁ ପ୍ରଭାବିତ କରିପାରେ ବୋଲି ଆପତ୍ତି ଉଠାଇଥିଲେ। ଆରଟିଆଇ ଆଇନର ଧାରା ୨୪ ଅନୁସାରେ ନିର୍ଦ୍ଦିଷ୍ଟ ଗୁଇନ୍ଦା ଓ ସୁରକ୍ଷା ସଂଗଠନକୁ ଛାଡ଼ ଦିଆଯାଇପାରେ। ତେବେ ଦୁର୍ନୀତି ଓ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ତଥ୍ୟ ପାଇଁ ଆଇନରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଏହିପରି, ଆଦେଶ ଜାରି ହେବାର କିଛି ଘଣ୍ଟା ମଧ୍ୟରେ ତାହାର ପ୍ରତ୍ୟାହାର ତାମିଲନାଡୁ ସରକାରଙ୍କ ପାଇଁ ଏକ ଚର୍ଚ୍ଚିତ ପ୍ରଶାସନିକ ଘଟଣା ହୋଇଛି।

# ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ୍ କାର୍ଯ୍ୟକ୍ରମରେ ପୁଣି ଥରେ ଦେଶବାସୀଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ୧୩୮ତମ ଏପିସୋଡରେ ପ୍ରଧାନମନ୍ତ୍ରୀ ପ୍ରଥମେ ସର୍ଜିକାଲ୍ ଷ୍ଟ୍ରାଇକ୍ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ୧୦ ବର୍ଷ ପୂର୍ବେ, ୨୮-୨୯ ସେପ୍ଟେମ୍ବର ୨୦୧୬ରେ ଭାରତୀୟ ସେନା ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା। ଆମର ସାହସୀ ସୈନିକମାନେ ଏଲଓସି ପାର କରି ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ସର୍ଜିକାଲ୍ ଷ୍ଟ୍ରାଇକ୍ ସାହସିକ ଭାବରେ ସମଗ୍ର ବିଶ୍ୱ ସମ୍ମୁଖରେ ଭାରତର ଆତଙ୍କବାଦ ବିରୋଧୀ ଶୂନ୍ୟ ସହନଶୀଳ ନୀତିର ଏକ ନୂତନ ଉଦାହରଣ ଉପସ୍ଥାପନ କରିଥିଲା। ଗତ ଦଶନ୍ଧି ଧରି, ବାଲାକୋଟ ଏୟାରଷ୍ଟ୍ରାଇକ ଠାରୁ ଆରମ୍ଭ କରି ଅପରେସନ ସିନ୍ଦୁର ପର୍ଯ୍ୟନ୍ତ, ଭାରତ ବାରମ୍ବାର ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ଯଦି ଆତଙ୍କବାଦୀମାନେ ଭାରତ ଉପରେ ଆକ୍ରମଣ କରିବାକୁ ସାହସ କରନ୍ତି, ତେବେ ସେମାନଙ୍କୁ ଉପଯୁକ୍ତ ଜବାବ ଦିଆଯିବ। ଆଜି ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅନୁସରଣ କରୁଛି, ଏବଂ ଆମେ ଏହାର ଫଳାଫଳ ଦେଖୁଛୁ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରାୟ ସମାପ୍ତ ହୋଇଛି। ୩୨ କୋଟିରୁ ଅଧିକ ପରିବାରର ସୂଚନା ରେକର୍ଡ କରାଯାଇଛି। ଉତ୍ତରାଖଣ୍ଡରେ, ଦେଶର ପ୍ରଥମ ଗ୍ରାମ ଭାବରେ ଜଣାଶୁଣା ଚାମୋଲିର ମାନା ଗାଁରେ ଜନଗଣନା ଆରମ୍ଭ ହୋଇଥିଲା। ଜନଗଣନା ଆମ ସମସ୍ତଙ୍କ ପାଇଁ ଏକ ଜାତୀୟ ଦାୟିତ୍ୱ। ଅଗଷ୍ଟ ୧୫ ତାରିଖରେ, ମୁଁ ମୋର ଦେଶବାସୀଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ସମୟ ବାହାର କରିବାକୁ ଅନୁରୋଧ କରିଥିଲି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଆନ୍ତର୍ଜାତୀୟ କାର୍ଯ୍ୟକାରୀ ସଭାପତି ଅଶୋକ ସିଂଘଲଙ୍କୁ ମନେ ପକାଇ କହିଥିଲେ, ଆଜି ହେଉଛି ଜଣେ ମହାନ ବ୍ୟକ୍ତିଙ୍କ ୧୦୦ତମ ଜନ୍ମବାର୍ଷିକୀ। ସେ ନିଜର ସମଗ୍ର ଜୀବନ ସଂସ୍କୃତି, ସମାଜ ଏବଂ ରାଷ୍ଟ୍ର ପାଇଁ ଉତ୍ସର୍ଗ କରିଥିଲେ। ସେ ସମାଜରେ ରହି ମଧ୍ୟ ତପସ୍ୱୀ ଜୀବନଯାପନ କରିଥିଲେ। ରାମ ଜନ୍ମଭୂମି ଆନ୍ଦୋଳନକୁ ସେ ଯେଉଁ ଦିଗ ଏବଂ ଶକ୍ତି ଦେଇଥିଲେ, ତାହାର ପରିଣାମ ସ୍ୱରୂପ ଆଜି ଆମେ ଅଯୋଧ୍ୟାରେ ଭବ୍ୟ ମନ୍ଦିର ଦେଖୁଛୁ। ୧୦୨୬ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଗଜନୀ ସୋମନାଥକୁ ଧ୍ୱଂସ କରିଥିଲା, ସେହି ବର୍ଷ ଗୁଜରାଟର ମୋଧେରାର ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ଉପରେ ମଧ୍ୟ ଆକ୍ରମଣ କରାଯାଇ ଧ୍ୱଂସ କରାଯାଇଥିଲା। ଏହାର ଅର୍ଥ ହେଉଛି ଚଳିତ ବର୍ଷ ମୋଧେରା ମନ୍ଦିର ଧ୍ୱଂସ ହେବାର ଏକ ହଜାର ବର୍ଷ ପୂରଣ କରୁଛି। ସମ୍ପ୍ରତି ସେହି ମନ୍ଦିର ନିର୍ମାଣକୁ ବର୍ଷେ ପୂରଣ ହୋଇଛି। ରାଜା ଭୀମଦେବ ୧୦୨୫ ମସିହାରେ ଏହି ମନ୍ଦିର ନିର୍ମାଣ କରିଥିଲେ। ତେଣୁ, ମୋଧେରା କେବଳ ଏହାର ସୂର୍ଯ୍ୟ ମନ୍ଦିର ପାଇଁ ଜଣାଶୁଣା ନୁହେଁ, ବରଂ ଗୁଜରାଟର ଏହି ଗ୍ରାମ ଦେଶର ପ୍ରଥମ ସୌର ଗ୍ରାମ ମଧ୍ୟ ପାଲଟିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଝାଡ଼ଖଣ୍ଡର ମହିଳାମାନେ ସୁନ୍ଦରୀ ଜଙ୍ଗଲ ବିକଶିତ କରୁଛନ୍ତି। ଏହି ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯେଉଁମାନଙ୍କର ସ୍ୱାମୀ ବାଘ ଆକ୍ରମଣରେ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କୁ ହରାଇବା ପରେ, ସେମାନେ ସୁନ୍ଦରବନରେ ଜୀବିକା ନିର୍ବାହ ପାଇଁ ସୁଯୋଗ ପାଇଛନ୍ତି। ସେମାନେ ଲଗାଇଥିବା ସୁନ୍ଦରୀ ଜଙ୍ଗଲ ଏବେ ଗାଁ ପାଇଁ ଏକ ପ୍ରାକୃତିକ ସୁରକ୍ଷା ବଳୟ ପାଲଟିଛି। ଏହି ମହିଳାମାନେ ମଧ୍ୟ ଏଥିରୁ ରୋଜଗାର କରୁଛନ୍ତି। ସମ୍ପ୍ରତି, ଦେଶର ଲକ୍ଷ ଲକ୍ଷ ଯୁବକ ନିଶା ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଜ୍ଞା ନେଇଛନ୍ତି। ସେମାନେ ନିଶା ଠାରୁ ଦୂରେଇ ରହିବାକୁ ପ୍ରତିଜ୍ଞା କରିଛନ୍ତି ଏବଂ ଏହି ବାର୍ତ୍ତାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ମଧ୍ୟ ନେଇଛନ୍ତି। ନିଶାମୁକ୍ତ ଯୁବ ଅଭିଯାନ ୧୦୦ ସପ୍ତାହ ଧରି ଚାଲିବ। ଚଳିତ ବର୍ଷ କୁପୋଷଣ ମୁକାବିଲା ପାଇଁ ଅନେକ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି। ଛତିଶଗଡ଼ରେ 'ହର ଘର ମୁଙ୍ଗା, ଘର-ଘର ମୁଙ୍ଗା' ଅଭିଯାନ ଆରମ୍ଭ କରାଯାଇଛି। ଯାହା ଲୋକମାନଙ୍କୁ ସେମାନଙ୍କ ଖାଦ୍ୟରେ ପୁଷ୍ଟିକର ମୋରିଙ୍ଗା ବା ସଜନାଗଛର ଶାଗଠାରୁ ଆରମ୍ଭ କରି ଛୁଇଁ ସାମିଲ କରିବାକୁ ଉତ୍ସାହିତ କରାଯାଉଛି। ଗୁଜରାଟ ଏକ ଭାଙ୍ଗୀ ପ୍ରତିଯୋଗିତା ମଧ୍ୟ ଆରମ୍ଭ କରିଛି, ଯାହା ବାଜରା ଖାଦ୍ୟର ଏକ ପ୍ରତିଯୋଗିତା। ମହାରାଷ୍ଟ୍ର ମଧ୍ୟ ଏହି ଦିଗରେ ପ୍ରଶଂସନୀୟ ପ୍ରୟାସ କରାଯାଇଛି। ମିଜୋରାମରେ, ଲୋକମାନେ ଚଳିତ ବର୍ଷ ପୁଷ୍ଟିକର ଗଛରେ ଭରପୁର ଉଦ୍ୟାନ ପାଇଁ ଏକ ଅଭିଯାନ ଆରମ୍ଭ କରିବା ପାଇଁ ଏକାଠି ହୋଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତର ପ୍ରଦେଶର ପ୍ରତାପଗଡ଼ର ପ୍ରସିଦ୍ଧ ଅଁଳା ସ୍ୱୟଂ ସହାୟକ ଗୋଷ୍ଠୀରେ କାମ କରୁଥିବା ଚାଷୀ ଏବଂ ମହିଳାମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। ଆଜି ପ୍ରତାପଗଡ଼ରେ ପ୍ରାୟ ୧୦୦ ଅଁଳା ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟ କରୁଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡ଼ିତ ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।



# କେଦାରନାଥ ଯାତ୍ରା ପଥରେ ଭୂସ୍ଖଳନ: ୪ ହଜାର ପର୍ଯ୍ୟଟକ ଫସିଲେ



ରୁଦ୍ରପ୍ରୟାଗ: ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲା ଅଧୀନରେ ଥିବା କେଦାରନାଥ ପୀଠ ପର୍ଯ୍ୟଟନ ମାର୍ଗରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିବା ଯୋଗୁଁ ପ୍ରାୟ ୪,୦୦୦ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ପାହାଡ଼ ପାର୍ଶ୍ୱରୁ କ୍ରମାଗତ ଭାବେ ବଡ଼ ବଡ଼ ମାଟି ଓ ପଥର ଅତଡ଼ା ଧସିବା ଜାରି ରହିଥିବାରୁ ଯାତାୟାତ ମାର୍ଗକୁ ସଫା କରିବା ପାଇଁ ପ୍ରଶାସନିକ ସ୍ତରରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରତିକୂଳ ପାଣିପାଗ ଏବଂ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରବିବାର ସରକାରୀ ସ୍ତରରେ କେଦାରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ଏବଂ ସମସ୍ତ ହେଲିକପ୍ଟର ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ଅନେକ ଜିଲ୍ଲା ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟର ଡେରାଡୁନ, ଟିହରୀ, ହରିଦ୍ୱାର ଏବଂ ପୌଡ଼ି ଜିଲ୍ଲା ପାଇଁ ଅତି ପ୍ରବଳ ବର୍ଷାର 'ରେଡ୍ ଆଲର୍ଟ' ଜାରି ହୋଇଛି। ଅନୁରୂପ ଭାବେ ଉତ୍ତରକାଶୀ, ଚମୋଲି, ନୈନିତାଲ ଏବଂ ରୁଦ୍ରପ୍ରୟାଗ ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ଲାଗୁ କରାଯାଇଛି। ଏହାବାଦ୍ ବାଗେଶ୍ୱର, ଅଲମୋଡ଼ା, ଚମ୍ପାୱତ, ଉଧମ ସିଂହ ନଗର ଏବଂ ପିଥୋରାଗଡ଼ ଜିଲ୍ଲା ପାଇଁ 'ୟେଲୋ ଆଲର୍ଟ' ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସିଇସିଙ୍କ ତୁରନ୍ତ ଇସ୍ତଫା ଦାବି କଲେ ପ୍ରିୟଙ୍କା

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର୍ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବେ ଜୋର୍ ଧରିଥିବାବେଳେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ବି ଏଥିରୁ ବାଦ୍ ପଡ଼ିନାହାନ୍ତି। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ସିଇସି ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦେବା ଉଚିତ। ସେ ଅଭିଯୋଗ କରିଛନ୍ତି ଯେ ଜ୍ଞାନେଶ କୁମାରଙ୍କର ରାଜନୈତିକ ଆନୁଗତ୍ୟ ରହିଛି। ସେ ଏକ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରୁଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ନିରୀକ୍ଷଣ ସଂକ୍ରାନ୍ତ ତାଙ୍କ ଦକ୍ଷତାକୁ ନେଇ ପ୍ରିୟଙ୍କା ପ୍ରଶ୍ନ ଉଠାଇଛନ୍ତି। ୱାୟନାଡ଼ ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ପ୍ରିୟଙ୍କା ସାମ୍ବାଦିକମାନଙ୍କ ସହ କଥା ହେବାବେଳେ ଏହି ଟିପ୍ପଣୀ ଦେଇଛନ୍ତି। ଜ୍ଞାନେଶ କୁମାର ଜଣେ ପୂର୍ବତନ କେରଳ ମୁଖ୍ୟ ସଚିବ ଜିଜି ଥମସନ୍ଙ୍କୁ ବିଜେପି ଟିକେଟ୍ରେ ୨୦୧୯ ଲୋକସଭା ନିର୍ବାଚନ ଲଢ଼ିବାକୁ କହିଥିବା ସଂକ୍ରାନ୍ତ ଅଭିଯୋଗ ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରିୟଙ୍କା କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ବେଆଇନ ଏବଂ ଅନୈତିକ। ରାଜ୍ୟସଭା ସାଂସଦ କପିଲ ସିବଲ ମଧ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରିଛନ୍ତି। ସିବଲ ଅଭିଯୋଗ କରିଛନ୍ତି ଯେ ଜ୍ଞାନେଶ କୁମାର ଏସ୍ଆଇଆର୍ ସଂକ୍ରାନ୍ତରେ ଏକତରଫା ଭାବେ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ଦାୟିତ୍ୱରୁ ହଟାଇବାପାଇଁ ଏବଂ ନିକଟରେ ପରିଚାଳନା କରାଯାଇଥିବା ନିର୍ବାଚନଗୁଡ଼ିକୁ ରଦ୍ଦ କରିବାପାଇଁ ସେ ଦାବି କରିଛନ୍ତି। କପିଲ ସିବଲ ଏକ ନିର୍ଦ୍ଦିଷ୍ଟ ୧୦ ମାସ ସମୟ ତଥା ୨୦୨୫ ଜୁନ୍ରେ ହୋଇଥିବା ବିହାର ନିର୍ବାଚନ ଏବଂ ଗତ ଏପ୍ରିଲରେ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନ ସବୁକୁ ରଦ୍ଦ କରିବା ଉପରେ ବିଚାର କରିବାପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ସେ ଏହି ଘଟଣାରେ ସିଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଏଆଇ ନେଇ ବିଲ୍ ଗେଟ୍ସଙ୍କ ବଡ଼ ଚେତାବନୀ

**'ୱାଶିଂଟନ୍:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶକୁ ନେଇ ପୁଣିଥରେ ଗୁରୁତର ଚେତାବନୀ ଦେଇଛନ୍ତି ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ। ତାଙ୍କ ମତରେ, ଅତ୍ୟାଧୁନିକ ଏଆଇ ପ୍ରଯୁକ୍ତି ଯଦି ଦୁର୍ଭାବନା ଥିବା ଲୋକଙ୍କ ହାତରେ ପହଞ୍ଚେ, ତେବେ ଏହା ଅତ୍ୟନ୍ତ ବଡ଼ ଧରଣର ମାନବୀୟ କ୍ଷତି ଘଟାଇବାର କ୍ଷମତା ରଖେ। ଏକ ଏନ୍ବିସି 'ମିଟ୍ ଦ ପ୍ରେସ୍' ସାକ୍ଷାତକାରରେ ଗେଟ୍ସ କହିଛନ୍ତି, ଏଆଇ ଏଭଳି ଘଟଣା ଘଟାଇବାର କ୍ଷମତା ରଖେ, ଯେଉଁଥିରେ କୋଟି କୋଟି ଲୋକଙ୍କ ଜୀବନ ବିପଦରେ ପଡ଼ିପାରେ। ଗେଟ୍ସଙ୍କ ଚିନ୍ତାର ମୁଖ୍ୟ କାରଣ ହେଉଛି ଏଆଇର ଦୁରୁପଯୋଗ। ତାଙ୍କ କହିବାନୁସାରେ, କେବଳ ଏଆଇ କମ୍ପାନୀଗୁଡ଼ିକର ସ୍ୱନିୟନ୍ତ୍ରଣ ଯଥେଷ୍ଟ ନୁହେଁ। ସୁରକ୍ଷା ମାନଦଣ୍ଡ, ନିରୀକ୍ଷଣ ଓ ଦାୟିତ୍ୱ ନିର୍ଦ୍ଧାରଣରେ ସରକାର ଏବଂ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଙ୍କ ସକ୍ରିୟ ଭୂମିକା ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏହି ଚେତାବନୀ ଏଭଳି ସମୟରେ ଆସିଛି, ଯେତେବେଳେ ସିଲିକନ୍ ଭ୍ୟାଲିରେ ଏଆଇ ବିକାଶର ଗତିକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି। ଆନ୍ଥ୍ରୋପିକ୍ର ସିଇଓ ଡାରିଓ ଆମୋଡେଇ ମଧ୍ୟ ଅଧିକ କ୍ଷମତାଶାଳୀ ଏଆଇ ବିକାଶର ଗତି ନେଇ ସତର୍କତା ଅବଲମ୍ବନର ପକ୍ଷରେ ମତ ରଖିଛନ୍ତି। ଗେଟ୍ସଙ୍କ ମତରେ, ଏଆଇ ମାନବ ସମାଜ ପାଇଁ ବିପୁଳ ସୁଯୋଗ ଆଣିପାରେ। କିନ୍ତୁ ଏହାର ବିପଦକୁ ଅଣଦେଖା କରି କେବଳ ବିକାଶ ଉପରେ ଗୁରୁତ୍ୱ ଦିଆଗଲେ ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଏଆଇ ବିକାଶ ସହ ସୁରକ୍ଷା ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଉପରେ ସେ ଜୋର ଦେଇଛନ୍ତି।

# ଆମେରିକାର ସର୍ବାଧିକ ପ୍ରଶଂସିତ କାର୍ଯ୍ୟକ୍ଷେତ୍ର ତାଲିକାରେ କଗ୍ନିଜାଣ୍ଟ




**ନୂଆଦିଲ୍ଲୀ:** ନ୍ୟୁଜ୍ୱିକ୍ ଓ ପ୍ଲାଣ୍ଟ-ଏ ଇନ୍ସାଇଟ୍ସ ଗ୍ରୁପ୍ ପକ୍ଷରୁ ପ୍ରକାଶିତ 'ଆମେରିକା'ସ୍ ମୋଷ୍ଟ ଆଡମାୟର୍ଡ ୱର୍କପ୍ଲେସେସ୍ ୨୦୨୭' ତାଲିକାରେ କଗ୍ନିଜାଂଟକୁ ସ୍ଥାନ ମିଳିଛି। କମ୍ପାନୀ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଏହି ସ୍ୱୀକୃତି ହାସଲ କରିଛି। ପ୍ରତିଭା ଆକର୍ଷଣ, କର୍ମଚାରୀଙ୍କ ଯୋଗଦାନ ବୃଦ୍ଧି ଏବଂ ଉତ୍ତମ କାର୍ଯ୍ୟକ୍ଷେତ୍ର ଅଭିଜ୍ଞତା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ଏହି ତାଲିକାରେ ସ୍ୱୀକୃତି ଦିଆଯାଇଥାଏ। ୨୦୨୭ର ତାଲିକାରେ ମୋଟ ୭୫୦ଟି ସଂସ୍ଥାକୁ ସାମିଲ କରାଯାଇଛି। ଏହି ମୂଲ୍ୟାଙ୍କନରେ ୩ ଲକ୍ଷ ୯୦ ହଜାରରୁ ଅଧିକ କର୍ମଚାରୀଙ୍କ ସାକ୍ଷାତକାର, ୧ ଲକ୍ଷ ୭୯ ହଜାରରୁ ଅଧିକ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ର ସନ୍ତୁଷ୍ଟି ସମ୍ପର୍କିତ ତଥ୍ୟ ଏବଂ ୧୨୦ରୁ ଅଧିକ ୱର୍କଫୋର୍ସ ପର୍ଫର୍ମାନ୍ସ ଇଣ୍ଡିକେଟର୍କୁ ବିଚାରକୁ ନିଆଯାଇଛି। ଏଥିସହ କାର୍ଯ୍ୟକ୍ଷେତ୍ରର ବିଭିନ୍ନ ପ୍ରଚଳିତ ବ୍ୟବସ୍ଥାର ଗୁଣାତ୍ମକ ମୂଲ୍ୟାଙ୍କନ ମଧ୍ୟ କରାଯାଇଛି। ଏଆଇ କାରଣରୁ ବିଶ୍ୱର କାର୍ଯ୍ୟକ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଆସୁଥିବା ବେଳେ କର୍ମଚାରୀଙ୍କୁ ଭବିଷ୍ୟତମୁଖୀ ଦକ୍ଷତା ହାସଲ କରିବା, ନୂଆ ପ୍ରଯୁକ୍ତି ସହ ପ୍ରାୟୋଗିକ ଅଭିଜ୍ଞତା ନେବା ଏବଂ ନୂଆ ସୁଯୋଗ ପାଇଁ ପ୍ରସ୍ତୁତ ହେବାରେ କମ୍ପାନୀ ଗୁରୁତ୍ୱ ଦେଉଥିବା କଗ୍ନିଜାଂଟର ମୁଖ୍ୟ ଲୋକ ଅଧିକାରୀ କ୍ୟାଥି ଡିଆଜ କହିଛନ୍ତି। ତାଙ୍କ ଅନୁସାରେ, କ୍ରମାଗତ ଦ୍ୱିତୀୟ ବର୍ଷ ଏହି ସ୍ୱୀକୃତି ମିଳିବା କମ୍ପାନୀର କର୍ମଚାରୀଙ୍କ ପାଇଁ ଅର୍ଥପୂର୍ଣ୍ଣ କ୍ୟାରିୟର ସୁଯୋଗ ସୃଷ୍ଟି ଏବଂ ଏକ ସହଯୋଗୀ କାର୍ଯ୍ୟକ୍ଷେତ୍ର ସଂସ୍କୃତି ଗଢ଼ିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନ୍ୟୁଜ୍ୱିକ୍ର ବରିଷ୍ଠ ଉପସଭାପତି ର୍ୟାନ୍ କିନ୍ନେ କହିଛନ୍ତି, ଏହି ସ୍ୱୀକୃତି ଏଭଳି କାର୍ଯ୍ୟକ୍ଷେତ୍ର ସଂସ୍କୃତିର ପ୍ରତିଫଳନ, ଯେଉଁଠାରେ କର୍ମଚାରୀଙ୍କୁ ଗୁରୁତ୍ୱ, ସମର୍ଥନ ଓ ନିଜ ଦକ୍ଷତାର ସର୍ବୋତ୍ତମ ପ୍ରୟୋଗ ପାଇଁ ସୁଯୋଗ ମିଳିଥାଏ। କଗ୍ନିଜାଂଟକୁ ମିଳିଥିବା ଏହି ସ୍ୱୀକୃତି ତାଲିକାରେ ଏହାର ପୂର୍ବରୁ ମିଳିଥିବା ଅନ୍ୟାନ୍ୟ ସମ୍ମାନ ସହ ଯୋଡ଼ି ହୋଇଛି। କମ୍ପାନୀ 'TIME'ର ଆମେରିକା'ସ୍ ବେଷ୍ଟ କମ୍ପାନିଜ୍ ତାଲିକାରେ ମଧ୍ୟ ସ୍ଥାନ ପାଇଛି। ଏଥିସହ ୩୧ଟି ଦେଶରେ କଗ୍ନିଜାଂଟ 'ଗ୍ରେଟ୍ ପ୍ଲେସ୍ ଟୁ ୱର୍କ' ପ୍ରମାଣପତ୍ର ହାସଲ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ଏସିଆନ୍ ଗେମ୍ସରେ ଭାରତ

# ରବିବାର ୭ ପଦକ, ଆଥଲେଟିକ୍ସରୁ ସର୍ବାଧିକ ୫







ନାଗୋୟା, ୨୭।୯ (ଏଜେନ୍ସି): ଏସିଆନ୍ ଗେମ୍ସର ଅଷ୍ଟମ ଦିନରେ ଭାରତୀୟ କ୍ରୀଡ଼ାବିମାନେ ଦମଦାର ପ୍ରଦର୍ଶନ କରି ଦେଶର ପଦକ ଅଭିଯାନକୁ ଆହୁରି ମଜବୁତ କରିଛନ୍ତି। ରବିବାର ଭାରତ ମୋଟ ୭ଟି ପଦକ ଜିତିଥିବାବେଳେ ଏଥିରେ ଆଥଲେଟିକ୍ସରୁ ୫ଟି ଏବଂ ସ୍କ୍ୱାସରୁ ୨ଟି ରୌପ୍ୟ ପଦକ ରହିଛି। ମହିଳା ଲଙ୍ଗଜମ୍ପରେ ଆନ୍ସି ସୋଜନ ରୌପ୍ୟ ଜିତିଥିବାବେଳେ ସର୍ଭେଶ କୁଶାରେ ପୁରୁଷ ହାଇଜମ୍ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ପାରୁଲ ଚୌଧୁରୀ, ତେଜସ୍ୱିନ ଶଙ୍କର ଓ ହରିତା ଭଦ୍ରା ନିଜ ନିଜ ଇଭେଣ୍ଟରେ କାଂସ୍ୟ ପଦକ ଜିତି ଭାରତର ପଦକ ତାଲିକାରେ ଯୋଗ କରିଛନ୍ତି। ସ୍କ୍ୱାଶରେ ଅନାହତ ସିଂହ ଓ ଅଭୟ ସିଂହ ରୌପ୍ୟ ପଦକ ଜିତିଛନ୍ତି। ଏହାସହ ବକ୍ସିଂରେ ପରବୀନ ହୁଡା, ଅଙ୍କୁଶ ପାଙ୍ଘାଲ ଓ ନରେନ୍ଦର ବରୱାଲ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅଷ୍ଟମ ଦିନର ଏହି ପ୍ରଦର୍ଶନ ଭାରତୀୟ ଦଳ ପାଇଁ ଏକ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିଛି। ଅଷ୍ଟମ ଦିନ ଶେଷ ସୁଦ୍ଧା ଭାରତର ପଦକ ସଂଖ୍ୟା ୩୭ ରେ ପହଞ୍ଚିଛି। ମୋଟ ୪ ଟି ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୭ ବ୍ରୋଞ୍ଜ୍ ସହ ଭାରତୀୟ ପ୍ରତିଯୋଗୀଙ୍କ ଅଭିଯାନ ଜାରି ରହିଛି।

### ଆଥଲେଟିକ୍ସରେ ୫ ପଦକ

ଦିନର ସବୁଠାରୁ ବଡ଼ ସଫଳତା ଆଥଲେଟିକ୍ସରୁ ଆସିଥିଲା। ମହିଳା ୩୦୦୦ ମିଟର ଷ୍ଟିପଲଚେଜରେ ପାରୁଲ ଚୌଧୁରୀ ବ୍ରୋଞ୍ଜ ପଦକ ଜିତିବା ସହ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ସେ ୯ ମିନିଟ୍ ୦୮.୬୭ ସେକେଣ୍ଡରେ ଦୌଡ଼ ଶେଷ କରି ନିଜ ପୂର୍ବ ଶ୍ରେଷ୍ଠ ସମୟକୁ ଭାଙ୍ଗିଥିଲେ। ଏହା ଏସିଆନ୍ ଗେମ୍ସରେ ଷ୍ଟିପଲଚେଜରେ ପାରୁଲଙ୍କ ଦ୍ୱିତୀୟ ପଦକ। ଏହାପୂର୍ବରୁ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ସେ ଏହି ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ବାହାରିନର ୱିନଫ୍ରେଡ୍ ୟାଭି ସ୍ୱର୍ଣ୍ଣ ଓ କାଜାଖସ୍ତାନର ନୋରା ଜେରୁଟୋ ତାନୁଇ ରୌପ୍ୟ ପଦକ ଜିତିଥିଲେ। ଭାରତର ଅଙ୍କିତା ୯:୧୯.୨୪ ସେକେଣ୍ଡ ସମୟ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ମହିଳା ଲଙ୍ଗଜମ୍ପରେ ଆନ୍ସି ସୋଜନ ରୌପ୍ୟ ପଦକ ଜିତିଥିଲେ। ତାଙ୍କ ୬.୫୩ ମିଟର ଲମ୍ଫ ତାଙ୍କୁ ସ୍ୱର୍ଣ୍ଣ ଦୌଡ଼ରେ ଆଗକୁ ଆଣିଥିଲା। ହେଲେ ଶେଷ ପ୍ରୟାସରେ ଚୀନର ହୁଆଙ୍ଗ ୟିଙ୍ଗୟିଙ୍ଗ ୬.୫୫ ମିଟର ଲମ୍ଫ ଦେଇ ମାତ୍ର ୨ ସେଣ୍ଟିମିଟର ବ୍ୟବଧାନରେ ସ୍ୱର୍ଣ୍ଣ ଛଡ଼ାଇ ନେଇଥିଲେ। ଭାରତର ଶୈଳୀ ସିଂହ ମଧ୍ୟ ଦୀର୍ଘ ସମୟ ଧରି ପଦକ ଦୌଡ଼ରେ ଥିଲେ। ତାଙ୍କ ୬.୪୨ ମିଟର ଲମ୍ଫ ତାଙ୍କୁ ତୃତୀୟ ସ୍ଥାନରେ ରଖିଥିଲା, କିନ୍ତୁ ଶେଷ ପ୍ରୟାସରେ ଚୀନ୍‌ର ମେଙ୍ଗୟି ଟାନ୍ ୬.୪୬ ମିଟର ଲମ୍ଫ ଦେଇ ବ୍ରୋଞ୍ଜ ଦଖଲ କରିଥିଲେ। ପୁରୁଷ ହାଇଜମ୍ପରେ ସର୍ଭେଶ କୁଶାରେ ରୌପ୍ୟ ପଦକ ହାସଲ କରିଥିଲେ। ସେ ୨.୨୫ ମିଟର ଉଚ୍ଚତା ଦ୍ୱିତୀୟ ପ୍ରୟାସରେ ଅତିକ୍ରମ କରିଥିଲେ। ସମାନ ଉଚ୍ଚତା ଚୀନ୍ ତାଇପେଇର ଚାଓ ହସୁଆନ୍-ଫୁ ପ୍ରଥମ ପ୍ରୟାସରେ ଅତିକ୍ରମ କରିଥିବାରୁ ସେ ସ୍ୱର୍ଣ୍ଣ ଜିତିଥିଲେ। ଡେକାଥଲନରେ ତେଜସ୍ୱିନ ଶଙ୍କର ଭାରତ ପାଇଁ ଆଉ ଏକ ବ୍ରୋଞ୍ଜ ପଦକ ଆଣିଥିଲେ। ଦୁଇ ଦିନ ଧରି ଚାଲିଥିବା କଠିନ ଡେକାଥଲନ୍‌ର ଶେଷ ଇଭେଣ୍ଟ ୧୫୦୦ ମିଟରରେ ସେ ୪:୩୩.୦୯ ସେକେଣ୍ଡ ସମୟ କରିଥିଲେ। ମୋଟ ୭,୯୩୪ ପଏଣ୍ଟ ସହ ସେ ତୃତୀୟ ସ୍ଥାନରେ ରହିଥିଲେ। ଜାପାନର ୟୁମା ମାରୁୟାମା ୮,୧୨୩ ପଏଣ୍ଟ ସହ ସ୍ୱର୍ଣ୍ଣ ଏବଂ ଚୀନର ଜିଙ୍ଗୁଆ ଚେନ୍ ରୌପ୍ୟ ଜିତିଥିଲେ। ମହିଳା ୨୦୦ ମିଟରରେ ହରିତା ଭଦ୍ରା ୨୩.୨୦ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ମାତ୍ର ୦.୦୧ ସେକେଣ୍ଡ ବ୍ୟବଧାନରେ ସେ ଜାପାନର ଇଡୋ ଅବିଗେରୁଫୁକାଙ୍କୁ ପଛରେ ପକାଇଥିଲେ। ସିଙ୍ଗାପୁରର ଶାନ୍ତି ପେରେରା ସ୍ୱର୍ଣ୍ଣ ଏବଂ ଚୀନର ଚେନ୍ ୟୁଜିଏ ରୌପ୍ୟ ପାଇଥିଲେ। ଏହାଦ୍ୱାରା ଆଥଲେଟିକ୍ସରୁ ଭାରତର ମୋଟ ପଦକ ସଂଖ୍ୟା ୫ରେ ପହଞ୍ଚିଥିଲା।

### ସ୍କ୍ୱାଶରେ ଅନାହତ, ଅଭୟଙ୍କ ଐତିହାସିକ ରୌପ୍ୟ

ସ୍କ୍ୱାସରେ ଭାରତକୁ ଦୁଇଟି ରୌପ୍ୟ ପଦକ ମିଳିଥିଲା। ମହିଳା ସିଙ୍ଗଲ୍ସ ଫାଇନାଲରେ ୧୮ ବର୍ଷୀୟା ଅନାହତ ସିଂହ ମାଲେସିଆର ବିଶ୍ୱ ୫ ନମ୍ବର ଖେଳାଳି ସିଭସଙ୍ଗରୀ ସୁବ୍ରମଣ୍ୟମଙ୍କଠାରୁ ୪-୧୧, ୪-୧୧, ୭-୧୧ରେ ପରାସ୍ତ ହୋଇଥିଲେ। ଯଦିଓ ସ୍ୱର୍ଣ୍ଣ ହାତଛଡ଼ା ହୋଇଥିଲା, ଅନାହତଙ୍କ ରୌପ୍ୟ ଏକ ଐତିହାସିକ ସଫଳତା। ସେ ଏସିଆନ୍ ଗେମ୍ସରେ ସ୍କ୍ୱାସ୍ ସିଙ୍ଗଲ୍ସ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଭୟ ସିଂହ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ଫାଇନାଲରେ ମାଲେସିଆର ଏନ୍ଗ ଇନ୍ ୟୋ ୧୧-୯, ୧୧-୫, ୧୧-୫ରେ ଅଭୟଙ୍କୁ ପରାସ୍ତ କରିଥିଲେ। ଏହି ଦୁଇ ରୌପ୍ୟ ସହ ଭାରତୀୟ ସ୍କ୍ୱାସ୍ ଦଳର ଅଭିଯାନ ଐତିହାସିକ ହୋଇଛି।




### ବକ୍ସିଂରେ ୩ ପଦକ ନିଶ୍ଚିତ

ବକ୍ସିଂରେ ଭାରତ ପାଇଁ ଦିନଟି ଆଶାଜନକ ରହିଥିଲା। ମହିଳା ୬୫ କିଲୋଗ୍ରାମ ବର୍ଗରେ ପରଭୀନ ହୁଡା ଉଜବେକିସ୍ତାନର ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ବିଜେତା ନଭବାଖୋର ଖାମିଦୋଭାଙ୍କୁ ୫-୦ରେ ପରାସ୍ତ କରି ସେମିଫାଇନାଲକୁ ଉଠିଥିଲେ। ଏହା ଗେମ୍ସରେ ପରଭୀନଙ୍କ ପ୍ରଥମ ବାଉଟ୍ ଥିଲା। ପୂର୍ବ ରାଉଣ୍ଡରେ ୱାକଓଭର୍ ପାଇଥିଲେ ସେ। ୫୭ କିଲୋଗ୍ରାମରୁ ୬୫ କିଲୋଗ୍ରାମ ବର୍ଗକୁ ଆସିଥିବା ପରଭୀନ ଏହି ବିଜୟ ମାଧ୍ୟମରେ ନିଜର ପଦକ ନିଶ୍ଚିତ କରିଛନ୍ତି। ପୁରୁଷ ୮୦ କିଲୋଗ୍ରାମ ବର୍ଗରେ ଅଙ୍କୁଶ ପାଙ୍ଗହାଲ ତାଜିକିସ୍ତାନର ନେକ୍ରୁଜ୍ ସଲିମୋଭଙ୍କୁ ୫-୦ରେ ପରାସ୍ତ କରି ସେମିଫାଇନାଲକୁ ଯାଇଥିଲେ। ଏହା ତାଙ୍କ ଏସିଆନ୍ ଗେମ୍ସ ପଦାର୍ପଣରେ ପଦକ ନିଶ୍ଚିତ କରିଛି। ପୁରୁଷ ୯୦ କିଲୋଗ୍ରାମରୁ ଅଧିକ ବର୍ଗରେ ନରେନ୍ଦର ବେରୱାଲ ଥାଇଲାଣ୍ଡର ଅଧଥାପୋଙ୍ଗ ସେଙ୍ଗଟେପଙ୍କୁ ଦୁଇ ମିନିଟ୍ ମଧ୍ୟରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲେ। ନରେନ୍ଦର ଲଗାତାର ଭାରୀ ପଞ୍ଚ୍ ମାରି ତିନିଥର ପ୍ରତିପକ୍ଷଙ୍କୁ ଷ୍ଟାଣ୍ଡିଂ କାଉଣ୍ଟରେ ପକାଇଥିଲେ। ତେବେ ପୁରୁଷ ୬୦ କିଲୋଗ୍ରାମ ବର୍ଗରେ ସଚିନ ସିୱାଚଙ୍କ ଅଭିଯାନ ଶେଷ ହୋଇଥିଲା। ସେ ଜାପାନର ଶୁନସୁକେ କିଟାମୋଟୋଙ୍କଠାରୁ ୦-୫ରେ ପରାସ୍ତ ହୋଇଥିଲେ।

### ବ୍ୟାଡମିଣ୍ଟନରେ ନିରାଶା

ଅନ୍ୟପକ୍ଷରେ ବ୍ୟାଡମିଣ୍ଟନରେ ଭାରତକୁ ନିରାଶ ହେବାକୁ ପଡ଼ିଥିଲା। ପିଭି ସିନ୍ଧୁ, ଉନ୍ନତି ହୁଡା, ତ୍ରିସା ଜଲି-ଗାୟତ୍ରୀ ଗୋପୀଚାନ୍ଦ ଏବଂ ତନିଷା କ୍ରାଷ୍ଟୋ-ଧ୍ରୁବ କପିଳା ନିଜ ନିଜ କ୍ୱାର୍ଟରଫାଇନାଲରେ ପରାଜିତ ହୋଇଥିଲେ। ଏଥିସହ ଏସିଆନ୍ ଗେମ୍ସରେ ବ୍ୟକ୍ତିଗତ ବ୍ୟାଡମିଣ୍ଟନ ପଦକ ଜିତିବାର ଭାରତର ଆଶା ଶେଷ ହୋଇଥିଲା। ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁ ଚୀନର ଟୋକିଓ ଅଲିମ୍ପିକ୍ ଚାମ୍ପିୟନ ଚେନ୍ ୟୁଫେଇଙ୍କଠାରୁ ୨୧-୧୧, ୧୮-୨୧, ୧୦-୨୧ରେ ହାରିଥିଲେ। ଉନ୍ନତି ହୁଡା ୧୬-୨୧, ୨୧-୧୪, ୧୭-୨୧ରେ ଜାପାନର ତିନିଥରର ବିଶ୍ୱ ଚାମ୍ପିୟନ ଆକାନେ ୟାମାଗୁଚିଙ୍କଠାରୁ ହାରିଥିଲେ। ତ୍ରିସା-ଗାୟତ୍ରୀ ମାଲେସିଆର ପେର୍ଲି ଟାନ୍-ଥିନା ମୁରଲିଧରନଙ୍କ ଠାରୁ ୧୮-୨୧, ୯-୨୧ରେ ପରାଜିତ ହୋଇଥିଲେ। ତନିଷା-ଧ୍ରୁବ ବିଶ୍ୱର ୧ ନମ୍ବର ଚୀନ୍ ଯୋଡ଼ି ଫେଙ୍ଗ ୟାନ୍ ଝେ-ହୁଆଙ୍ଗ ଡୋଙ୍ଗପିଙ୍ଗଙ୍କୁ କଡ଼ା ଟକ୍କର ଦେଇ ୧୪-୨୧, ୨୧-୧୮, ୧୮-୨୧ରେ ହାରିଥିଲେ।

### ଅନ୍ୟ ଇଭେଣ୍ଟରେ ଭଲ ପ୍ରଦର୍ଶନ

ମହିଳା ହକିରେ ଭାରତ ସିଙ୍ଗାପୁରକୁ ୭-୦ ଗୋଲରେ ପରାସ୍ତ କରିଥିଲା। ପୁରୁଷ ଭଲିବଲରେ ଭାରତ ଭିଏତନାମକୁ ୩-୦ରେ ହରାଇଥିଲା। ତୀରନ୍ଦାଜୀରେ ଭାରତୀୟ ଦଳ ୬ଟି ଟିମ୍ ଇଭେଣ୍ଟରେ ଆଗକୁ ବଢ଼ିଥିଲା। ପୁରୁଷ ଓ ମହିଳା କମ୍ପାଉଣ୍ଡ ଟିମ୍, କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ସହ ରିକର୍ଭ ପୁରୁଷ, ମହିଳା ଓ ମିକ୍ସଡ୍ ଟିମ୍ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଥିଲେ। ଆଥଲେଟିକ୍ସରେ ମହମ୍ମଦ ଅଫସଲ ୮୦୦ ମିଟର ଫାଇନାଲକୁ ଯୋଗ୍ୟତା ହାସଲ କରିଥିଲେ। ଭାରତୀୟ ମହିଳା ୪x୧୦୦ ମିଟର ରିଲେ ଦଳ ମଧ୍ୟ ନିଜ ହିଟରେ ପ୍ରଥମ ହୋଇ ଫାଇନାଲକୁ ପହଞ୍ଚିଥିଲା। ସର୍ଫିଂ, ଶୁଟିଂ ଓ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଭାରତୀୟ ଦଳର ଅଭିଯାନ ଜାରି ରହିଥିଲା। ଏଭଳି ଭାବେ ଦିନ ୮ରେ ଭାରତ ୭ଟି ପଦକ ହାସଲ କରିଥିବା ବେଳେ ବକ୍ସିଂରେ ଆଉ ୩ଟି ପଦକ ନିଶ୍ଚିତ କରିଛି। ଆଥଲେଟିକ୍ସର ଦମଦାର ପ୍ରଦର୍ଶନ, ସ୍କ୍ୱାସରେ ଐତିହାସିକ ରୌପ୍ୟ ଏବଂ ବକ୍ସିଂରେ ନିଶ୍ଚିତ ପଦକ ଭାରତୀୟ ଅଭିଯାନକୁ ନୂଆ ଗତି ଦେଇଛି।



# ଚନ୍ଦକାରେ ପ୍ରଥମ ଗ୍ରୀନ୍ ମାରାଥନ୍

## ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁସ୍ଥ ଜୀବନର ବାର୍ତ୍ତା ନେଇ ଦୌଡ଼ିଲେ ପ୍ରତିଯୋଗୀ

ଭୁବନେଶ୍ୱର, ୨୭।୯ (ସବ୍ୟୁ) : ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରରେ ପ୍ରଥମ 'ଚନ୍ଦକା ଗ୍ରୀନ୍ ମାରାଥନ୍' ଆୟୋଜିତ ହୋଇଛି। ବନ୍ୟପ୍ରାଣୀ ସଂରକ୍ଷଣ, ପ୍ରାକୃତିକ ବାସସ୍ଥଳୀର ସୁରକ୍ଷା ଏବଂ ସୁସ୍ଥ ଓ ପରିବେଶ ସଚେତନ ଜୀବନଶୈଳୀର ବାର୍ତ୍ତା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମାରାଥନ୍‌କୁ ଉଦ୍ଘାଟନ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ମନୋଜ ଭି. ନାୟରଙ୍କ ସମେତ ବହୁ ଅଧିକାରୀ ଓ ପ୍ରକୃତିପ୍ରେମୀ ଏଥିରେ ସାମିଲ ହୋଇଥିଲେ। ମାରାଥନରେ ୫, ୧୦ ଓ ୨୧ କିଲୋମିଟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଚନ୍ଦକା-ଭରତପୁର ଜଙ୍ଗଲ ଓ ଏକାମ୍ର କାନନର ସବୁଜ ପରିବେଶ ମଧ୍ୟରେ ଦୌଡ଼ିବାର ସୁଯୋଗ ପାଇଥିଲେ ପ୍ରତିଯୋଗୀ। ୨୧ କିଲୋମିଟର ବର୍ଗରେ ପ୍ରାୟ ୭ କିଲୋମିଟର ଲେଖାଏଁ ତିନୋଟି ଲୁପ୍ ରହିଥିଲା। ଜଙ୍ଗଲ ପଥ ଦେଇ ଦୌଡ଼ର ଏକ ବଡ଼ ଅଂଶ ଯାଇଥିବାରୁ ଏହା ସାଧାରଣ ସହରୀ ମାରାଥନ୍‌ଠାରୁ ଭିନ୍ନ ଅନୁଭୂତି ଦେଇଥିଲା। 'ବାସସ୍ଥଳୀର ସଂଯୋଗ, ବନ୍ୟପ୍ରାଣୀର ସମୃଦ୍ଧି' ବାର୍ତ୍ତାକୁ ନେଇ ଆୟୋଜିତ ଏହି ମାରାଥନରେ ପ୍ରକୃତି ସୁରକ୍ଷା ସହ ମାନବ କଲ୍ୟାଣ ଓ ସ୍ଥାୟୀ ଭବିଷ୍ୟତର ସମ୍ପର୍କ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଜଙ୍ଗଲରେ ଆବର୍ଜନା ନ ଫିଙ୍ଗିବା, ନୀରବତା ରକ୍ଷା କରିବା ଓ ବନ୍ୟପ୍ରାଣୀଙ୍କୁ ବିରକ୍ତ ନ କରିବାକୁ ପ୍ରତିଯୋଗୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଛାତ୍ରଛାତ୍ରୀ, ଯୁବବର୍ଗ, ଦୌଡ଼ାଳି, ପ୍ରକୃତିପ୍ରେମୀ ଓ ସାଧାରଣ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ମାରାଥନ୍‌ଟି ସମ୍ପନ୍ନ ହୋଇଥିଲା।

### ୩୨ ସ୍ଥାନରେ ଏକାସାଙ୍ଗରେ ଦୌଡ଼ିଲା ଓଡ଼ିଶା

# ବିଶ୍ୱ ପର୍ଯ୍ୟଟନ ଦିବସରେ ୧୦ ହଜାରରୁ ଅଧିକ ଧାବକଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, ୨୭/୯ (ସବ୍ୟୁ) : ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରବିବାର ସାରା ଓଡ଼ିଶାରେ ଦେଖିବାକୁ ମିଳିଥିଲା ଦୌଡ଼ର ଉତ୍ସାହ। ସୁସ୍ଥ ଜୀବନଶୈଳୀ, ଫିଟନେସ୍ ଓ ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ପ୍ରୋତ୍ସାହନ ଦେବା ସହ ଆଗାମୀ 'ଓଏମ୍ସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬' ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା ରାଜ୍ୟବ୍ୟାପୀ ପ୍ରୋମୋ ରନ୍। ରାଜ୍ୟର ୩୨ଟି ସ୍ଥାନରେ ଏକାସାଙ୍ଗରେ ଏହି ଦୌଡ଼ ଆୟୋଜିତ ହୋଇଥିଲା। ବିଭିନ୍ନ ଜିଲ୍ଲା ଓ ମହାନଗର ନିଗମ ଅଞ୍ଚଳକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଧାବକ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ଏହା ମାଧ୍ୟମରେ 'ଅଧିକ ସୁସ୍ଥ ଓ ସକ୍ରିୟ ଓଡ଼ିଶା'ର ବାର୍ତ୍ତା ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ସହର, ଜିଲ୍ଲା ସଦର ମହକୁମା ଓ ସ୍ଥାନୀୟ ଅଞ୍ଚଳରେ ଧାବକ, ନାଗରିକ, ସ୍ଥାନୀୟ ସମୁଦାୟ ଓ ବିଭିନ୍ନ ଅଂଶୀଦାର ଏଥିରେ ଭାଗ ନେଇଥିଲେ। ଫଳରେ ପ୍ରୋମୋ ରନ୍ ଏକ ସାମୂହିକ ସ୍ୱାସ୍ଥ୍ୟ ଓ ଫିଟ୍ନେସ୍ ଉତ୍ସବର ରୂପ ନେଇଥିଲା। ସେହିପରି ଦୌଡ଼ ମାଧ୍ୟମରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଓ ପର୍ଯ୍ୟଟନ ସମ୍ଭାବନା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲା ଓ ମହାନଗର ନିଗମ ସ୍ତରରେ କର୍ତ୍ତୃପକ୍ଷ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ଏହି ବୃହତ୍ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ। ରାଜ୍ୟରେ ଏକାସାଙ୍ଗରେ ଏତେ ବଡ଼ ପରିମାଣରେ ଦୌଡ଼ ଆୟୋଜନ କରାଯିବା ପ୍ରଥମ ବୋଲି କୁହାଯାଇଛି। ଆଗାମୀ ଡିସେମ୍ବର ୧୩ରେ ପୁରୀରେ ହେବାକୁ ଥିବା 'ଓଏମ୍ସି ପୁରୀ କୋଷ୍ଟାଲ ମାରାଥନ୍ ୨୦୨୬' ପୂର୍ବରୁ ଏହି ପ୍ରୋମୋ ରନକୁ ପ୍ରଥମ ବଡ଼ ରାଜ୍ୟବ୍ୟାପୀ ପ୍ରଚାର କାର୍ଯ୍ୟକ୍ରମ ଭାବେ ଦେଖାଯାଉଛି। ପୁରୀରେ ହେବାକୁ ଥିବା ମାରାଥନକୁ କ୍ରୀଡ଼ା ଓ ପର୍ଯ୍ୟଟନର ଏକ ଅନନ୍ୟ ସମନ୍ୱୟ ଭାବେ ପରିକଳ୍ପନା କରାଯାଇଛି। ଏହା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ ସମୁଦ୍ରତଟ, ଆତିଥ୍ୟ ପରମ୍ପରା ଓ ପୁରୀର ଆଧ୍ୟାତ୍ମିକ ମହତ୍ତ୍ୱକୁ ଦେଶ-ବିଦେଶର ଧାବକଙ୍କ ସମ୍ମୁଖରେ ପ୍ରଦର୍ଶନ କରାଯିବ। ରାଜ୍ୟବ୍ୟାପୀ ପ୍ରୋମୋ ରନର ସଫଳ ସମାପ୍ତି ପରେ ଏବେ ସମସ୍ତଙ୍କ ନଜର ପୁରୀ ଉପରେ। ଡିସେମ୍ବର ୧୩ରେ ଓଏମସି ପୁରୀ କୋଷ୍ଟାଲ ମାରାଥନ୍ ମାଧ୍ୟମରେ ଦୌଡ଼, ପର୍ଯ୍ୟଟନ ଓ ଓଡ଼ିଶାର ସ୍ୱତନ୍ତ୍ର ସାଂସ୍କୃତିକ ତଥା ପ୍ରାକୃତିକ ପରିଚୟକୁ ଏକ ମଞ୍ଚରେ ଆଣିବାକୁ ପ୍ରୟାସ କରାଯିବ।

# ଏସିଆନ ଗେମ୍ସ ଅଭିଜ୍ଞତା ସହ ଫେରିଲେ ଆଜମ୍

ଭୁବନେଶ୍ୱର, ୨୭।୯ (ସବ୍ୟୁ) : ଚଳିତ ମାସ ୧୯ ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି ନାଗୋୟା ଠାରେ ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଜାରି ରହିଛି। ଏହି ପ୍ରତିଯୋଗିତାର ସଫ୍ଟଟେନିସରେ ବୈଶୟିକ ଅଧିକାରୀ ଭାବେ ଏମଡି ଆଜମ୍ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଫିସିଆଲ ଭାବେ କାର୍ଯ୍ୟ କରି ଭୁବନେଶ୍ୱର ଫେରିଛନ୍ତି ଆଜମ୍। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପୂର୍ବତନ ସାଂସଦ ପ୍ରଶନ୍ନ କୁମାର ପାଟସାଣୀ, ଶକ୍ତିରଞ୍ଜନ ମହାନ୍ତି, ବାସୁଦେବ ଓଝା, ତପନ ମହାନ୍ତି, ଦେବାଶିଷ ପଣ୍ଡା, ରାୟଗୁରୁ ମାନସ ମହାପାତ୍ର, ଏମଡି ଅମର, ବିଜୟ କୁମାର ସାଶମଲ, ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ରହି ସମ୍ମାନିତ ରହି ତାଙ୍କର ଏହି ସଫଳତା ପାଇଁ ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାରଦା ପ୍ରସାଦ ମିଶ୍ର, ରଞ୍ଜନ କୁମାର ନନ୍ଦ, ସୌର୍ଯ୍ୟରଞ୍ଜନ ପରିଜା, ଓଡିଶା କ୍ରୀଡ଼ା ବିଭାଗର ଅଧିକାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।



### ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍

# କେନ୍ଦୁଝର ମାଇନର୍ସ, କଟକ ପାନ୍ଥର୍ସର ଦମଦାର ବିଜୟ

ଭୁବନେଶ୍ୱର, ୨୭।୯ (ସବ୍ୟୁ): ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିରେ ରବିବାର କେନ୍ଦୁଝର ମାଇନର୍ସ ଓ କଟକ ପାନ୍ଥର୍ସ ଦମଦାର ବିଜୟ ହାସଲ କରିଛନ୍ତି। କେନ୍ଦୁଝର ୪୭ ରନରେ ରାଉରକେଲା ସୁପରଷ୍ଟାର୍ସଙ୍କୁ ପରାସ୍ତ କରିଥିବା ବେଳେ ବର୍ଷା ଯୋଗୁଁ ୧୦ ଓଭର ବିଶିଷ୍ଟ ହୋଇଥିବା ମ୍ୟାଚରେ କଟକ ପାନ୍ଥର୍ସ ୯ ୱିକେଟରେ ପୁରୀ ଟାଇଟନ୍ସକୁ ହରାଇଛି। ପ୍ରଥମ ମ୍ୟାଚରେ କେନ୍ଦୁଝର ମାଇନର୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୨ ରନର ବଡ଼ ସ୍କୋର କରିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ୪୦ ବଲ୍ରୁ ୬୫ ଏବଂ ସ୍ୱାଗତ ମିଶ୍ର ୪୯ ବଲରୁ ୭୯ ରନ୍ କରିଥିଲେ। ସୁଜଲ ସିଂହ ୧୩ ବଲରୁ ୨୬ ରନ୍ କରି ଦଳକୁ ୨୦୦ ରନ୍ ପାର କରାଇଥିଲେ। ଜବାବରେ ରାଉରକେଲା ୩୦ ରନରେ ୪ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଅଭିଷେକ ଯାଦବ ୩୦ ବଲରୁ ୭୧ ରନ୍ କରି ଲଢ଼େଇକୁ ଫେରାଇଥିଲେ। ତେବେ ସେନାପତିଙ୍କ ଚମତ୍କାର ଫିଲ୍ଡିଂରେ ତାଙ୍କ ଇନିଂସ ଶେଷ ହୋଇଥିଲା। ଶେଷରେ ରାଉରକେଲା ୧୯.୧ ଓଭରରେ ୧୫୫/୯ କରିପାରିଥିଲା। କେନ୍ଦୁଝର ପକ୍ଷରୁ ଦେବବ୍ରତ ପ୍ରଧାନ ୪ ଓଭରରେ ୧୭ ରନ୍ ଦେଇ ୪ ୱିକେଟ୍ ନେଇଥିଲେ। ସ୍ୱାଗତ ମିଶ୍ରଙ୍କୁ 'ପ୍ଲେୟର ଅଫ୍ ଦି ମ୍ୟାଚ୍' ଚୟନ କରାଯାଇଥିଲା। ଅନ୍ୟ ମ୍ୟାଚରେ କଟକ ପାନ୍ଥର୍ସର ବୋଲରମାନେ ପୁରୀ ଟାଇଟାନ୍ସକୁ ମାତ୍ର ୫୪/୭ ରନରେ ରୋକିଥିଲେ। ପ୍ରଶାନ୍ତ ରାଣା ୨ ଓଭରରେ ୧୧ ରନ୍ ଦେଇ ୩ ୱିକେଟ୍ ନେଇଥିବା ବେଳେ ସାହିଲ ପ୍ରସାଦ ୨ଟି ୱିକେଟ୍ ପାଇଥିଲେ। ଜବାବରେ କଟକ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିଥିଲା। କାର୍ତ୍ତିକ ବିଶ୍ୱାଳ ୧୯ ବଲରୁ ଅପରାଜିତ ୩୯ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ପ୍ରଶାନ୍ତ ରାଣାଙ୍କୁ 'ପ୍ଲେୟର ଅଫ୍ ଦି ମ୍ୟାଚ୍' ପୁରସ୍କାର ମିଳିଥିଲା।




# ସିଙ୍ଗାପୁରକୁ ୭-୦ରେ ହରାଇ ସେମିଫାଇନାଲରେ ଭାରତ

କାକାମିଗାହାରା, ୨୭/୯ (ସବ୍ୟୁ) : ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ହକି ଦଳର ଦମଦାର ଅଭିଯାନ ଜାରି ରହିଛି। ରବିବାର ଲଗାତାର ବର୍ଷା ମଧ୍ୟରେ ଭାରତ ସିଙ୍ଗାପୁରକୁ ୭-୦ ଗୋଲ୍ରେ ପରାସ୍ତ କରି ପୁଲ୍ ପର୍ଯ୍ୟାୟରେ ଲଗାତାର ପଞ୍ଚମ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ପୁଲ୍-ବିର ଶୀର୍ଷସ୍ଥାନରେ ରହି ସେମିଫାଇନାଲ୍ ଟିକେଟ୍ ହାସଲ କରିଛି। ଆସନ୍ତା ସେପ୍ଟେମ୍ବର ୩୦ରେ ସେମିଫାଇନାଲରେ ଭାରତର ମୁକାବିଲା ଦକ୍ଷିଣ କୋରିଆ ସହ ହେବ। ଅନ୍ୟ ସେମିଫାଇନାଲ୍ରେ ଚୀନ୍ ଓ ଜାପାନ ମୁହାଁମୁହିଁ ହେବେ। ପୁଲ୍ ପର୍ଯ୍ୟାୟରେ ଭାରତର ପ୍ରଦର୍ଶନ ଏକପାଖିଆ ରହିଛି। ଉଜବେକିସ୍ତାନ, ଇଣ୍ଡୋନେସିଆ, ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ବିପକ୍ଷରେ ସମସ୍ତ ୫ଟି ମ୍ୟାଚ୍ ଜିତି ଭାରତ ମୋଟ +୬୩ ଗୋଲ୍ ଡିଫରେନ୍ସ ସହ ପୁଲ୍ ପର୍ଯ୍ୟାୟ ଶେଷ କରିଛି। ଏଥିରେ ଆୟୋଜକ ଜାପାନ ବିପକ୍ଷରେ ୩-୧ ବିଜୟ ହିଁ ଭାରତ ପାଇଁ ସବୁଠାରୁ କଠିନ ମୁକାବିଲା ଥିଲା। ସିଙ୍ଗାପୁର ବିପକ୍ଷ ମ୍ୟାଚରେ ଭାରତ ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ପ୍ରଥମ କ୍ୱାର୍ଟରରେ ଏକାଧିକ ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ ସିଙ୍ଗାପୁରର ଗୋଲକିପର ଫେଲିସା ଲାଇଙ୍କ ଚମତ୍କାର ପ୍ରତିରୋଧ ଯୋଗୁଁ ଭାରତ ଗୋଲ୍ କରିପାରିନଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟରେ ଅଧିନାୟିକା ସଲିମା ଟେଟେ ଭାରତର ଖାତା ଖୋଲିଥିଲେ। ଏହାପରେ ସୁନେଲିତା ଟୋପ୍ପୋ ଦୁଇଟି ଗୋଲ୍ କରି ଭାରତର ଅଗ୍ରଣୀକୁ ମଜବୁତ କରିଥିଲେ। ଲାଲରେମସିଆମି, ରୁତୁଜା ଦାଦାସୋ ପିସାଲ ଓ ନିକ୍କି ପ୍ରଧାନ ମଧ୍ୟ ଗୋଲ୍ କରିଥିଲେ। ଶେଷରେ ୫୫ତମ ମିନିଟରେ ଦୀପିକାଙ୍କ ଚମତ୍କାର ପେନାଲ୍ଟି କର୍ଣ୍ଣର ଗୋଲ୍ରେ ଭାରତ ୭-୦ର ବିଶାଳ ବିଜୟ ସୁନିଶ୍ଚିତ କରିଥିଲା। ଦୀପିକାଙ୍କ ସହ ଗୋଲ୍ରେ ଭାରତର ଆକ୍ରମଣକୁ ନେତୃତ୍ୱ ଦେଇଥିବା ସୁନେଲିତା ଦୁଇଟି ଗୋଲ୍ କରିଥିଲେ। ଲଗାତାର ପଞ୍ଚମ ବିଜୟ ସହ ଭାରତୀୟ ଦଳର ଆତ୍ମବିଶ୍ୱାସ ଏବେ ଶୀର୍ଷରେ। ସେପ୍ଟେମ୍ବର ୩୦ରେ ସେମିଫାଇନାଲ୍ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲ୍ ଟିକେଟ୍ ହାସଲ କରିବା ଉପରେ ଏବେ ଭାରତର ନଜର।

# କୋହଲି-ଗିଲଙ୍କ ଶତକରେ ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

ତିରୁଅନନ୍ତପୁରମ: ବିରାଟ କୋହଲି ଓ ଶୁବମନ ଗିଲ୍ଙ୍କ ଦମ୍ଦାର ଶତକ ବଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆରେ ଭାରତ ୮ ୱିକେଟ୍ରେ ବିଜୟୀ ହୋଇଛି। ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍ରେ ରବିବାର ଖେଳାଯାଇଥିବା ମ୍ୟାଚ୍ରେ ୨୯୬ ରନ୍ର ଲକ୍ଷ୍ୟକୁ ଭାରତ ୪୧.୪ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ରେ ୧-୦ରେ ଆଗୁଆ ହୋଇଛି। ଟାର୍ଗେଟ୍କୁ ପିଛା କରି ଭାରତ ଭଲ ଆରମ୍ଭ କରିଥିଲା । ରୋହିତ ଶର୍ମା ଏବଂ ଅଧିନାୟକ ଶୁଭମନ ଗିଲ୍ ୭୪ ରନର ଓପନିଂ ପାର୍ଟନରସିପ୍ କରିଥିଲେ । ରୋହିତ ୩୫ ବଲରୁ ୩୨ ରନ କରିଥିଲେ, ଯେଉଁଥିରେ ଦୁଇଟି ଚୌକା ଏବଂ ତିନୋଟି ଛକା ଥିଲା । ରୋହିତଙ୍କୁ ଆଉଟ୍ କରି ୧୨ତମ ଓଭରରେ ଆଲଜାରି ଜୋସେଫ୍ ଏହି ପାର୍ଟନରସିପ୍ ଭାଙ୍ଗିଥିଲେ । ସେପଟେ ଅଧିନାୟକ ଗିଲ୍ ୧୦୮ ବଲରେ ୧୩ ଚୌକା ଏବଂ ଗୋଟିଏ ଛକା ସାହାଯ୍ୟରେ ୧୧୩ ରନ କରିଥିଲେ । ଗିଲ୍ ୩୪ ତମ ଓଭରରେ ରୋଷ୍ଟନ୍ ଚେଜ୍ ଦ୍ୱାରା ଆଉଟ୍ ହୋଇଥିଲେ । ବିରାଟ କୋହଲିଙ୍କ ସହିତ ଗିଲ୍ ଦ୍ୱିତୀୟ ୱିକେଟ ପାଇଁ ୧୫୧ ରନର ପାର୍ଟନରସିପ୍ କରିଥିଲେ । କୋହଲି ୮୮ ବଲରେ ୧୦ ଚୌକା ଏବଂ ୯ ଛକା ମାରି ଅପରାଜିତ ୧୩୯ ରନ କରିଥିଲେ । ଏହା କୋହଲିଙ୍କ ୫୫ତମ ଦିନକିଆ ଶତକ ଥିଲା । ସେ ଋତୁରାଜ ଗାୟଏୱାଡ (୧୩ ଅପରାଜିତ)ଙ୍କ ସହିତ ତୃତୀୟ ୱିକେଟ ପାଇଁ ୭୫ ରନ୍ ପାର୍ଟନରସିପ୍ କରିଥିଲେ । କୋହଲି ଲଗାତାର ଦୁଇଟି ଛକା ମାରି ଭାରତକୁ ବିଜୟୀ କରାଇଥିଲେ ।




ଟସ୍ ହାରିବା ପରେ ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୫ ରନ୍ କରିଥିଲା । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜଷ୍ଟିନ୍ ଗ୍ରୀଭ୍ସ ସର୍ବାଧିକ ୧୦୮ ବଲରୁ ୧୦୧ ରନ୍ କରିଥିଲେ । ଜନ୍ କ୍ୟାମ୍ପବେଲ୍ ୬୦ ବଲରୁ ୬୨ ରନ୍ କରିଥିଲେ । କେସି କାର୍ଟି ୧୩ ରନ୍ କରିଥିଲେ ଏବଂ ଅଧିନାୟକ ଶାଇ ହୋପ୍ ୧୨ ରନ୍ କରିଥିଲେ । ଜୁଏଲ୍ ଆଣ୍ଡ୍ରୁଜ୍ ୧୦ ରନ୍ କରି ଅପରାଜିତ ରହିଥିଲେ । ଆମିର ଜାଙ୍ଗୁ ୪୩ ବଲରୁ ୫୮ ରନ୍ କରି ଅପରାଜିତ ରହିଥିଲେ । ଭାରତ ପାଇଁ କୁଲଦୀପ ଯାଦବ ଚମତ୍କାର ବୋଲିଂ କରିଥିଲେ ଏବଂ ୪ ୱିକେଟ୍ ନେଇଥିଲେ । ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଏବଂ ନୀତୀଶ କୁମାର ରେଡ୍ଡି ଗୋଟିଏ ୱିକେଟ୍ ନେଇଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି